

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୬ ନଭେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 26 NOVEMBER 2020

Vol.No. 30 ■ No. 299 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ପୂଜାସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ୨୯ରେ ଆଉ ଏକ ଲଘୁଚାପ ସମ୍ଭାବନା

ଭୁବନେଶ୍ୱର,୨୫।୧୧ (ନି.ପ୍ର): ଆସନ୍ତା ୨୯ ତାରିଖ ସୁଦ୍ଧା କେନ୍ଦ୍ରୀୟ ବଙ୍ଗୋପସାଗରର ଦକ୍ଷିଣ ଭାଗରେ ପୁଣି ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏନେଇ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ସାମୁଦ୍ରିକ ଝଡ଼ 'ନିଭାର୍ ତୀବ୍ର ବାତ୍ୟାରେ ପରିଣତ ହୋଇ ଆଜି ବିଳମ୍ବିତ ରାତିରେ ପୁଡୁଚେରୀର କରାଇକେଲ୍ ଓ ତାମିଲନାଡୁର ମାମଲାପୁରମ୍ ମଧ୍ୟରେ ସ୍ଥଳ ଭାଗ ଛୁଇଁବ ବୋଲି ପାଣିପାଗ ବିଭାଗ ଆକଳନ କରିଛି । ଏହା ପ୍ରଭାବରେ ତାମିଲନାଡୁ ଓ ପୁଡୁଚେରୀରେ ବର୍ଷା ଜାରି ରହିଛି । ସମ୍ଭାବ୍ୟ ବାତ୍ୟାକୁ ନଜରରେ ରଖି ତାମିଲନାଡୁ ଓ ପୁଡୁଚେରୀରେ ହାଇ ଆଲର୍ଟ ଜାରି କରାଯିବା ସହ ଆଜି ସରକାରୀ ଛୁଟି ଘୋଷଣା କରାଯାଇଛି । ତେବେ ଏହାର ପ୍ରଭାବ ଓଡିଶା ଉପରେ ଦେଖାଦେଇନାହିଁ। ଦକ୍ଷିଣ ଓଡିଶାରେ ବର୍ଷାରେ କାଁଭାଁ ବର୍ଷା ହୋଇଥିବା ବେଳେ ଅନ୍ୟ ସ୍ଥାନମାନଙ୍କରେ ପାଗ ମେଘୁଆ ରହିଥିଲା।

## ରକ୍ତଭଣ୍ଡାରର ଠିକା କର୍ମଚାରୀଙ୍କୁ ଦରମା ଦିଆଯାଉ

ଭୁବନେଶ୍ୱର,୨୫।୧୧ (ନି.ପ୍ର): ରକ୍ତଭଣ୍ଡାରରେ କାମ କରୁଥିବା ଠିକା କର୍ମଚାରୀ ମାନଙ୍କୁ ଦୀର୍ଘ ଦିନ ଧରି ପାରିଶ୍ରମିକ ଦିଆ ନ ଯିବା ଦୁର୍ଭାଗ୍ୟଜନକ । ଯ ଦି ସେମାନଙ୍କୁ ଦରମା ଦିଆ ନ ଯିବ ତେବେ ସେମାନଙ୍କ ପରିବାର ଚଳିବ କେମିତି । ତେଣୁ ସ୍ୱାସ୍ଥ୍ୟ ମନ୍ତ୍ରୀ ଏହି ପ୍ରସଙ୍ଗକୁ ଗୁରୁତ୍ୱର ସହ ନେଇ ସେମାନଙ୍କର ପାରିଶ୍ରମିକ ପ୍ରଦାନ କରନ୍ତୁ ବୋଲି ବିଧାନସଭାରେ ଦାବି କରିଛନ୍ତି ବିରୋଧୀ ଦଳର ଉପନେତା ବିଷ୍ଣୁ ସେଠୀ ।

### ଡିସେମ୍ବର ପାଇଁ କୋଭିଡ୍ ଗାଇଡ୍ ଲାଇନ ଜାରିକଲା କେନ୍ଦ୍ର

# ନାଇଟ କର୍ଫ୍ୟୁକୁ ହଁ, ଲକଡାଉନକୁ ନା



ନୂଆଦିଲ୍ଲୀ,୨୫।୧୧ (ନି.ପ୍ର): ଶୀତ ଦିନରେ କରୋନା ବ୍ୟାପିବାର ସମ୍ଭାବନା ଅଧିକ ରହିଛି। ଏ ନେଇ କେନ୍ଦ୍ର ସରକାର ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଂଚଳକୁ ସତର୍କ କରାଇଛନ୍ତି। ଏବେ ଡିସେମ୍ବର ମାସ ପାଇଁ କେନ୍ଦ୍ର ସରକାର ଗାଇଡଲାଇନ୍ ଜାରି କରିଛନ୍ତି। ଯେଉଁଥିରେ ଗୃହ ମନ୍ତ୍ରାଳୟ କହିଛି କଣ୍ଟେନମେଣ୍ଟ ଜୋନ୍ ଆକ୍ରାନ୍ତ କାହା ସହିତ ଯୋଗାଯୋଗରେ ଥିଲେ ତା ଉପରେ ଗୁରୁତ୍ୱ ଦେବାକୁ କହିଛନ୍ତି। ଡିସେମ୍ବର ୧ ତାରିଖରୁ ଏହି ସମସ୍ତ ଦିଗ ଉପରେ କଡ଼ା ନଜର ରଖିବାକୁ କେନ୍ଦ୍ର ସରକାର କହିଛନ୍ତି। ଦେଶର କେତେକ ରାଜ୍ୟରେ କରୋନା ଦିନକୁ ଦିନ ଗମ୍ଭୀର ହେବାରେ ଲାଗିଛି। ଏହି ସମୟରେ ଗୃହ ମନ୍ତ୍ରାଳୟ ମନିଟରିଂ କରିବା ସହିତ ସତର୍କତା ପାଇଁ ନିର୍ଦ୍ଦେଶନାମା ଜାରି କରିଛି। ଏହି ଗାଇଡ୍ ଲାଇନ୍ ବର୍ଷ ଶେଷ ଯାଏ ବଳବତ୍ତର ରହିବ। ତେବେ ଆର୍ନ୍ତଜାତୀୟ ବିମାନ ଚଳାଚଳକୁ ଅନୁମତି ଦେଇଛି ଗୃହ ମନ୍ତ୍ରାଳୟ। ୫୦ ପ୍ରତିଶତ ଦର୍ଶକଙ୍କୁ ନେଇ ଚାଲିପାରିବ ସିନେମା ହଲ୍, ଥିଏଟର। କ୍ରୀଡ଼ାବିତଙ୍କ ପାଇଁ ସୁଇମିଂ ପୁଲ୍ ଖୋଲା ରଖିବାକୁ ବି ଅନୁମତି ଦେଇଛନ୍ତି ସରକାର। ବ୍ୟବସାୟିକ ଉଦ୍ଦେଶ୍ୟରେ ପ୍ରଦର୍ଶନୀ ହଲ୍ ଖୋଲାଯିବାକୁ ଅନୁମତି ମିଳିଛି। ସେହିପରି ସାମାଜିକ, କ୍ରୀଡ଼ା, ମନୋରଂଜନ, ଶୈକ୍ଷିକ କାର୍ଯ୍ୟକୁ ସର୍ତମୂଳକ ଅନୁମତି ଦେଇଛି କ୍ରୀଡ଼ା। କୋଭିଡକୁ ରୋକିବା ନେଇ ଯେଉଁ ସବୁ ବ୍ୟବସ୍ଥା ସଫଳ ହୋଇଛି ସେହି ସବୁ ବ୍ୟବସ୍ଥା ଆପଣାଇବାକୁ କହିଛି କେନ୍ଦ୍ର। ଯାହାଦ୍ୱାରା ଆକ୍ରାନ୍ତଙ୍କ ସଂଖ୍ୟା କମିବ। ନିୟମ ଗୁଡ଼ିକୁ ସଠିକ୍ ଭାବରେ ପାଳନ ହେଉଛି କି ନାହିଁ ସେ ଦିଗରେ ସୁନିଶ୍ଚିତ କରାଇବାକୁ ରାଜ୍ୟକୁ କେନ୍ଦ୍ର କହିଛି। ନିୟମ କଡ଼ାକଡ଼ି ପାଳନ ନେଇ ସୁନିଶ୍ଚିତ କରିବାକୁ ଜିଲ୍ଲା ପ୍ରଶାସନ, ପୁଲିସ ଏବଂ ପୌରପାଳିକା ଅଧିକାରୀଙ୍କୁ ସରକାର ଉତ୍ତରଦାୟୀ କରିଛନ୍ତି ସ୍ଥିତି ବେକାବୁ ହେଲେ ରାଜ୍ୟମାନେ ସ୍ଥାନୀୟ ପ୍ରତିବନ୍ଧକ ଲଗାଇପାରନ୍ତି ବୋଲି ଗୃହ ମନ୍ତ୍ରାଳୟ କହିଛି। ଗତକାଲି କରୋନା

▶▶ପୃଷ୍ଠା ୭

## ବରିଷ୍ଠ କଂଗ୍ରେସ ନେତା ଅହମ୍ମଦ ପଟେଲଙ୍କ ଦେହାନ୍ତ



ନୂଆଦିଲ୍ଲୀ ,୨୫।୧୧ (ନି.ପ୍ର): ବୁଧବାର ସକାଳେ କଂଗ୍ରେସର ବରିଷ୍ଠ ନେତା ଅହମ୍ମଦ ପଟେଲଙ୍କର ୭୧ ବର୍ଷ ବୟସରେ ଦେହାନ୍ତ ହୋଇଛି। ଏକ ମାସ ପୂର୍ବରୁ ଅହମ୍ମଦ ପଟେଲ କରୋନା ସଂକ୍ରମିତ ହୋଇଥିଲେ, ଯାହା ପରେ ତାଙ୍କ ସ୍ୱାସ୍ଥ୍ୟ ଅବନତି ଚାଲିଥିଲା ଏବଂ ଗୁରୁଗ୍ରାମର ମେଦାନ୍ତ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ବୁଧବାର ଭୋର ପ୍ରାୟ ୩.୩୦ ସମୟରେ ଅହମ୍ମଦ ପଟେଲଙ୍କ ପରଲୋକ ହୋଇଥିବା ତାଙ୍କ ପୁଅ ଫୈଜଲ ପଟେଲ ତାଙ୍କ ମୃତ୍ୟୁ ସମ୍ପର୍କରେ ସୂଚନା ଦେଇଥିଲେ। ଅହମ୍ମଦ ପଟେଲଙ୍କ ମୃତଦେହକୁ ସନ୍ଧ୍ୟାରେ ଦିଲ୍ଲୀରୁ ଭଡୋଦାକୁ ନିଆଯିବ ଏବଂ ସେଠାରୁ ତାଙ୍କ ପୈତୃକ ଗ୍ରାମ ଭରୁଚ ସ୍ଥିତ ପିରାମନକୁ ନିଆଯାଇ ଗୁରୁବାର ସକାଳ ପ୍ରାୟ ୯ ଟା ସମୟରେ ସମାଧି ଦିଆଯିବ। ଅହମ୍ମଦ ପଟେଲଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଏବଂ ଦେଶର ବହୁ ବଡ ରାଜନେତା ଦୁଃଖ ପ୍ରକାଶ କରିଛନ୍ତି। ସୋନିଆ ଗାନ୍ଧୀ କହିଛନ୍ତି ଯେ ସେ ଜଣେ ଅଦ୍ଭୁତ ସାଥୀ ହରାଇଛନ୍ତି, ଯିଏକି ସାରା ଜୀବନ କଂଗ୍ରେସ ପାଇଁ କାମ କରୁଥିଲେ। ସୂଚନାନୁସାରେ ଗତ ଅକ୍ଟୋବର ୧ ତାରିଖରେ ଅହମ୍ମଦ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ତେବେ ପୁଣି ଅସୁସ୍ଥ .ହେବାରୁ ତାଙ୍କୁ ଗତ ନଭେମ୍ବର ୧୫ ତାରିଖରେ ▶▶ପୃଷ୍ଠା ୭

## ଦଶମ ଓ ଦ୍ୱାଦଶ ପରୀକ୍ଷାର ଟାଇମ୍ ଫ୍ରେମ୍ ପ୍ରସ୍ତୁତ କରିବାକୁ ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି



ଭୁବନେଶ୍ୱର , ୨୫ ନଭେମ୍ବର - କୋଭିଡ-୧୯ ପରିସ୍ଥିତିରେ ଦଶମ ଓ ଦ୍ୱାଦଶ ପରୀକ୍ଷାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଚଳିତ ଶିକ୍ଷା ବର୍ଷରେ ପାଠପଢ଼ା ହୋଇପାରି ନ ଥିବା ବେଳେ ପରୀକ୍ଷାକୁ ନେଇ ଛାତ୍ରଛାତ୍ରୀ , ଅଭିଭାବକ ଓ ଶିକ୍ଷକ ଦ୍ୱନ୍ଦ୍ୱରେ ରହୁଛନ୍ତି । ତେଣୁ ଦଶମ ଓ ଯୁକ୍ତ ୨ ପରୀକ୍ଷା ନିମନ୍ତେ ଜାତୀୟ ସ୍ତରରେ ଏକ ଗାଇଡଲାଇନ୍ ପ୍ରସ୍ତୁତ କରିବା ସହ ପରୀକ୍ଷା ପାଇଁ ଟାଇମ ଫ୍ରେମ୍ ପ୍ରସ୍ତୁତ କରିବାକୁ ବୁଧବାର ଦିନ ଲେଖିଥିବା ଚିଠିରେ କହିଛନ୍ତି ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶାରେ ମାର୍ଚ୍ଚ ୧୭ରୁ ସ୍କୁଲ ଓ କଲେଜଗୁଡ଼ିକୁ ବନ୍ଦ ରଖାଯାଇଥିବା ବେଳେ କୋଭିଡ ପରିସ୍ଥିତିକୁ ଦୃଷ୍ଟିରେ ରଖି ଡିସେମ୍ବର ୩୧ ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରଖାଯାଇଛି। ▶▶ପୃଷ୍ଠା ୭

## ଜଗାକୁ ଛାଡ଼ି ଚାଲିଗଲା କାଳିଆ



କଟକ,୨୫।୧୧ (ନି.ପ୍ର): ବହୁଚର୍ଚ୍ଚିତ କନ୍ଧମାଳର ଯୋଡ଼ାମୁଣ୍ଡ ଶିଶୁ ବଳିଆ ଶେଷରେ ଆଖି ବୁଜିଛି। ଆଜି ରାତି ୯.୧୦ ମିନିଟରେ ଚିକିତ୍ସାଧୀନ ଅବସ୍ଥାରେ ତାର ମୃତ୍ୟୁ ଘଟିଛି। ଏସସିବି ଅଧୀକ୍ଷକ ପ୍ରଫେସର ଡାକ୍ତର ଲୁସି ଦାସ ସୂଚନା ଦେଇଛନ୍ତି ଯେ ଭେଂଟିଲେଟରରେ ଥିବା ବଳିଆର ନିମୋନିଆ ଓ ସେପ୍ଟିସେମିଆ ହେତୁ ମୃତ୍ୟୁ ଘଟିଛି। ଆଜି ହଠାତ୍ ବଳିଆର ଅବସ୍ଥା ସଙ୍କଟାପନ୍ନ ହୋଇପଡ଼ିଥିଲା। ଦୁଇଦିନ ହେଲା ବଳିଆକୁ ଭେଂଟିଲେରରେ ଭର୍ତ୍ତି କରାଯାଇଥିବାବେଳେ ତାର ହାତ, ଗୋଡ଼ ସବୁ ଫୁଲି ଯାଇଥିଲା। ନିଶ୍ୱାସ, ପ୍ରଶ୍ୱାସ ଠିକ୍‌ରେ ଯାଉନଥିବାଲେ ଅବସ୍ଥା ବିଗିଡ଼ିବାରେ ଲାଗିଥିଲା। ଏକ ସ୍ୱତନ୍ତ୍ର ବିଶେଷଜ୍ଞ ଡାକ୍ତରୀଦଳ ଏସସିବି ଅଧୀକ୍ଷକ ପ୍ରଫେସର ଡାକ୍ତର ଲୁସି ଦାସଙ୍କ ନେତୃତ୍ୱରେ ତାର ଚିକିତ୍ସା କରୁଥିଲେ। ୨୦୧୯ ସେପ୍ଟେମ୍ବରରେ ଦିଲ୍ଲୀ ଏମ୍ସରୁ ଅସ୍ତ୍ରୋପଚାର ହୋଇ ଆସିବା ପରେ ଏସସିବିରେ ଚିକିତ୍ସିତ ହେଉଥିଲେ ଜଗା-ବଳିଆ। ନ୍ୟୁରୋସର୍ଜରୀ ଶିଶୁରୋଗ ବିଭାଗ, ନିଶ୍ଚେତକ, ଇଏନଟି ତଥା ବିଭିନ୍ନ ବିଭାଗର ୧୪ଜଣିଆ ବିଶେଷଜ୍ଞ କମିଟି ଚିକିତ୍ସା କରୁଥିଲେ।

## ପଂଜାବରେ ଲାଗୁ ହେଲା ନାଇଟ୍ କର୍ଫ୍ୟୁ

ଚଣ୍ଡୀଗଡ,୨୫।୧୧ (ନି.ପ୍ର): ଦିଲ୍ଲୀ-ଏନସିଆରରେ କରୋନାଙ୍କ ଗୁରୁତର ପରିସ୍ଥିତିକୁ ଦୃଷ୍ଟିରେ ରଖି ପଞ୍ଜାବର ମୁଖ୍ୟମନ୍ତ୍ରୀ କ୍ୟାପଟେନ ଅମରିନ୍ଦର ସିଂ ବୁଧବାର ରାଜ୍ୟରେ ନୂତନ କଟକଣା ଘୋଷଣା କରିଛନ୍ତି। ରାଜ୍ୟର ସମସ୍ତ ସହର ଏବଂ ସହରରେ ପୁନର୍ବାର ରାତ୍ରି କର୍ଫ୍ୟୁ ଲାଗୁ କରାଯାଇଛି। ଡିସେମ୍ବର ୧ ରୁ ମାସ୍କ ନ ପିନ୍ଧିବା କିମ୍ବା ସାମାଜିକ ଦୂରତା ଅନୁସରଣ ନକରିବା ପାଇଁ ଦଣ୍ଡ ଦୁଇଗୁଣ ହେବ ବୋଲି ପଂଜାବ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ନୂତନ କଟକଣା ଅନୁଯାୟୀ ପଞ୍ଜାବର ସମସ୍ତ ହୋଟେଲ, ରେଷ୍ଟୁରାଂଟ ଏବଂ ବିବାହ କାର୍ଯ୍ୟକ୍ରମ ରାତି ୯.୩୦ ସୁଦ୍ଧା ବନ୍ଦ ରହିବ। ରାତ୍ରି କର୍ଫ୍ୟୁ ରାତି ୧୦ ଟାରୁ ସକାଳ ୫ ଟା ପର୍ଯ୍ୟନ୍ତ ବଳବତର ରହିବ। ସେହିପରି କୋଭିଡ୍ ନିୟମ ଉଲ୍ଲଂଘନ କଲେ ୫୦୦ ଟଙ୍କା ବଦଳରେ ୧୦୦୦ ଟଙ୍କା ଜୋରିମାନା ଆଦାୟ କରାଯିବ। ୧୫ ଡିସେମ୍ବରରେ ନାଇଟ୍ କର୍ଫ୍ୟୁର ସମୀକ୍ଷା କରାଯିବ ।

## ଭାରତ ବନ୍ଦ ବେଳେ ବିଧାୟିକଙ୍କୁ ଅଟକାଇଲେ କଂଟ୍ରୋଲ ରୁମକୁ ଜଣାଅ

ଭୁବନେଶ୍ୱର,୨୫।୧୧ (ନି.ପ୍ର): ଆସନ୍ତା କାଲି ବିଭିନ୍ନ ଟ୍ରେଡ୍ ୟୁନିୟନ ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଥିବାରୁ ଏହାକୁ ଦୃଷ୍ଟିରେ ରଖି ବିଧାୟକ, ବିଧାୟିକା ମାନଙ୍କୁ ବିଧାନ ସଭା ଆସିବା ସମୟରେ ଯଦି କୌଣସି ବ୍ୟକ୍ତି ବା ସଂସ୍ଥା ବାଧା ସୃଷ୍ଟି କରନ୍ତି ଭୁବନେଶ୍ୱର ଡିସିପିଙ୍କ କଂଟ୍ରୋଲ ରୁମକୁ ତୁରନ୍ତ ଜଣାଇବାକୁ ଉପବାଚସ୍ପତି ଘୋଷଣାରେ କହିଛନ୍ତି । ଆଜି ଦ୍ୱିତୀୟାର୍ଦ୍ଧ ବୈଠକରେ ବେସରକାରୀ ବିଲ୍ ଉପରେ ଆଲୋଚନା ଚାଲିଥିଲା ବେଳେ ଉପବାଚସ୍ପତି ରଜନୀକାନ୍ତ ସିଂ ଏ ସମ୍ପର୍କରେ କରିଥିବା ଘୋଷଣାରେ କହିଥିଲେ ଯେ, ▶▶ପୃଷ୍ଠା ୭

## ପରୀ ହତ୍ୟା ମାମଲାର ହେବ କ୍ରାଇମବ୍ରାଂଚ ତଦନ୍ତ



ଭୁବନେଶ୍ୱର ,୨୫।୧୧ (ନି.ପ୍ର): ନୟାଗଡ଼ ଯଦୁପୁରର ଶିଶୁକନ୍ୟା 'ପରୀ' ମୃତ୍ୟୁ ମାମଲାର କ୍ରାଇମବ୍ରାଂଚ ତଦନ୍ତ ହେବ। ବୁଧବାର ଦିନ ବିଧାନସଭାରେ ଗୃହରାଷ୍ଟ୍ର ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର ଏହି ଘୋଷଣା କରିଛନ୍ତି। ଗତକାଲି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଏଘଟଣାରେ ଗୃହରାଷ୍ଟ୍ରମନ୍ତ୍ରୀ ବିବୃତି ରଖିବାକୁ ରୁଲିଂ ଦେଇଥିଲେ। ସେହି ଅନୁଯାୟୀ ଗୃହର ଦ୍ୱିତୀୟାର୍ଦ୍ଧ ବୈଠକରେ ଗୃହରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ୍ ମିଶ୍ର କହିଛନ୍ତି ଯେ ପରୀ ମୃତ୍ୟୁ ମାମଲାରେ ୪ ଜଣଙ୍କର ପଲିଗ୍ରାଫ୍ ଟେଷ୍ଟ କରାଯାଇଛି। ସମୁଦାୟ ୩୪ ଜଣଙ୍କୁ ପଚରାଉଚରା କରାଯାଇଛି। ସମସ୍ତ ସଂଦିଗ୍ଧଙ୍କ କଲ ରେକର୍ଡ ଯାଂଚ କରାଯାଇଛି। ସନ୍ଦିଗ୍ଧଙ୍କର ବ୍ୟାଙ୍କ କାରବାରକୁ ବି ତନଖି କରାଯାଇଛି । ନୟାଗଡ ଏସଡିପିଓ ଏହି ମାମଲାର ତଦାରଖ କରୁଛନ୍ତି , ତାହା ବର୍ତ୍ତମାନ ତଦନ୍ତାଧୀନ ଅଛି ବୋଲି ମନ୍ତ୍ରୀ କହିଛନ୍ତି । ଅନ୍ୟପକ୍ଷରେ ମନ୍ତ୍ରୀ ମାନିଛନ୍ତି ଯେ ପରୀକୁ ଅପହରଣ ପରେ ହତ୍ୟା କରାଯାଇଛି। ନୟାଗଡ ସଦର ଥାନା ଅନ୍ତର୍ଗତ ଯଦୁପୁର ଗ୍ରାମର ଅଶୋକ ସାହୁଙ୍କ ୫ ବର୍ଷର ଝିଅ ନିଖୋଜ ହେବାର ଅଭିଯୋଗ ପରେ ୧୪ ଜୁଲାଇରେ ସଦର ଥାନାରେ ୯୮/୨୦ରେ ୩୬୩ରେ ମାମଲା ରୁଜୁ ହୋଇଥିଲା। ତଦନ୍ତଭାର ନେଇଥିବା ଏସଆଇ ଏସକେ ଦାସ ଝିଅର ଅନୁସନ୍ଧାନ ପାଇଁ ଭିଏଚଏଫ୍ ବାର୍ତାମାଧ୍ୟମରେ ସବୁ ଥାନାକୁ ଜଣାଇ ସାକ୍ଷୀମାନଙ୍କୁ ପଚରାଉଚରା କରିଥିଲେ। ସନ୍ଧାନୀ ପୋଲିସ୍ କୁକୁର ମଧ୍ୟ ନିୟୋଜିତ କରାଯାଇଥିଲା। ▶▶ପୃଷ୍ଠା ୭

## ଆଜି ଭାରତ ବନ୍ଦ



ଭୁବନେଶ୍ୱର,୨୫।୧୧ (ନି.ପ୍ର): ଆସନ୍ତାକାଲି (ଗୁରୁବାର) କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ କୃଷକ ସଂଗଠନ ପକ୍ଷରୁ ଭାରତ ବନ୍ଦର ଡାକରା ଦିଆଯାଇଛି। ସରକାରୀ କ୍ଷେତ୍ରର ଘରୋଇକରଣ , ନୂଆ କୃଷି ଆଇନ ଓ ଶ୍ରମିକ ମାରଣ ନୀତି ବିରୋଧରେ ଏହି ଭାରତ ବନ୍ଦ ଡାକରା ଦିଆଯାଇଛି। ଏହି ଧର୍ମଘଟକୁ ବିଭିନ୍ନ ବାମପନ୍ଥୀ ଦଳ , ଫରୱାର୍ଡ ବ୍ଲକ୍ ଓ କଂଗ୍ରେସ ସମର୍ଥନ ଜଣାଇଛନ୍ତି। ବନ୍ଦ ସମୟରେ କେବଳ ଜରୁରୀ ସେବାକୁ ଛାଡ଼ି ଅନ୍ୟ ସମସ୍ତ କ୍ଷେତ୍ରକୁ ବନ୍ଦ ରଖିବା ପାଇଁ ସଂଗଠନଗୁଡ଼ିକ ପକ୍ଷରୁ ଆହ୍ୱାନ ଦିଆଯାଇଛି।

## ଭୁବନେଶ୍ୱରରେ ୨୪ ଘଂଟାରେ ୩୧ ପଜିଟିଭ୍ , ୫୫ ସୁସ୍ଥ

ଭୁବନେଶ୍ୱର,୨୫।୧୧ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ଧିରେ ଧିରେ କରୋନା ସଂକ୍ରମଣ ହ୍ରାସ ପାଉଛି। ବୁଧବାର ଦିନ ଆଉ ୩୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରେ ୮ ଜଣ ସଂଗରୋଧ ଓ ୨୩ ଜଣ ସ୍ଥାନୀୟ ଅଂଚଳରୁ ଅଛନ୍ତି। ଅନ୍ୟପକ୍ଷରେ ୫୫ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ଏବଂ ଜଣଙ୍କର ମୃତ୍ୟୁ ହୋଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି। ନୂତନ ଆକ୍ରାନ୍ତଙ୍କୁ ମିଶାଇ ଭୁବନେଶ୍ୱରରୁ ଆଜି ପର୍ଯ୍ୟନ୍ତ ୩୦,୫୬୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ▶▶ପୃଷ୍ଠା ୭

## ବିଧାନସଭାରେ ଉଠିଲା ଏଏନଏମ ମାନଙ୍କୁ ଛଟେଇ ପ୍ରସଙ୍ଗ

ଭୁବନେଶ୍ୱର,୨୫।୧୧ (ନି.ପ୍ର): କୋଭିଡ ସମୟରେ ତିନି ମାସ ପାଇଁ କାମ କରାଇବା ପରେ ଏଏନଏମ ମାନଙ୍କୁ ଛଟେଇ କରା ଯିବା ପ୍ରସଙ୍ଗ ବିଧାନସଭାରେ ଉଠିଛି । ସେମାନଙ୍କୁ ଛଟେଇ ନ କରି ସେମାନଙ୍କୁ କମ ପାରଶ୍ରମିକରେ ହେଲେ ମଧ୍ୟ କାମରେ ରଖା ଯାଉ ବୋଲି ବିରୋଧୀ ଦଳର ବିଧାୟକ ମାନେ ଦାବି କରିଛନ୍ତି । ବିରୋଧୀ ଦଳର ନେତା ପ୍ରଦୀପ୍ତ ନାୟକ ଏହି ପ୍ରସଙ୍ଗ ଉଠାଇ କହିଛନ୍ତି ଯେ କୋଭିଡ ସମୟରେ ଏହି ଏଏନଏମ ମାନଙ୍କ ଠାରୁ କାମ ନିଆ ଯାଇଥିଲା । ସେମାନେ ନିଜ ଜୀବନକୁ ବାଜି ଲଗାଇ କୋଭିଡ ରୋଗୀ ମାନଙ୍କର ସେବା କରିଥିଲେ । ଡାକ୍ତର ମାନେ ଯେତେବେଳେ ରୋଗୀ ମାନଙ୍କ ଠାରୁ ଦୂରରେ ରହୁଥିଲେ ସେତେବେଳେ ଏହି ଏଏନଏମ ମାନେ ଜୀବନକୁ ଭ୍ରୂକ୍ଷେପ ନକରି କୋଭିଡ ▶▶ପୃଷ୍ଠା ୭

## ରାଜ୍ୟରେ ଆଉ ୧୬ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୧୬୮୭ ହେଲା

ଭୁବନେଶ୍ୱର,୨୫।୧୧ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୬ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୬୮୭ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ସୁନ୍ଦରଗଡ ଜିଲ୍ଲାର ୪ ଜଣ ତଥା ପୁରୀ ଜିଲ୍ଲାର ୩ ଜଣ ରହିଛନ୍ତି । ସେହିପରି ଖୋର୍ଦ୍ଧା ଜିଲ୍ଲାର ୨ ଜଣ ତଥା ଅନୁଗୁଳ, ବରଗଡ, ଭଦ୍ରକ, କଟକ, ଢେଙ୍କାନାଳ, ଗଂଜାମ, ଯାଜପୁର ଜିଲ୍ଲାରୁ ଜଣେ ଜଣେ ଅଛନ୍ତି । ଅନୁଗୁଳ ଜିଲ୍ଲାର ଜଣେ ୩୮ ବର୍ଷୀୟ ମହିଳାଙ୍କ ମୃତ୍ୟୁ ଘଟିଛି । ବରଗଡ ଜଣେ ୪୦ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି। ସେ ମଧୁମେହରେ ପୀଡିତ ଥିଲେ । ଭଦ୍ରକ ଜିଲ୍ଲାର ଜଣେ ୫୬ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ▶▶ପୃଷ୍ଠା ୭

# ବେଆଇନ ଭାବେ ମୋରୁମ କାଢୁଥିବା ୪ଟି ଟ୍ରାକ୍ଟର ଓ ଗୋଟି ଏଜେସିବି ଜବତ

ମାଲକାନଗିର,୨୫।୧୧ (ନି.ପ୍ର): ରାଜସ୍ୱ ବିଭାଗ ଆଖିରେ ଧୂଳି ଦେଇ ବେଆଇନ ଭାବେ ମାଟି କାଟୁଥିଲେ ଠିକାଦାର, ଏନଆରଜିଏସ ରାସ୍ତା କାମରେ ବ୍ୟବହାର କରୁଥିଲେ ମୋରୁମ ମାଟି, ସବୁ ଜାଣିଶୁଣି କିନ୍ତୁ ନିରବ ଥିଲା ବ୍ଲକ ପ୍ରଶାସନ। ଖବର ପାଇ ଚଢ଼ାଉ କଲେ ବାଲିମେଳା ରାଜସ୍ୱ ନିରୀକ୍ଷକ, ଜବତ କଲେ ଗୋଟିଏ ଜେସିବି ଏବଂ ୪ ଟି ଟ୍ରାକ୍ଟର। ଏପରି ଘଟଣା ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ନୀଳାକାଙ୍କେରୁ ପଂଚାୟତ ର ସାରିଆପାଲ୍ଲୀ ଠାରୁ ହରିପୁର ଗ୍ରାମକୁ ସଂଯୋଗ ନିମନ୍ତେ ଆସିଥିବା ୭୬୦ ମିଟର ଏନଆରଜିଏସ ରାସ୍ତାରେ ବେଆଇନ ଭାବେ ମୋରୁମ ମାଟି ବ୍ୟବହୃତ ହେଉଥିବା ଦେଖିବାକୁ ମିଳିଛି। ଠିକାଦାର ଏବଂ ଯନ୍ତ୍ରୀ ଙ୍କ ମଧୁଚନ୍ଦ୍ରିକା ରେ ଏନଆରଜିଏସ କାମରେ ଲାଗୁଚି ମେସିନ, ଅଳ୍ପ କିଛି ଟଙ୍କା ବ୍ୟୟ କରି ମେସିନ ଯୋଗେ ରାତାରାତି କାମ ସାରି ଠିକାଦାର ହେଉଛନ୍ତି ମାଲେମାଲ କିନ୍ତୁ ସବୁ ଜାଣି ନୀରବଦ୍ରଷ୍ଟା ସାଜିଛି ପ୍ରଶାସନ। ତେବେ କାମ ନ ପାଇ ଲୋକେ ପୁଣି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ବେଳେ ଏଠି ଏନଆରଜିଏସ କାମରେ ଶ୍ରମିକ ପରିବର୍ତ୍ତେ ବ୍ୟବହାର କରୁଥିଲେ ମେସିନ, ଜେସିବି ଯୋଗେ ମାଟି କାଟି ରାଜସ୍ୱ ବିଭାଗ କୁ ରାଜସ୍ୱ ନ ଦେଇ ରାତା ରାତି କରୁଥିଲେ ଚୋରି କାମ। ଖବର ପାଇ ବାଲିମେଳା ରାଜସ୍ୱ ନିରୀକ୍ଷକ ଲମ୍ବୋଦର ପାତ୍ର ଘଟଣା ସ୍ଥଳରେ ପହଂଚି ଚଢ଼ାଉ କରିଥିଲେ। ତେବେ ରାଜସ୍ୱ ନିରୀକ୍ଷକ ଠିକାଦାର କୁ ଏ ନେଇ ପଚାରିବାରୁ ସେ ରାଜସ୍ୱ ବିଭାଗ ର ଚାଲାଣ କାଟିଥିବା କହିଥିଲେ। ଠିକାଦାର ଙ୍କୁ ଚାଲାଣ ଦେଖାଇବାକୁ କହିବାରୁ ସେ ପୂର୍ବରୁ ଉସ୍କାପାଲ୍ଲୀ ମୌଜା ରୁ ଏହିପରି ଏକ ବେଆଇନ ଭାବେ ମାଟି କାଟୁଥିବା ର ପୂର୍ବ ଚାଲାଣ ଦେଖାଇଥିଲେ। ସେହି ଚାଲାଣ କୁ ପଂଚାୟତ ଜିଆରଏସ ରସ୍ମୟ ବେପାରୀ ଦେଇଥିବା କହିଥିଲେ। ଏବଂ ଜିଆରଏସ କହିଥିଲେ ଯେ ଚାଲାଣ ପୂର୍ବରୁ କଟାଯାଇଛି ତେଣୁ ତୁମେ ନିର୍ଭୟ ରେ କାମ କର ଏବଂ ସେ ଏହି ବାବଦ କୁ ଠିକାଦାର ଙ୍କ ଠାରୁ ୧୦.୦୦୦ ଟଙ୍କା ନେଇଥିବା ଠିକାଦାର ଘେନୁ ଖରା କହିଥିଲେ। କେବଳ ଏହି ଗୋଟିଏ ସ୍ଥାନ ନୁହେଁ ଏପରି ବହୁ ସ୍ଥାନରେ ରାଜସ୍ୱ ବିଭାଗ ଆଖିରେ ଧୂଳି ଦେଇ ଦଲାଲ ମାନେ ଏପରି କାମ କରୁଥିବା ଦେଖିବାକୁ ମିଳୁଛି। ତେଣୁ ଏଥିପ୍ରତି ଦୃଷ୍ଟି ଦେଇ ରାଜସ୍ୱ ବିଭାଗ ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି।

## ଛତିଶାନିଯୋଗ ବୈଠକ ଅନୁଷ୍ଠିତ

ପୁରୀ,୨୫।୧୧ (ନି.ପ୍ର): ଆସନ୍ତା ୨୭ ତାରିଖରେ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କ ନାଗାର୍ଜୁନ ବେଶ ଅନୁଷ୍ଠିତ ହେବାକୁ ଯାଉଛି । ଶୃଙ୍ଖଳିତ ଭାବେ ବେଶ ସମାପନ ନେଇ ଆଜି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ନୀତି ପ୍ରଶାସକଙ୍କ ଅଧ୍ୟକ୍ଷତାରେ ନିଳାଦ୍ରୀ ଭକ୍ତ ନିବାସରେ ଆୟୋଜିତ ଏହି ଛତିଶାନିଯୋଗ ବୈଠକରେ ସେବାୟତ ଓ ବିଭିନ୍ନ ନିଯୋଗର ସଦସ୍ୟ ଉପସ୍ଥିତ ଥିବା ଜଣାପଡିଛି । ଜିଲ୍ଲାପାଳ ବଲବନ୍ତ ସିଂହ, ଏସପି କନଓ୍ୱର ବିଶାଲ ସିଂହ ଓ ଛତିଶାନିଯୋଗର ମହାନାୟକ ଯୋଗ ଦେଇଛନ୍ତି ।

# ନୟାଗଡର ପରୀ ହତ୍ୟାକାରୀଙ୍କୁ ଗିରଫ ଦାବିରେ ଆମେ ଭାରତବାସୀ ତରଫରୁ ବିକ୍ଷୋଭ

ଭୁବନେଶ୍ୱର,୨୫।୧୧ (ନି.ପ୍ର): ନୟାଗଡ଼ ଜିଲ୍ଲାର ନାବାଳିକା ପରୀ ହତ୍ୟାକାଣ୍ଡର ଅପରାଧୀମାନଙ୍କୁ ତୁରନ୍ତ ଗିରଫ ଓ କାର୍ଯ୍ୟାନୁଷ୍ଠାନ ଦାବିରେ 'ଆମେ ଭାରତବାସୀ' ପକ୍ଷରୁ ଭୁବନେଶ୍ୱର ମାଷ୍ଟର କ୍ୟାଂଟିନଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ନୟାଗଡର ଶିଶୁ କନ୍ୟା ପରୀକୁ ଜୁଲାଇ ୧୪ ତାରିଖରେ ଅପହରଣ କରାଯିବା ପରେ ୨୩ ଜୁଲାଇରେ ତାର ମୃତ ଶରୀରର ଅଂଶବିଶେଷ ମିଳିଥିଲା। ଏହି ଘଟଣାକୁ ଏତେ ଦିନ ବିତିଯାଇଥିଲେ ହେଁ କାହାରିକୁ ଗିରଫ କରାଯାଇନାହିଁ କି କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ହତ୍ୟାକାଣ୍ଡ ସହ ଜଡିତ ପ୍ରଭାବଶାଳୀ ଅପରାଧୀ ଖୋଲାଖୋଲି ପିଡିତା ପରିବାରକୁ ଆକ୍ରମଣ କରିଚାଲିଥିବା ବେଳେ କଙ୍ଗାରୁ କୋର୍ଟର ନିର୍ଦ୍ଦେଶରେ ପିଡିତା ପରିବାରଙ୍କୁ ବିଭିନ୍ନ ସମୟରେ ଥାନାକୁ ଡକାଇ ନିର୍ଯାତନା ଦିଆଯାଉଛି। ପୋଲିସର ଏତାଦୃଶ କାର୍ଯ୍ୟ ପ୍ରତିବାଦରେ ଆଜି ପିଡିତାର ପିତାମାତା ଓଡିଶା ବିଧାନସଭା ସମ୍ମୁଖରେ ଆତ୍ମାହୁତି ଦେଲାବେଳେ ପୋଲିସ ଦ୍ୱାରା ଅଟକ ଅଛନ୍ତି। ଲୋକଶକ୍ତି ଅଭିଯାନର ସଭାପତି ପ୍ରଫୁଲ୍ଲ ସାମନ୍ତରାୟ, ଲୋହିଆ ଏକାଡେମୀ ସମ୍ପାଦକ ଦେବ ପ୍ରସାଦ ରାୟ, ସିପିଆଇ ନେତା ଜୟନ୍ତ ଦାସ, ପ୍ରମୁଖ ପରୀ ହତ୍ୟାକାରୀଙ୍କ ଗିରଫ ଓ କଠୋର ଦଣ୍ଡବିଧାନ ପାଇଁ ଦାବି କରିଛନ୍ତି।

# ଆଧାର ନଥିଲେ ଜାନୁୟାରୀରୁ ମିଳିବନି ଭତା

କେନ୍ଦ୍ରାପଡ଼ା,୨୫।୧୧ (ନି.ପ୍ର): ଆଧାର ଲିଙ୍କ ନହେଲେ କୌଣସି ସରକାରୀ ସୁବିଧା ମିଳି ପାରିବ ନାହିଁ । ମାନ୍ୟବର ସୁପ୍ରିମ କୋର୍ଟ ୨୦୨୦ ଜୁଲାଇ ପର୍ଯ୍ୟନ୍ତ ସାମାଜିକ ସୁରକ୍ଷା ଯୋଜନା ରେ ହିତାଧିକାରୀ ମାନଙ୍କୁ ରିହାତି ଦେଇଥିଲେ । ରାଜ୍ୟ ସରକାର କରୋନା ମହାମାରୀ ଦୃଷ୍ଟିରୁ ଏହି ରିହାତିକୁ ଚଳିତ ବର୍ଷ ଡିସେମ୍ବର ଶେଷ ସୁଦ୍ଧା ବଢାଇ ଦେଇଛନ୍ତି । ଅନ୍ୟ ପକ୍ଷରେ ବରର୍ତମାନ ସୁଦ୍ଧା ଜିଲ୍ଲାରେ ୨୭ ହଜାର ୨୫୫ ଜଣ ସାମାଜିକ ସୁରକ୍ଷା ହିତାଧିକାରୀ ଆଧାର ଲିଙ୍କ କରି ନଥିବାରୁ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କୁ ତଥ୍ୟ ପ୍ରଦାନ କରିବାରେ ଜିଲ୍ଲା ପ୍ରଶାସନ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି । ଏହାକୁ ଗୁରୁତର ସହ ବିଚାର କରି ଜିଲ୍ଲାପାଳ ସମର୍ଥ ବର୍ମା ଚଳିତ ମାସ ୧୮ ତାରିଖରେ ଜିଲ୍ଲାର ସମସ୍ତ ବିଡିଓ ଓ ପୌର ନିର୍ବାହୀ ଅଧିକାରୀ ମାନଙ୍କୁ ପଂଚାୟତ ଓ ୱାର୍ଡ ସ୍ତରରେ ସ୍ୱତନ୍ତ୍ର ଆଧାର କ୍ୟାମ୍ପ କରି ହିତାଧିକାରୀ ମାନଙ୍କୁ ଆଧାର ଯୋଗାଇ ଦେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ମହାକାଳପଡା ଓ ପଟ୍ଟାମୁଣ୍ଡାଇ ବ୍ଲକରେ ଏହି କ୍ୟାମ୍ପ ଆରମ୍ଭ ହୋଇଥିବା ବେଳେ ଇ ଗର୍ଭନାନ୍ସ ମ୍ୟାନେଜର ଜ୍ଞାନ ରଞ୍ଜନ ସେଠୀ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ତଦାରଖ କରିଥିଲେ । ଯେଉଁ ହିତାଧିକାରୀ ମାନେ ପ୍ରଶାସନର ନିର୍ଦ୍ଦେଶ ସତ୍ୱେ ଆଧାର ଲିଙ୍କ ନକରିବେ ସେମାନେ ୨୦୨୧ ଜାନୁୟାରୀ ଠାରୁ କୌଣସି ସରକାରୀ ଭତା ପାଇ ପାରିବେ ନାହିଁ ବୋଲି ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଦାସ ସୂଚନା ଦେଇଛନ୍ତି ।

## ୱେବିନାର ଜରିଆରେ ଏକ ଭାରତ ଶ୍ରେଷ୍ଠ ଭାରତ କାର୍ଯ୍ୟକ୍ରମ

କନ୍ଧମାଳ,୨୫।୧୧ (ନି.ପ୍ର): ଭାଷାର ଆଦାନ ପ୍ରଦାନ କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ଭାରତ ଶ୍ରେଷ୍ଠ ଭାରତ କାର୍ଯ୍ୟକ୍ରମ ୱେବିନାର ଜରିଆରେ ଅନୁଷ୍ଠିତ ହୋଇଯାଇଛି । ଭାରତ ସରକାରଙ୍କ ନେହେରୁ ଯୁବ ସଂଗଠନ ଫୁଲବାଣୀ ଦ୍ୱାରା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାରାଷ୍ଟ୍ର ଏବଂ ଓଡିଶାର ନେହେରୁ ଯୁବ କେନ୍ଦ୍ରର କର୍ମକର୍ତାଙ୍କୁ ନେଇ ଭାଷାର ଆଦାନ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ନେହେରୁ ଯୁବ ସଂଗଠନର ଜି.ଇ, ଦିଲ୍ଲିର ମୁଖ୍ୟ ମଣ୍ଡଳ ନିର୍ଦ୍ଦେଶକ, ନେହେରୁ ଯୁବ ସଂଗଠନ ଓଡିଶା ମୁଖ୍ୟ କାର୍ଯ୍ୟାଳୟର ମହା ନିର୍ଦ୍ଦେଶକ, ଫୁଲବାଣୀ କାର୍ଯ୍ୟାଳୟର ସଂଯୋଜକ ନଭନିତ କୁମାର ଓ କନ୍ଧମାଳର ସ୍ୱେଚ୍ଛାସେବୀ ମାନେ ଯୋଗ ଦେଇଥିଲେ । କୋଭିଡ ସଂକ୍ରମଣ ଯୋଗୁଁ ଅନୁଷ୍ଠିତ କାର୍ଯ୍ୟକ୍ରମଟି ୱେବିନାର ଯୋଗେ ଆୟୋଜିତ ହୋଇଥିଲା । ଏଥିରେ ମହାରାଷ୍ଟ୍ର ଓ ଓଡିଶାର ସ୍ୱେଚ୍ଛାସେବୀ ମାନଙ୍କ ମଧ୍ୟରେ ଭାଷାର ଆଦାନ ପ୍ରଦାନ ସହିତ ପ୍ରଶ୍ନ ଉ ର କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିବା ନେଇ ଫୁଲବାଣୀ ନେହେରୁ ଯୁବ ସଂଗଠନର ଜିଲ୍ଲା ସଂଯୋଜକଙ୍କ ସୂତ୍ରରୁ ଜଣାପଡିଛି ।

# ସରକାରଙ୍କ ଯୋଜନା କାହା ପାଇଁ, ୭୦ବର୍ଷର ଆଦିବାସୀ ବିଧବାଙ୍କୁ ମିଳୁନାହିଁ ଭତା

ହରିଚନ୍ଦନପୁର,୨୫।୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଦୈତାରୀ ଥାନା ଟାଙ୍ଗିରିଆପାଳ ଗ୍ରାମ ପଂଚାୟତରେ ଆଦିବାସୀ ବୃଦ୍ଧବୃଦ୍ଧାମାନେ ସରକାରଙ୍କ ଭତ୍ତା ଯୋଜନାରୁ ବଂଚିତ ହୋଇରହିଥିବା ଅଭିଯୋଗ ହୋଇଛି । ପ୍ରଶାସନ ଓ ନିର୍ବାଚିତ ପ୍ରତିନିଧିଙ୍କ ଖାମଖିଆଲି ମନୋଭାବ ଓ ଅବହେଳା କାରଣରୁ ଅନେକ ଆଦିବାସୀ ଯୋଗ୍ୟ ହିତାଧିକାରୀ ଭତା ପାଇବାରୁ ବଂଚିତ ହୋଇରହିଥିବା ନଜିର ରହିଛି । ସରକାରଙ୍କ ଏହି ଭତା ଯୋଜନା କାହା ପାଇଁ ? ଏହି ଯୋଜନା ସଫଳ ରୂପାୟନ ହୋଇ ସବୁ ବର୍ଗର ଲୋକଙ୍କ ପାଖରେ ଆଦୃତ ହୋଇଛି । ହେଲେ ଏହି ଯୋଜନା କେନ୍ଦୁଝର ଜିଲ୍ଲା ଆଦିବାସୀ ଅଧୁଷିତ ହରିଚନ୍ଦନପୁର ବ୍ଲକର କେତେକ ନିର୍ବାଚିତ ପ୍ରତିନିଧି ଓ ଅଧିକାରୀଙ୍କ ଅବହେଳା ଯୋଗୁଁ ବାଟବଣା ହୋଇପଡ଼ିଥିବା ବୁଦ୍ଧିଜୀବି ମହଲରେ ମତ ପ୍ରକାଶ । ଟାଙ୍ଗିରିଆପାଳ ପଂଚାୟତ ମହିସୀଗୋଠ ସାହିର ଆଦିବାସୀ ବିଧବା ବୃଦ୍ଧା ଗୌରୀ ସୋରେନ(୭୦)ଙ୍କୁ ଭତାଟିଏ ଆଜି ପର୍ଯ୍ୟନ୍ତ ମିଳିପାରିନାହିଁ । ସ୍ୱାମୀ ଭୁଡୁଲୁ ସୋରେନ ଆଜକୁ ୧୦ବର୍ଷ ପୂର୍ବେ ମୃତ୍ୟୁ ବରଣ କରିବା ପରେ ଗୌରୀ ଅତି ଗରିବ ଓ ଅସହାୟ ହୋଇପଡିଛନ୍ତି । ଭତାଟିଏ ପାଇଁ ବହୁବାର ପଂଚାୟତ ଠାରୁ ଆରମ୍ଭ କରି ପଂଚାୟତ ସମିତିରେ ଆବେଦନ କରିଥିଲେ ମଧ ଆଜି ପର୍ଯ୍ୟନ୍ତ ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିନାହାନ୍ତି । ସରପଂଚ ଓ ୱାର୍ଡ ମେମ୍ବରଙ୍କ ପାଖରେ ବାରମ୍ବାର ଗୁହାରି କରିଥିଲେ ମଧ ତାଙ୍କୁ ଭତାଟିଏ ମିଳିପାରିନାହିଁ, ଦିନକୁ ଦିନ ବୟସ ବଢିବା କାରଣରୁ ୩୦ କିଲୋମିଟର ଅତିକ୍ରମ କରି ପାୟତ କାର୍ଯ୍ୟାଳୟକୁ ବାରମ୍ବାର ଯିବା ତାଙ୍କ ପକ୍ଷେ ସମ୍ଭବ ହେଉନାହିଁ । ଆଉ କେତେ ବର୍ଷ ବୟସ ହେଲେ ତାଙ୍କୁ ସରକାରଙ୍କ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ଓ ଭତାଟିଏ ତାଙ୍କୁ ମିଳିବ ବୋଲି ସେ କହିଛନ୍ତି । କେନ୍ଦୁଝର ଜିଲ୍ଲାପାଳ ଏଦିଗରେ ଦୃଷ୍ଟି ଦେଇ ତାଙ୍କୁ ଯଥାଶୀଘ୍ର ଭତା ଯୋଜନାରେ ଅନ୍ତର୍ଭୁକ୍ତ କରାଇବାକୁ ଜନସାଧାରଣରେ ଦାବି ହୋଇଛି ।

# ବିଜେପି ଗୋବରୀ ମଣ୍ଡଳ କାର୍ଯ୍ୟକର୍ତା ସମ୍ମିଳନୀ

କେନ୍ଦ୍ରାପଡ଼ା,୨୫।୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକର ଗୋବରୀ ମଣ୍ଡଳ ର କାର୍ଯକର୍ତା ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ସରପଂଚ ଉଦୟ ଦାସଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଜେପି ନେତା ବିଜୟ ପ୍ରଧାନ ମଣ୍ଡଳ ସଭାପତି ପ୍ରଶାନ୍ତ ସେଠୀ, ଶରତ ମହାନ୍ତି, ସତ୍ୟ ସାମଲ, ଉଦୟ ନାଥ ଦାସ, ବ୍ରହ୍ମାନନ୍ଦ ବାରିକ ,ଶିବ ପ୍ରସାଦ ସ୍ୱାଇଁ, ପବିତ୍ର ପ୍ରଧାନ, ସୁର ପଲାଇ ପ୍ରମୁଖ ଯୋଗଦେଇ ଜନ ସାଧାରଣଙ୍କ ସମସ୍ୟା ସମାଧାନ ପାଇଁ ଦଳ ପକ୍ଷରୁ ଉଦ୍ୟମ କରାଯିବ ବୋଲି ସୂଚନା ଦେବା ସହ ପଂଚାୟତ ସ୍ତର ରେ ସଂଗଠନକୁ ସୁଦୃଢ଼ କରିବା ପାଇଁ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ସ୍ଥାନୀୟ କାର୍ଯ୍ୟକର୍ତା ମାନେ ସହଯୋଗ କରିଥିଲେ ।

# କେନ୍ଦୁଝର: ଭୁବନେଶ୍ୱର-କେନ୍ଦୁଝରଗଡ ଫାଷ୍ଟ ପାସେଞ୍ଜର ଟ୍ରେନ ଚଳାଚଳ ଦାବୀ

କେନ୍ଦୁଝର,୨୫।୧୧ (ନି.ପ୍ର): ଭୁବନେଶ୍ୱର-କେନ୍ଦୁଝର ଫାଷ୍ଟ ପାସେଞ୍ଜର ଚଳାଚଳ କରିବାକୁ କେନ୍ଦୁଝର ଯୁବ ପରିଷଦ ପକ୍ଷରୁ ଡି. ଆର୍. ଏମ୍ . ଙ୍କ ନିକଟରେ ଦାବୀ କରାଯାଇଛି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଦୀର୍ଘ ଦିନ ଧରି ପାସେଞ୍ଜର ଟ୍ରେନ ଚଳାଚଳ ବନ୍ଦ ରହିଛି। ବର୍ତମାନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା କମୁଥିବା ବେଳେ ପରିସ୍ଥିତି ଧୀରେ ଧୀରେ ପୂର୍ବ ଅବସ୍ଥାକୁ ଫେରୁଛି। ବର୍ତମାନ ବହୁ ଲୋକ ମେଡିକାଲ କାମ, ହାଇକୋର୍ଟ କାମ ଏବଂ ଅନ୍ୟାନ୍ୟ ଜରୁରୀ କାମରେ କଟକ, ଭୁବନେଶ୍ୱର ଯାତାୟତ କରୁଛନ୍ତି। ବସ ଏବଂ ଅନ୍ୟାନ୍ୟ ଗାଡିରେ ଯାତାୟତ କଲେ ଅଯଥା ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ବିଶେଷ କରି ଗରିବ ଲୋକମାନଙ୍କ ଆର୍ଥିକ ସ୍ଥିତି ଖରାପ ଥିବା ଦୃଷ୍ଟିରୁ ଅଧିକ ଭଡା ଦେଇ ଯାତାୟତ କରିବା ସେମାନଙ୍କ ପକ୍ଷରେ ସମ୍ଭବ ହୋଇପାରୁନାହିଁ। ଲୋକଙ୍କ ସୁବିଧା ପାଇଁ ପୂର୍ବ ପରି ଭୁବନେଶ୍ୱର-କେନ୍ଦୁଝରଗଡ ଫାଷ୍ଟ ପାସେଞ୍ଜର ଟ୍ରେନ ଚଳାଚଳ କରିବାକୁ କେନ୍ଦୁଝର ଯୁବ ପରିଷଦର ଆବାହକ ବରଦା ପ୍ରସନ୍ନ ଦାସ କେନ୍ଦୁଝଗଡ ଷ୍ଟେସନ ମାଷ୍ଟରଙ୍କ ଜରିଆରେ ଡି. ଆର. ଏମ. ଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରି ତୁରନ୍ତ ଏହି ଟ୍ରେନ ଚଳାଚଳ କରିବାକୁ ଦାବୀ କରିଛନ୍ତି। ଏହି ଦାବୀ ଜଣାଇବା ସମୟରେ ସ୍ୱରୂପ ଦାସ, ସଞ୍ଜୟ ନାୟକ, ସଞ୍ଜିବ ଜେନା, ସୁକୁମାର ସାହୁ, ଲୁଲୁ ମଙ୍ଗରାଜ, ସାଗର ଲୋହାର ଏବଂ ରାଧାକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦୁଝର :ସ୍କୁଲ ବନ୍ଦ ନିଷ୍ପତିକୁ ନେଇ ତାତିଲେ ଅଭିଭାବକ ଓ ଛାତ୍ରଛାତ୍ରୀ: ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଫିସ ଘେରାଉ

କେନ୍ଦୁଝର,୨୫।୧୧ (ନି.ପ୍ର): ସରକାରଙ୍କର ସ୍କୁଲ ମିଶ୍ରଣ ନାମରେ ସ୍କୁଲ ବନ୍ଦ ନିଷ୍ପତି କୁ ନେଇ କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରେ ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଥିବା ବେଳେ ପ୍ରତିବାଦର ସ୍ୱର ଉଠିଛି । ଇତି ମଧ୍ୟରେ ଏଥିପାଇଁ ଜିଲ୍ଲାର ତେଲକୋଇ ବ୍ଲକର ଦୋବଲାପାଲ ପଂଚାୟତ ଅଧିନସ୍ଥ ବାଂଶପାଳ ଗ୍ରାମ ଝାରସାହୀ ର ପ୍ରାଥମିକ ବିଦ୍ୟାଳୟକୁ ସରକାରଙ୍କ ପକ୍ଷରୁ ବନ୍ଦ କରାଯାଇ ଏହି ସ୍କୁଲକୁ ସେଠାରୁ ପ୍ରାୟ ଦୁଇ କିଲୋମିଟର ଦୂର ଚନ୍ଦ୍ରଶେଖରପୁର ୟୁ.ଜି. ବିଦ୍ୟାଳୟ ସହିତ ମିଶ୍ରଣ କରାଯାଇତିବା ଘଟଣାକୁ ନେଇ ସୃ୍ଟି ହୋଇଛି ବିବାଦ । ଏ ଘଟଣାକୁ ନେଇ ଛାତ୍ର ଛାତ୍ରୀ ଓ ଅଭିଭାବକମାନେ ଶିକ୍ଷା ବିଭାଗ କାର୍ଯ୍ୟାଳୟ କୁ ଘେରାଉ କରି ନିଜର ଅସନ୍ତୋଷ ବ୍ୟକ୍ତ କରିଥିଲେ । ସେମାନଙ୍କର କହିବାନୁଶାରେ ସରକାରଙ୍କର ବର୍ତମାନର ଶିକ୍ଷାନୀତି ଅନୁଶାରେ ୧୫ ଜଣରୁ କମ୍ ଛାତ୍ର ଛାତ୍ରୀ ରହିଥିବା ସ୍କୁଲକୁ ଅନ୍ୟ ସ୍କୁଲ ସହ ମିଶ୍ରଣ ର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ସଂପୃକ୍ତ ବିଦ୍ୟାଳୟରେ ୧୬ ଜଣ ଛାତ୍ର ଛାତ୍ରୀ ରହିଥିବା ବେଳେ ଚଳିତ ବର୍ଷ ମଧ୍ୟ ଅନ୍ୟ ୧୦ ଜଣ ଛାତ୍ର ଛାତ୍ରୀ ଆଡମିଶନ କରିବା କଥା । ତେବେ ଆଗରୁ ସରକାରଙ୍କର ୨୫ ଜଣ ପିଲା ଥିବା ସ୍କୁଲ ବନ୍ଦର ନିୟମ ଥିବା କାରଣରୁ ସ୍କୁଲ ପ୍ରଧାନ ଶିକ୍ଷକ ଅଧିକ ପିଲାଙ୍କୁ ଆଡମିଶନ କରି ନଥିଲେ । ଫଳରେ ଏବେ ଏହି ସ୍କୁଲ ବନ୍ଦ ହେବାର ସମ୍ଭାବନା ଅଧିକ ବଢି ଯାଇଛି । ଏହାକୁ ନେଇ ଅଭିଭାବକ ଓ ଛାତ୍ର ଛାତ୍ରୀ ମାନେ ଏକତ୍ର ହୋଇ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଘେରାଉ କରିଥିଲେ । ଅଭିଭାବକ ମାନଙ୍କ ମଧ୍ୟରେ ଅବନ୍ତି ପେଣ୍ଣେଇଙ୍କ କହିବା ଅନୁଶାରେ ଶିକ୍ଷା ବିଭାଗର ଅବହେଳା ଅବହେଳା ଯୋଗୁଁ କିପରି ଜଙ୍ଗଲ ମଧ୍ୟ ଦେଇ ସେମାନଙ୍କର କୁନି କୁନି ଦୁଇ କିଲୋମିଟର ରାସ୍ତା ଅତିକ୍ରମ କରି ଅନ୍ୟ ସ୍କୁଲ କୁ ପାଠ ପଢିବାକୁ ଯିବେ ବୋଲି ପ୍ରଶ୍ନ କରିଛନ୍ତି । ବିଲ, ପୋଖରୀ , ଜଙ୍ଗଲ ପାର ହୋଇ ବିଦ୍ୟାଳୟ ଯାଇ ପାଠ ପଢିବା ଆମ ପିଲାଙ୍କ ପକ୍ଷରେ ସମ୍ଭବ ନୁହେଁ । ସରକାର ସ୍କୁଲ ବନ୍ଦ କଲେ ଆମ ପିଲା ମାନେ ମୁର୍ଖ ହୋଇ ହୋଇ ବୁଲିବେ ନହେଲେ ଗାଇ ଛେଳି ଚରାଇବେ ପଛେ କିନ୍ତୁ ନିଜ ଜୀବନକୁ ବିପନ୍ନ କରି ଦୂର ସ୍କୁଲକୁ ଯିବା ନାହିଁ । ସରକାର ଯଦି ଆମ ପିଲାମାନେ ମୁର୍ଖ ହୁଅନ୍ତୁ ବୋଲି ଚାହୁଁଛନ୍ତି ତେବେ ତାହା ହିଁ ହେଉ । ତେବେ ଦାୟିତ୍ୱରେ ଥିବା ଏ. ବି. ଓ. କ୍ଷୀରୋଦ କୁମାରୀ ମହାନ୍ତ ଙ୍କ କହିବାନୁଶାରେ ସରକାରଙ୍କର ନିର୍ଦ୍ଦେଶନୁଶାରେ ସଂପୃକ୍ତ ସ୍କୁଲକୁ ଚନ୍ଦ୍ରଶେଖରପୁର ୟୁ. ଜି. ଏମ. ଇ . ସ୍କୁଲ ସହ ସଲଗ୍ନ କରାଯାଇଥିଲା । ଏବେ ୧୫ ଜଣ ଛାତ୍ର ଛାତ୍ରୀ ପାଇଁ ଯୋଜନା କରାଯିବା କାରଣରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା । ତେବେ ଅଭିଭାବକ ଓ ଛାତ୍ର ଛାତ୍ରୀ ମାନଙ୍କ ସହ ଆଲୋଚନା କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଛନ୍ତି ।

# ଏସ୍‌ମା ଆଇନ୍ ସଂଶୋଧନକୁ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ମାନଙ୍କ ଦୃଢ଼ ବିରୋଧ

ଭୁବନେଶ୍ୱର,୨୫।୧୧ (ନି.ପ୍ର): ରାଜ୍ୟ ବିଜେଡ଼ି ସରକାରଙ୍କ ଅତ୍ୟାବଶ୍ୟକ ସେବା (ରକ୍ଷଣାବେକ୍ଷଣ) ଆଇନ - ୧୯୮୮, ୧୯୮୮ ଏସ୍‌ମା ଆଇନ ସଂଶୋଧନକୁ ରାଜ୍ୟର କେନ୍ଦ୍ରୀୟ ଟେଡ଼ ୟୁନିୟନମାନେ ଦୃଢ଼ ବିରୋଧ କରିଛନ୍ତି । ରାଜ୍ୟ ସରକାର ଏସ୍‌ମାକୁ ସଂଶୋଧନ କରି ସରକାରୀ କର୍ମଚାରୀ ଓ ଶ୍ରମିକମାନେ ଧର୍ମଘଟ କଲେ ୧ ବର୍ଷ ଜେଲ ଦଣ୍ଡ ଓ ୫୦୦୦ ଟଙ୍କା ଜୋରିମନା ଦେବାର ବ୍ୟବସ୍ଥା ଲାଗୁ କରିଛି । ଚାକିରୀରୁ ବରଖାସ୍ତ କରିବା ଭଳି କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଏହି ସଂଶୋଧିତ ଆଇନରେ ବ୍ୟବସ୍ଥା କରାଯାଇଛି । ସରକାର ଅତ୍ୟାବଶ୍ୟକ ସେବା (ରକ୍ଷଣାବେକ୍ଷଣ) ବିଲ୍ -୨୦୨୦ ଗତକାଲି ବିଧାନସଭାରେ ଆଗତ କରିଥିଲେ । ପାଣି, ବିଦ୍ୟୁତ୍, ଖାଦ୍ୟ ସମଗ୍ରୀ ବଂଟନ, ଶାନ୍ତି ଶୃଙ୍ଖଳା, ସର୍ବସାଧାରଣ ନିରାପତା ଓ ସୁରକ୍ଷା ଦାୟିତ୍ୱ ଭଳି ଅତ୍ୟାବଶ୍ୟକ ସେବାରେ ନିଯୁକ୍ତ ଶ୍ରମିକ କର୍ମଚାରୀମାନେ ଧର୍ମଘଟ କଲେ ସେମାନଙ୍କୁ ଜେଲ ଓ ଜୋରିମାନ ଦଣ୍ଡିତ କରିବା ପାଇଁ ଆଇନ୍ ହୋଇଛି । ଶ୍ରମିକ କର୍ମଚାରୀମାନେ ସର୍ବଦା ନିଜର ନ୍ୟାୟୋଚିତ ଦାବୀ ଆଦାୟ ପାଇଁ ଗଣତାନ୍ତ୍ରିକ ଓ ସମ୍ବିଧାନ ପ୍ରଦତ ଅଧିକାର ଅନୁଯାୟୀ, ଧାରଣା, ବିକ୍ଷୋଭ, ପ୍ରତିବାଦ ଓ ଧର୍ମଘଟ କରିଥାନ୍ତି । ରାଜ୍ୟ ସରକାର ଅଗଣତାନ୍ତ୍ରିକ ଭାବେ ଏଭଳି ଏକ କଳା ଆଇନ୍ ସଂଶୋଧନ କରି ଶ୍ରମିକ କର୍ମଚାରୀମାନଙ୍କ ମୌଳିକ ଅଧିକାରକୁ ଛଡ଼ାଇ ନେବାକୁ ବସିଛନ୍ତି । ରାଜ୍ୟର କେନ୍ଦ୍ରୀୟ ଟ୍ରେଡ଼ ୟୁନିୟନ ମାନଙ୍କର ମିଳିତ ମଂଚ ସରକାରଙ୍କର ଏପରି ଆଇନ ସଂଶୋଧନକୁ ଦୃଢ଼ ବିରୋଧ କରିବା ସହିତ ଏହାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବୀ କରିଛନ୍ତି । ରାଜ୍ୟର ସମସ୍ତ କେନ୍ଦ୍ରୀୟ ଟ୍ରେଡ଼ ୟୁନିଅନ କର୍ମଚାରୀ ସଂଗଠନ, ଶ୍ରମିକ କର୍ମଚାରୀ, ବୁଦ୍ଧିଜୀବି, ଶ୍ରମଜୀବି ଓ ଜନସାଧାରଣ ରାଜ୍ୟ ସରକାର ଏଭଳି ଶ୍ରମିକ କର୍ମଚାରୀ ବିରୋଧି ନିତୀର ଦୃଢ଼ ପ୍ରତିବାଦ ଆଇନକୁ ରାଜ୍ୟ ସ୍ତରୀୟ କେନ୍ଦ୍ରୀୟ ଟ୍ରେଡ଼ ୟୁନିୟନ ପକ୍ଷରୁ ଡାକରା ଦିଆଯାଇଛି ।

# ମୀରା ମୃତ୍ୟୁ ନା ନିଖୋଜ, ସତ୍ୟ ଉନ୍ମୋଚନ ପାଇଁ ବାପର ଏସପିଙ୍କୁ ଗୁହାରୀ

କୋରେଇ,୨୫।୧୧ (ନି.ପ୍ର): କୁଆଖିଆ ଥାନା ଅନ୍ତର୍ଗତ ଓଡିଶୋ ଅଣ୍ଡେଇଗଡା ଗ୍ରାମର ରଂଜନ ମଳିକଙ୍କ ଝିଅ ୧୦ ବର୍ଷ ତଳେ ଜେନାପୁର ଥାନା ଅନ୍ତର୍ଗତ ବରଡା ଗ୍ରାମର ବନମାଳୀ ମଳିକଙ୍କ ପୁଅ ରାଜେନ୍ଦ୍ରକୁ ବୈଦିକ ରିତୀ ନିତୀରେ ବିବାହ କରିଥିଲା । ଅଧିକ ଯୌତୁକ ଦାବିରେ ମୀରାକୁ ବାରମ୍ବାର ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦିଆଯିବାର ଅଭିଯୋଗ ଆଣିଛନ୍ତି ବାପା ରଂଜନ । ହେଲେ ଗତ ସେପ୍ଟେମ୍ବର ୨୨ ତାରିଖ ମୀରା ତାର ଶାଶୁ ଘରୁ ନିଖୋଜ ହୋଇଛି । ଏନେଇ ରାଜେନ୍ଦ୍ର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ନିଖୋଜ ମାମଲା ରୁଜ୍ଜୁ କରିଛି । ଅପରପକ୍ଷେ ମୀରାକୁ ରାଜେନ୍ଦ୍ର ଓ ତାର ସମ୍ପର୍କୀୟ ପ୍ରକାଶ ମଳିକ ମାରିଦେଇ ନିଖୋଜ ମାମଲା କରାଇ ଘଟଣାକୁ ଭିନ୍ନମୋଡ ଦେବାକୁ ଚେଷ୍ଟା କରୁଥିବା ରଂଜନ ଅଭିଯୋଗ କରିଛନ୍ତି । ଅପରପକ୍ଷେ ପ୍ରକାଶ ମଧ୍ୟ ସେହି ଦିନ ଠାରୁ ନିଖୋଜ ଥିବା ନେଇ ମଧ୍ୟ ଥାନାରେ ଅଭିଯୋଗ ହୋଇ ମାମଲା ରୁଜ୍ଜୁ ହୋଇଛି । ଏଭଳି ଦ୍ୱନ୍ଦାତ୍ମକ ମାମଲାରେ ମୀରା ଏବେ କେଉଁଠି ତହା ଅସ୍ପଷ୍ଟ ରହିଛି । ବାପା ରଂଜନ ସୁପରିକଳ୍ପିତ ହତ୍ୟା ବୋଲି କହୁଥିବା ବେଳେ ମୀରା ନିଖୋଜ ନେଇ ସ୍ୱାମୀ ଦାବି କରୁଛନ୍ତି । ଏନେଇ ରଂଜନ ଘଟଣାର ସତତ୍ୟାର ପର୍ଦାଫାସ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରି ଏସପିଙ୍କୁ ଗୁହାରୀ କରିଛନ୍ତି ।

# ଏସ୍‌ମା ସଂଶୋଧନ ଆଇନ ପ୍ରତ୍ୟାହାର କରିବାକୁ ସିପିଆଇର ଦାବି

ଭୁବନେଶ୍ୱର,୨୫।୧୧ (ନି.ପ୍ର): ଗତକାଲି ଓଡ଼ିଶା ବିଧାନସଭାରେ ପାରିତ ହୋଇଥିବା ଗଣତନ୍ତ୍ର ଓ ସମ୍ବିଧାନ ବିରୋଧୀ ଓଡ଼ିଶା ଏସ୍‌ମା ସଂଶୋଧନ ଆଇନ ପ୍ରତ୍ୟାହାର ପାଇଁ ସିପିଆଇ ଦୃଢ଼ ଦାବି କରିଛି । ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ ଏକ ପ୍ରେସ୍ ବିବୃତିରେ କରିଛନ୍ତି ଯେ, ଶହ ଶହ ବର୍ଷର ସଂଗ୍ରାମ ଫଳରେ ଶ୍ରମିକ ଶ୍ରେଣୀ ଧର୍ମଘଟ ଅଧିକାର ହାସଲ କରିଛନ୍ତି । ଶ୍ରମିକ ସଙ୍ଗଠନ ଗଠନ କରି ଏହା ମାଧ୍ୟମରେ ଦାବି କରିବା ଓ ଦାବି ପୂରଣ ନ ହେଲେ ଧର୍ମଘଟ ଏହା ଭାରତୀୟ ସାମ୍ବିଧାନିକ ବ୍ୟବସ୍ଥା ଅଟେ । ଗତକାଲି ଓଡ଼ିଶା ଅତ୍ୟାବଶ୍ୟକୀୟ ସେବା ଯୋଗାଣ ଆଇନର ସଂଶୋଧନ ନାମରେ ଶ୍ରମିକ, କର୍ମଚାରୀମାନଙ୍କ ଧର୍ମଘଟକୁ ବେଆଇନ କରିବା ସହ ଅଂଶ ଗ୍ରହଣକାରୀ ଓ ଏହାର ସମର୍ଥନକାରୀଙ୍କୁ ଏକବର୍ଷ ପର୍ଯ୍ୟନ୍ତ ଜେଲ୍ ଓ ୫ ହଜାର ଟଙ୍କା ଜୋରିମାନା ବ୍ୟବସ୍ଥା କରାଯାଇଛି । ଏହା ଟ୍ରେଡ଼ ୟୁନିୟନର ଅଧିକାର ଧର୍ମଘଟ କରିବାର ଅଧିକାର ଓ ଅଭିବ୍ୟକ୍ତିର ଅଧିକାରକୁ ଖର୍ବ କରିବ । ଏହା କେବଳ ଶ୍ରମିକ କର୍ମଚାରୀ ଭିତରେ ସୀମିତ ନ ରହି ଟ୍ରେଡ଼ ୟୁନିୟନ, ରାଜନୈତିକ ଦଳ, ମାନବାଧିକାର ଆନ୍ଦୋଳନର କଣ୍ଠରୋଧ କରିବ । ଏହି ସମ୍ବିଧାନ ବିରୋଧୀ କଳା ଆଇନ ପ୍ରତ୍ୟାହାର ପାଇଁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଓଡ଼ିଶା ରାଜ୍ୟ କମିଟି ଦୃଢ଼ ଦାବି କରିଛି ।

## ଷ୍ଟ୍ରିଟ୍ ଲାଇଟ୍ ଲଗାଯିବା ପାଇଁ ଖୋଳାଯାଇଥିବା ଗାତରେ ଖସି ପଡିଲେ ଯୁବକ

**ଉଦ୍ଧାର କଲା ଦମକଳ ବାହିନୀ**

ଆନନ୍ଦପୁର,୨୫।୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ଆନନ୍ଦପୁର କଚେରୀ ପାଖ ଡ଼ଙ୍ଗା ଘାଟରେ ଷ୍ଟ୍ରିଟ୍ ଲାଇଟ୍ ଲଗାଯିବା ପାଇଁ ଖୋଳାଯାଇଥିବା ଗାତରେ ଆଜି ଅପରାହ୍ନରେ ଖସି ପଡିଥିଲେ ଜଣେ ଯୁବକ । ସ୍ଥାନୀୟ ଲୋକେ ଏ ସମ୍ପର୍କରେ ଜାଣିବା ପରେ ଆନନ୍ଦପୁର ଦମକଳ ବାହିନୀକୁ ଖବର ଦେଇଥିଲେ । ଖବର ପାଇ ବିଭାଗୀୟ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଂଚି ପ୍ରାୟ ଦେଢ଼ ଘଂଟାର ପରିଶ୍ରମ ପରେ ତାଙ୍କୁ ସେଠାରୁ ଉଦ୍ଧାର କରିଥିଲେ । ସମ୍ପୃକ୍ତ ଯୁବକଙ୍କ ନାମ ପ୍ରେମାନନ୍ଦ ରଣା (୨୫) ଓ ତାଙ୍କ ଘର ଆନନ୍ଦପୁର ପୌରାଂଚଳ ଅନ୍ତର୍ଗତ ମାଳିସାହିରେ ବୋଲି ଜଣାପଡିଛି ।

# ବହୁଭାଷୀ ଶିକ୍ଷକ ମାନଙ୍କୁ ନିୟମିତ କରାଯାଉ - ପ୍ରଦୀପ୍ତ ନାୟକ

ଭୁବନେଶ୍ୱର,୨୫।୧୧ (ନି.ପ୍ର): ଶିକ୍ଷା ସହାୟକ ମାନଙ୍କ ପରି ବହୁଭାଷୀ ଶିକ୍ଷକ ମାନଙ୍କୁ ମଧ୍ୟ ଛଅ ବର୍ଷ କାମ କରିବା ପରେ ନିୟମିତ କରା ଯାଉ ବୋଲି ଦାବି କରିଛନ୍ତି ବିରୋଧୀ ଦଳର ନେତା ପ୍ରଦୀପ୍ତ ନାୟକ । ମଙ୍ଗଳବାର ଦିନ ଏହି ପ୍ରସଙ୍ଗ ଉଠାଇ ବିରୋଧୀ ଦଳର ନେତା ପ୍ରଦୀପ୍ତ ନାୟକ କହିଥିଲେ ଯେ ୨୦୧୩ ମସିହାରେ ଶିକ୍ଷା ସହାୟକ ମାନଙ୍କ ସହିତ ବହୁଭାଷୀ ଶିକ୍ଷକ ମାନଙ୍କୁ ମଧ୍ୟ ନିଯୁକ୍ତି ଦିଆ ଯାଇଥିବା । ପିଲା ମାନଙ୍କୁ ସେମାନଙ୍କ ମାତୃଭାଷାରେ ପାଠ ପଢାଇବା ଉଦ୍ଦେଶ୍ୟ ନେଇ ଏମାନଙ୍କୁ ନିଯୁକ୍ତି ଦିଆ ଯାଇଥିଲା । ଶିକ୍ଷା ସହାୟକ ମାନଙ୍କୁ ଛଅ ବର୍ଷ ପରେ ନିୟମିତ କରା ଯାଉଥିବାବେଳେ ବହୁଭାଷୀ ଶିକ୍ଷକ ମାନଙ୍କୁ ଏଥିରୁ କାହିଁକି ବଂଚିତ କରା ଯାଉଛି ବୋଲି ସେ ପ୍ରଶ୍ନ କରିଥିଲେ । ଶ୍ରୀ ନାୟକ କହିଥିଲେ ଯେ ଶିକ୍ଷାକୁ ସବୁଠାରୁ ଅଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ଏଭଳି ସ୍ଥଳରେ ଏହି ବହୁଭାଷୀ ଶିକ୍ଷକ ମାନଙ୍କ ପ୍ରତି ଅନ୍ୟାୟ ବନ୍ଦ କରା ଯିବା ସହ ସେମାନଙ୍କୁ ନିୟମିତ କରା ଯାଉ । ଯଦ୍ୱାରା ସେମାନେ ଭଲ ଭାବେ ପାଠ ପଢାଇ ପାରିବେ ଓ ସମାଜର ବିକାଶ ଘଟିବ ବୋଲି ସେ କହିଛନ୍ତି । ଶ୍ରୀ ନାୟକ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କୁ ଠାରୁ ଏ ସମ୍ପର୍କରେ ରୁଲିଂ ଦାବି କରିଥିଲେ ସୁଦ୍ଧା ବାଚସ୍ପତି କୌଣସି ରୁଲିଂ ଦେଇ ନ ଥିଲେ । କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ମଧ୍ୟ ବିରୋଧୀ ଦଳର ନେତାଙ୍କ ଦ୍ୱାରା ଉଠା ଯାଇଥିବା ପ୍ରସଙ୍ଗକୁ ସମର୍ଥନ କରିଥିଲେ ଓ ଏହି ଶିକ୍ଷକ ମାନଙ୍କୁ ନିୟମିତ କରିବାକୁ ଦାବି କରିଥିଲେ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୬ ନଭେମ୍ବର ୨୦୨୦, ଗୁରୁବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ମାନ୍ଦାରୁ ମୁକୁଳିବା କେବେ ?...

ମାସ ମାସ ଧରି କରୋନା ସଂକ୍ରମଣ ଲାଗି ରହିଥିବା ଭିତରେ ଅର୍ଥନୀତିରେ ଉପୁନ୍ନ ଅବାଞ୍ଛିତ ସ୍ଥିତିରୁ ମୁକୁଳିବା ସକାଶେ ଉଦ୍ୟମ ଚାଲିଛି । ସରକାର ଗୋଟିକ ପରେ ଗୋଟିଏ ପ୍ୟାକେଜ୍ ଘୋଷଣା କରିବା ଅବ୍ୟାହତ ରଖିଛନ୍ତି । ନିଜେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦ ଲକ୍ଷ କୋଟିର ପ୍ୟାକେଜ୍ ଘୋଷଣା କରି ତଦ୍ୱାରା କ୍ଷୁଦ୍ର, ତଥା ମଧ୍ୟମ ଉଦ୍ୟୋଗପତିଙ୍କ ପାଇଁ ବିଶେଷ ସହାୟତାର ପ୍ରାବଧାନ କରିଥିବା ବେଳେ ବ୍ୟାଙ୍କିଂ ଶିଳ୍ପକୁ ଅନାଦାୟ ସ୍ଥିତି (ଏନ୍‌ପିଏ)ରୁ ମୁକୁଳିବା ପାଇଁ ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ବଡ଼ ପ୍ୟାକେଜ୍ ଘୋଷଣା କରିଥିଲେ । ତାହା ବାଦ୍ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଶଶିକାନ୍ତ ଦାଶ ଆର୍ଥିକ ଦୁର୍ଗତିରୁ ମୁକ୍ତି ପାଇଁ ବୃହତ୍ ପ୍ୟାକେଜ୍ ଅନୁଦାନ ଘୋଷଣା କରିଥିଲେ । ଏହି ସବୁ ବ୍ୟବସ୍ଥା କରୋନା ମହାସଂକ୍ରମଣ ଜନିତ କ୍ଷତି ଭରଣା ଦିଗରେ 'ଗୋଦରା କୋଡ଼େ ଯେତେ ମାଡ଼େ ସେତେ' ଭଳି ହେଲା । ବ୍ୟାଙ୍କ ସମୂହରେ ଏନ୍‌ପିଏ ହାର କ୍ରମାଗତ ବଢ଼ିବଢ଼ି ଚାଲିଛି । ତାହାରି ଭିତରେ ଅର୍ଥଶାନ୍ତ୍ରୀମାନେ ଅଦୂର ଭବିଷ୍ୟତରେ ସୁଧାର ସ୍ଥିତି ଚାଲି ଆସିବାର ସମ୍ଭାବନା ଢେର ଊଣା ବୋଲି କହି ସାରିଲେଣି ।

ଉଭୟ ରାଷ୍ଟ୍ରାୟତ୍ତ ତଥା ଘରୋଇ ପରିଚାଳନାଧିନ ବ୍ୟାଙ୍କଗୁଡ଼ିକ ଆର୍ଥିକ ସଙ୍କଟ ଭିତର ଦେଇ ଗତି କରୁଛନ୍ତି । ରିଭର୍ଜ ବ୍ୟାଙ୍କ ପକ୍ଷରୁ ସେଗୁଡ଼ିକର ପରିଚାଳନା ତଦାରଖ ଯେଉଁ ଭାବରେ ହୋଇପାରିବା କଥା, ତାହା ହୁଏତ ହୋଇପାରୁନାହିଁ । କମ୍ ସମୟ ବ୍ୟବଧାନରେ ରିଜର୍ଭ ବ୍ୟାଙ୍କର ମୁଖ୍ୟ ପ୍ରଶାସକଙ୍କ ଭିତରୁ କେତେକ ଆପଣା ଛାଏଁ ବିଦା ହେବା ଏକାଧିକ କାରଣ ହୋଇଥାଇପାରେ । ରିଭର୍ଭ ବ୍ୟାଙ୍କ ଭଳି ଶୀର୍ଷ ଆର୍ଥିକ ସଂସ୍ଥାରେ ଅନୁଚିତ ହସ୍ତକ୍ଷେପ ଭଳି କାରଣ ଥିବାର ବେଳେବେଳେ ଚର୍ଚ୍ଚାକୁ ଆସୁଛି । ରାଜନୈତିକ କାରଣ ବାଦ୍ ଆର୍ଥିକ ପରିଚାଳନାରେ ଯଦିବା କେବେ କେଉଁଠି ଅଣ-ପେସାଦାରଙ୍କ ହସ୍ତକ୍ଷେପ ହେବାର ନଜରକୁ ଆସେ, ସରକାର ସେଥିରେ ହସ୍ତକ୍ଷେପ କରିବାକୁ ପଛାଇନଥା'ନ୍ତି । ଏବେ କିଛି ଦିନ ଧରି ବ୍ୟାଙ୍କିଂ ଶିଳ୍ପରେ କର୍ପୋରେଟ୍ ସଂସ୍ଥାକୁ ଅନୁମତି ପ୍ରଦାନ କଥା ଉଠିଛି । ଜୀବନ ବୀମା ନିଗମଠାରୁ ଆରମ୍ଭ କରି ବିଇଏମ୍‌ଏଲ୍‌ଭଳି ଏକାଧିକ ସଂସ୍ଥାର ଅଂଶଧନ ବିକ୍ରିର ବ୍ୟବସ୍ଥା ହେଉଛି । ଯଦି କର୍ପୋରେଟାଇଜେସନ୍‌କୁ ସରକାର ଗୁରୁତ୍ୱ ଦେଉଛନ୍ତି ତାହା ଶିଳ୍ପ ପାଇଁ ବିଧ୍ୱଂସକାରୀ ସାବ୍ୟସ୍ତ ହେବ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି ପୂର୍ବତନ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ରଘୁରାମ ରାଜନ ଓ ଡେପୁଟି ଗଭର୍ଣ୍ଣର ବିରଳ ଆଚାର୍ଯ୍ୟ । ସେମାନଙ୍କ ଆଶଙ୍କା ବ୍ୟାଙ୍କିଂ ଶିଳ୍ପରେ ଲାଗି ରହିଥିବା ଦୋଷ ତ୍ରୁଟିର ନିରାକରଣ ଯଦି କର୍ପୋରେଟାଇଜେସନ୍ ଦ୍ୱାରା ହେବା ଆରମ୍ଭ କରାଯାଏ, ତେବେ ଶିଳ୍ପ ଜଗତର ଅମାପ କ୍ଷତି ସାଧିତ ହେବ ।

ଜାତୀୟ ଅର୍ଥନୀତିକୁ ସୁସ୍ଥ ରଖିବା ଦିଗରେ ଦୁଧିଆଳି ଗାଈ ଭାବେ ପରିଗଣିତ ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡ଼ିକର ସ୍ୱାୟତ୍ତତା ଉପରେ କଥିତ କର୍ପୋରେଟ ଅଙ୍କୁଶ ଆରମ୍ଭ ହୋଇଗଲେ ତଦ୍‌ଜନିତ କ୍ଷୟକ୍ଷତି ଚକ୍ରବୃଦ୍ଧି ହାରରେ ବଢ଼ି ଚାଲିବ । କିଛି କର୍ମଚାରୀ ସଂଗଠନ ଏହା ବିରୋଧରେ ପ୍ରତିବାଦ ଜଣାଇବାକୁ ବାହାରିଛନ୍ତି । ସେମାନଙ୍କ ଉପରେ ସରକାର ଜେଲ୍ ଓ ଜରିମାନାର ଧମକାଣ ଲଦିଦେବା କେତେଦୂର ସମୀଚୀନ, ତାହା ବିଚାରର ବିଷୟ । ସଂକ୍ଷେପରେ କହିଲେ ଆର୍ଥିକ ପରିଚାଳନାରେ ଅଦୂରଦର୍ଶିତାକୁ ଘୋଡ଼ାଇବାକୁ ଯାଇ କର୍ତ୍ତୃପକ୍ଷ ଯାହା ମନ ତାହା କରିବା ପୂର୍ବରୁ ଶହେବାର ଚିନ୍ତା କରିବା ଦରକାର । ବୋଲି ଜାଣିବା ଶୁଣିବା ମହଲର ମତ । ଯଦି ନିଷ୍ଠା ଓ ଆନ୍ତରିକତାର ସହ ସମଗ୍ର ପ୍ରକରଣର ତର୍ଜମା କରାଯାଏ ଏବଂ ସୁଧାର ଓ ସମାଧାନ ରାସ୍ତା ବାହାର କରାଯାଏ, ତେବେ ବହୁତ ବଡ଼ କ୍ଷତିରୁ ହୁଏତ ରାଜକୋଷ ତଥା ଶିଳ୍ପ-ନିର୍ଭର ଅର୍ଥନୀତିକୁ ରକ୍ଷା କରାଯାଇପାରନ୍ତା । ଅର୍ଥ ପରାମର୍ଶଦାତା ଏବଂ ନୀତି ନିୟନ୍ତାମାନେ ସ୍ଥିତି ସଚେତନ ହୋଇ ସରକାରଙ୍କୁ ସୁପରାମର୍ଶ ଦେବାର ସତ୍ୟନିଷ୍ଠ ହେବେ, ଦୁଃସ୍ଥିତିକୁ ସହଜରେ ଟାଳି ଦିଆଯାଇପାରିବ । କରୋନା ମହାମାରୀ କାଳରେ କେବଳ ଯେ ଭାରତର ଅର୍ଥନୀତି କ୍ଷତିଗ୍ରସ୍ତ ହୋଇଛି ତାହା ନୁହେଁ, ସମଗ୍ର ବିଶ୍ୱ ଏହାର କୁପ୍ରଭାବକୁ ଏବେ ଭୋଗକରୁଛି । ପ୍ରତ୍ୟେକ ରାଷ୍ଟ୍ର କରୋନା ସହ ଜୁଝିବା ସହ ଅର୍ଥନୀତିକୁ କିପରି ଭାବେ ସଜଡ଼ା ଯାଇପାରିବ ସେ ଦିଗରେ ସଚେଷ୍ଟ ଅଛନ୍ତି । ଏହାର ସମାଧାନ ଯେ ରାତାରାତି ବାହାରି ପାରିବ ତାହା କଦାପି ନୁହେଁ । କିନ୍ତୁ ଏଥିପାଇଁ ଦେଶର ଅର୍ଥଶାସ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଯୋଜନାକାରମାନଙ୍କ ପରାମର୍ଶ ନିଆଯିବା ଆବଶ୍ୟକ । କେବଳ ଅନୁଦାନ, ପ୍ରୋତ୍ସାହନ ଯୋଗାଣ ଦ୍ୱାରା ଆଣ୍ଠେଇଥିବା ଅର୍ଥନୀତି ଠିଆ ହୋଇ ଦୌଡ଼ି ପାରିବ ନାହିଁ । ସେସବୁ କେବଳ ସାମୟିକ ସହାୟତା ମାତ୍ର । ଭାରତର ଅର୍ଥନୀତି ଯେଉଁ ଶୀର୍ଷରେ ପହଞ୍ଚିଛି ଏବଂ ୨୦୨୪ ସୁଦ୍ଧା ଏହାକୁ ୫ ଟ୍ରିଲିଅନ ଡଲାରରେ ପହଞ୍ଚାଇବା ନିମନ୍ତେ ଯେଉଁ ଲକ୍ଷ୍ୟ ରଖାଯାଇଛି ସେଥିପାଇଁ ଅଧିକ ପ୍ରୟାସ ଲୋଡ଼ା । ସରକାରଙ୍କୁ ଏହା ଭଲଭାବେ ଜଣା । ତେଣୁ ସବୁ ଦିଗ ପ୍ରତି ନଜର ରଖି ଆର୍ଥିକ ସ୍ଥିତିକୁ ସଜାଡ଼ିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ସମୀଚୀନ ହେବ ।

## ଦେଇଦେଲୁ ମୁହେଁ ବିଷ...

ଧୀରେନ୍ଦ୍ର ମଲ୍ଲିକ

ଏଡ଼େ ସ୍ୱାର୍ଥପର ଝିଅଟିଏ ତୁଲୋ
ଭାବିଥିଲି ତତେ ଭାରି ସରଳ,
ଭଲ ପାଉଥିଲି ପାଗଳ ପରିକା
ପିଆଇ ଦେଲୁତୁ ମତେ ଗରଳ,,
ଜାଣିନଥିଲି ମୁଁ ମନ ଭିତରେ ତୋ
ଭରି ରହିଅଛି ଅମାପ ବିଷ,
ପ୍ରେମରେ ତୋହର ଅନ୍ଧ ହେଇଗଲି
ଯେମିତିକି ହେଇଥିଲି ମୁଁ ବଶ,,
ଭଲପାଇବାର ନାଟକ କରିଲୁ
କାହାଣୀରେ ମତେ ନାୟକ କରି,
ରଚିଲୁ ଏମିତି ମହା ଷଡ଼ଯନ୍ତ୍ର
ପ୍ରତ୍ୟେକ ମୁହୂର୍ତ୍ତେ ଯାଉଛି ମରି,,
କି ଲାଭ ପାଇଲୁ ଠକିଦେଇ ମତେ
ହୃଦୟକୁ ଭାଙ୍ଗି କରିଲୁ ଚୁନା,
ଗୁମୁରି ଗୁରୁରି କାନ୍ଦୁଛି ଆଜିମୁଁ
କେମିତି ବଞ୍ଚିଛି ତୋହରି ବିନା,,
ମନପ୍ରାଣ ଦେଇ ଭଲ ପାଇବାଟା
ହେଲା ବୋଧେ ପ୍ରିୟା ମୋହର ଦୋଷ,
ସେଥିପାଇଁ ବୋଧେ ବଞ୍ଚିଥାଉ ଆଉ
ଦେଇଦେଲୁ ମୋର ମୁହଁରେ ବିଷ,,

+ ନିଳକଣ୍ଠପୁର, ମଙ୍ଗଳପୁର, ଯାଜପୁର
ମୋ: ୭୯୦୪୩୯୨୬୮୬

# ଦ୍ରୁତ ଜନସଂଖ୍ୟା ନିୟନ୍ତ୍ରଣ ଆଇନ ସବୁ ସମସ୍ୟାର ସମାଧାନ କରେ

ପ୍ରଫେସର ବିବେକ ସିଂ



ଦୁନିଆରେ ପ୍ରତିବର୍ଷ ୧୩୫ ନିୟୁତ ଶିଶୁ ଜନ୍ମ ହୁଅନ୍ତି । ଭାରତରେ ପ୍ରତିଦିନ ହାରାହାରୀ ୭୦୦୦ ଶିଶୁ ଜନ୍ମ ହୁଅନ୍ତି। ପ୍ରତିବର୍ଷ କେବଳ ଭାରତରେ ୨.୫୫ କୋଟି ପିଲା ଜନ୍ମ ହୁଅନ୍ତି। ଦୁନିଆର ମନ୍ଦଙ୍କଭସ୍ତ୍ରକ୍ସଚ୍ଚ କୌଣସି ଦେଶରେ ଅସୀମିତ ସମ୍ବଳ ନାହିଁ। ଭାରତ ମଧ ଏଥିରୁ ବ୍ୟତିକ୍ରମ ନୁହେଁ। ଭାରତରେ ମଧ ସୀମିତ ସମ୍ବଳ ଅଛି। ଭାରତର କ୍ଷେତ୍ର ବିଶ୍ୱର ମାତ୍ର ୨.୪୫% କିନ୍ତୁ ବିଶ୍ ୧୮ ର ୧୮%(୧୪୦କୋଟି) ଏଥିରେ ବାସ କରେ। ଭାରତରେ ଉପଲବ୍ଧ ଜଳ ସମ୍ବଳର ମାତ୍ର ୪% ରହିଛି। ବିଶ୍ ଜନସଂଖ୍ୟା ୧୦୦ କୋଟି ପହଞ୍ଚିବା ପାଇଁ ୨ ମିଲିୟନ୍ ବର୍ଷ ଲାଗିଗଲା, କିନ୍ତୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ମାତ୍ର ୨୨୦ ବର୍ଷ ମଧରେ (୧୮୦୪ ରୁ ୨୦୨୪) ବିଶ୍ୱର ଜନସଂଖ୍ୟା ୧୦୦ କୋଟି ପ୍ରାୟ ୮୦୦ କୋଟିକୁ ବୃଦ୍ଧି ପାଇବ। ଏକ ଆକଳନ ଅନୁଯାୟୀ, ୨୦୨୦ ରେ ଭାରତର ମୋଟ ଜନସଂଖ୍ୟା ପ୍ରାୟ ୧୪୦ କୋଟି ଅଟେ। ୧୦୦୦ ବର୍ଷ ପୂର୍ବେ, ଭାରତର ଜନସଂଖ୍ୟା ୭.୫ କୋଟି ଥିଲା ଯାହା ୧୫୦୧ ରେ ୧୧ କୋଟିକୁ ବୃଦ୍ଧି ପାଇଥିଲା। ୧୮୦୧ ମସିହାରେ ଭାରତର ମୋଟ ଜନସଂଖ୍ୟା ପ୍ରାୟ ୨୦ କୋଟି ଥିଲା। ୧୯୦୧ ମସିହାରେ ଭାରତର ମୋଟ ଜନସଂଖ୍ୟା ୨୩.୮୪ କୋଟି ଥିଲା ଯାହା ୧୯୫୧ରେ ୩୬.୧୦ କୋଟିକୁ ବୃଦ୍ଧି ପାଇଥିଲା। ୧୯୭୧ ରେ ଦେଶର ମୋଟ ଜନସଂଖ୍ୟା ୫୪.୮୧ କୋଟି, ୨୦୦୧ ରେ। ୧୦୨.୮୭ କୋଟି ଏବଂ ୨୦୧୧ ରେ ୧୨୧ କୋଟିରେ ପହଞ୍ଚିଛି। ୨୦୨୫ ସୁଦ୍ଧା ଦେଶର ଜନସଂଖ୍ୟା ୧୫୦ କୋଟିରେ ଏବଂ ୨୦୫୦ ସୁଦ୍ଧା ୧୭୦ କୋଟିରେ ପହଞ୍ଚିବ। ବର୍ତ୍ତମାନ ବିଶ୍ population ର ଜନସଂଖ୍ୟା ପାଖାପାଖି ୭.୮ ବିଲିୟନ ଅଟେ। ପ୍ରାୟ ୧୩୫୦ ସମଗ୍ର ବିଶ୍ of ର ଜନସଂଖ୍ୟା ପ୍ରାୟ ୩.୭ କୋଟି ଥିଲା। ୧୮୦୪ ମସିହାରେ, ବିଶ୍ population ର ଜନସଂଖ୍ୟା ୧୦୦ କୋଟି ବା ୧ ବିଲିୟନକୁ ବୃଦ୍ଧି ପାଇଲା। ଜନସଂଖ୍ୟାକୁ ୧ ବିଲିୟନରୁ ୨ ବିଲିୟନକୁ ବୃଦ୍ଧି କରିବାକୁ ୧୨୩ ବର୍ଷ ଲାଗିଗଲା ଏବଂ ୧୯୨୭ ମସିହାରେ ବିଶ୍ population ଜନସଂଖ୍ୟା ୨ ବିଲିୟନକୁ ବୃଦ୍ଧି ପାଇଲା। ସମଗ୍ର ବିଶ୍ population ଜନସଂଖ୍ୟା ୨ ବିଲିୟନରୁ ୩ ବିଲିୟନକୁ ବୃଦ୍ଧି ପାଇବାକୁ ୩୩ ବର୍ଷ ଲାଗିଲା ଏବଂ ୧୯୬୦ ରେ ବିଶ୍ population ଜନସଂଖ୍ୟା ୩ ବିଲିୟନକୁ ବୃଦ୍ଧି ପାଇଲା ୧୪ ବର୍ଷ ପରେ ୧୯୮୭ ରେ ବିଶ୍ population ଜନସଂଖ୍ୟା ୪ ବିଲିୟନ ଥିଲା, ୧୩ ବର୍ଷ ପରେ ୧୯୮୭ ରେ ବିଶ୍ ଜନସଂଖ୍ୟା ୫ ବିଲିୟନ, ୧୨ ବର୍ଷ ପରେ ୧୯୯୯ ରେ ବିଶ୍ ଜନସଂଖ୍ୟା ୬ ବିଲିୟନ, ୧୨ ବର୍ଷ ପରେ ୨୦୧୧ ରେ ବିଶ୍ୱର ମୋଟ ଜନସଂଖ୍ୟା ୭ ବିଲିୟନ ଏବଂ ୧୩ ବର୍ଷର୍ଶ ସୁଦ୍ଧା ୨୦୨୪ ପରେ ବିଶ୍ ଗ୍ସକ୍ସଗ୍ସବକ୍ଷ ର ମୋଟ ଜନସଂଖ୍ୟା ୮ ବିଲିୟନରେ ପହଞ୍ଚିବ। ୨୦୪୦ ସୁଦ୍ଧା ବିଶ୍ୱର ଜନସଂଖ୍ୟା ୯ ବିଲିୟନ ଏବଂ ୨୦୫୦ ସୁଦ୍ଧା ବିଶ୍ୱର ଜନସଂଖ୍ୟା ୧୦ ବିଲିୟନ ହେବ। ଯଦି ଚୀନ ଏବଂ ଭାରତର ଜନସଂଖ୍ୟା ମିଶ୍ରିତ ହୁଏ, ତେବେ ବିଶ୍ୱର ଜନସଂଖ୍ୟା ପ୍ରାୟ ୩୬% ଏହି ୨ ଦେଶରେ ବାସ କରନ୍ତି। କିନ୍ତୁ ଚାଇନା ୧୯୭୬ ରେ ଜନସଂଖ୍ୟା ନିୟନ୍ତ୍ରର ଆଇନ ଗ୍ରହଣ କରି ଜନସଂଖ୍ୟା ବୃଦ୍ଧିକୁ ଅତିକ୍ରମ କରିଥିଲା। ଭାରତର ସ୍ଥିତି ସମ୍ପୂର୍ଣ୍ଣ ବିପରୀତ। ଯଦି ଆମେଭାରତ ଏବଂ ଚିନ୍‌ର ଜନସଂଖ୍ୟାକୁ ଦେଖିବା, ତେବେ ଆମେ ଜାଣିବା ଯେ ୨୦୧୯ ମସିହାରେ ଚାଇନାର ମୋଟ ଜନସଂଖ୍ୟା ପ୍ରାୟ ୧୪୩ କୋଟି ଥିବାବେଳେ ଭାରତର ମୋଟ ଜନସଂଖ୍ୟା ୧୩୭ କୋଟି ଥିଲା। ଜାନୁୟାରୀ ୧, ୨୦୨୦ ରେ ଭାରତରେ ୬୭୩୮୫ ପିଲା ଜନ୍ମ ହୋଇଥିବାବେଳେ ଚାଇନାରେ କେବଳ ୪୬୨୯୯ ପିଲା ଜନ୍ମ ହୋଇଥିଲେ। ୨୦୨୪ ସୁଦ୍ଧା ଭାରତର ଜନସଂଖ୍ୟା ନିଶ୍ଚିତ ଭାବରେ ଚାଇନାର ଜନସଂଖ୍ୟା ଅତିକ୍ରମ କରିବ। ଯଦି ଆମେ ଏହି ବଭକ୍ସଙ୍କସ୍ତ୍ର ବିଷୟରେ ଆଲୋଚନା କରିବା, ତେବେ ଚୀନର କ୍ଷେତ୍ର ୯୫୯୬୯୬୧ ବର୍ଗ କିଲୋମିଟର ଥିବାବେଳେ ଭାରତର କ୍ଷେତ୍ର ୩୨୮୭୨୬୩ ବର୍ଗ କିଲୋମିଟର। ଏହି ଦୃଷ୍ଟିରୁ କ୍ଷେତ୍ର ଦୃଷ୍ଟିରୁ ଭାରତ ଚୀନର ଏକ ତୃତୀୟାଂଶ ଅଟେ। ଯଦି ଆମେ ଜଳର ଉପଲବ୍ଧତା ବିଷୟରେ କହିବା, ତେବେ ବିଶ୍ୱରେ ୭% ଜଳ ଚାଇନାରେ ଉପଲବ୍ଧ ଥିବାବେଳେ ଭାରତରେ ମାତ୍ର ୪% ଜଳ ଉପଲବ୍ଧ। ଯଦି ଆମେ ଭାରତ ଏବଂ ଚାଇନାରେ ଜନସଂଖ୍ୟା ସାନ୍ଦ୍ରତା ବିଷୟରେ କହିବା, ତେବେ ଚୀନ୍‌ର ସ୍ଥିତି ଭାରତଠାରୁ ଗ୍ସସଙ୍କରସ୍ତ୍ର ଗୁଣ ଭଲ। ଚାଇନାରେ ଜନସଂଖ୍ୟା ଘନତା ବର୍ଗ କିଲୋମିଟର ପ୍ରତି ୧୪୮ ଲୋକ ଥିବାବେଳେ ଭାରତରେ ଜନସଂଖ୍ୟା ଘନତା ବର୍ଗ କିଲୋମିଟର ୪୪୦ ଲୋକ। କଠୋର ଗନସଂଖ୍ୟା ନିୟନ୍ତ୍ରଣ ଆଇନ ଏବଂ ପ୍ରଥମ ଶିଶୁ ନୀତିରୁ ଆମେ କାହିଁକି ଚୀନ୍ ଠାରୁ ଶିଖୁନାହୁଁ ? ୧୯୭୬ ମସିହାରୁ ଚାଇନାରେ ଜନସଂଖ୍ୟା ନିୟନ୍ତ୍ରଣ ଆଇନ ପ୍ରଣୟନ କରାଯାଇଥିଲା କିମ୍ବା ଆଜି ଚାଇନାର ଜନସଂଖ୍ୟା ଅତି କମରେ ୨୦୦ କୋଟି ହୋଇଥାନ୍ତା। ୧୯୭୯ ପରଠାରୁ, ଶିଶୁ ନୀତି ବଳବତ୍ତର ଥିଲା, ଯାହା ୨୦୧୫ ରେ ରଦ୍ଦ କରାଯାଇଥିଲା। ୨୦୧୬ ମସିହାରୁ ଚାଇନାରେ ୨-ଶିଶୁ ନୀତି ବଳବତ୍ତର ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ବର୍ଷ ୧୫ ଅଗଷ୍ଟରେ ଦେଇଥିବା ଅଭିଭାଷଣରେ ଦ୍ରୁତ ଜନସଂଖ୍ୟା ବୃଦ୍ଧି ଅତ୍ୟନ୍ତ ଚିନ୍ତାଜନକ ବୋଲି ବର୍ଣ୍ଣନା କରିଥିଲେ। ସେ ସୀମିତ ପରିବାରକୁ ଜାତୀୟ ସେବା ଏବଂ ଦେଶପ୍ରେମ ସହିତ ଜଡିତ କରିଥିଲେ। ଜନସଂଖ୍ୟାକୁ ନିୟନ୍ତ୍ରଣ କରିପାରୁ ନଥିବାରୁ ଆଜି ଦେଶ ଦାରିଦ୍ର୍ୟ ସମସ୍ୟା, ନିକ୍ଷରତା, ପୁଷ୍ଟିହୀନତା ସମସ୍ୟା, ବେକାରୀ ସମସ୍ୟା, ପ୍ରଦୂଷଣ ସମସ୍ୟା, ଅର୍ଥନୀତିର ମନ୍ଥର ଗତି, ବ୍ୟଭିଚାର ସମସ୍ୟା ଭଳି ଅନେକ ସମସ୍ୟାର ସମ୍ମୁଖୀନ ହେଉଛି। ଅନାହାର ସମସ୍ୟା, ଟ୍ରାଫିକ ସମସ୍ୟା ଇତ୍ୟାଦି। ଏହି ସବୁ ସମସ୍ୟାର ମୂଳ କାରଣ ହେଉଛି ଅତ୍ୟଧିକ ଜନସଂଖ୍ୟା। ସର୍ବଶେଷରେ, ଆମେ କେତେ ଦିନ ଜନସଂଖ୍ୟା ବୃଦ୍ଧିର ମୌଳିକ ସମସ୍ୟାର ସମ୍ମୁଖୀନ ହେବୁ ? ଆଖି ବନ୍ଦ କରିବା ସମସ୍ୟାର ଏକମାତ୍ର ସମାଧାନ କି ? ଏହି ଦେଶରେ ସମ୍ବିଧାନରେ ଶହ ଶହ ଥର ସଂଶୋଧନ କରାଯାଇଛି। ଶହ ଶହ ବିଭିନ୍ନ ଆଇନ ପ୍ରଣୟନ କରାଯାଇଛି, କିନ୍ତୁ ସମସ୍ତ ସମସ୍ୟାର ମୂଳ କାରଣ ହେଉଛି ଜନସଂଖ୍ୟା ବୃଦ୍ଧି ଉପରେ ପ୍ରଭାବଶାଳୀ ଆଇନ କାହିଁକି ପ୍ରଣୟନ କରାଯାଉ ନାହିଁ ? ସରକାର ୧ କୋଟି ଲୋକଙ୍କୁ ନିଯୁକ୍ତି ଦେବା ବେଳକୁ ୨ କୋଟି ନୂତନ ବେକାର ଏହି ଲାଇନରେ ଠିଆ ହେବେ। ସରକାର ଏକ କୋଟି ଲୋକଙ୍କୁ ଘର ଦେବା ବେଳକୁ ୫ କୋଟି ଭୂମିହୀନ ହୋଇ ଜନ୍ମ ହେବ। ସରକାର ୨ କୋଟି ଲୋକଙ୍କୁ ଦାରିଦ୍ର ସୀମାରୁ ଉପରକୁ ଆଣିବା ବେଳକୁ ୪କୋଟି ଲୋକ ଦାରିଦ୍ର ସୀମାରେଖା ତଳେ ଯୋଗଦେବେ ଦେଶରେ ୧୨୫ କୋଟି ଆଧାର କାର୍ଡ ପ୍ରସ୍ତୁତ କରାଯାଇଛି। ସରକାରଙ୍କ କହିବାନୁସାରେ, ୨୦୨୦ ରେ ୯୦% ଲୋକଙ୍କର ଆଧାର କାର୍ଡ ନାହିଁ, ଯାହାର ସଂଖ୍ୟା ୧୨.୫ କୋଟିରୁ ଅଧିକ। ଏହାର ଅର୍ଥ ହେଉଛି। ଦେଶର ଜନସଂଖ୍ୟା ୧୪୦ କୋଟି ହୋଇଛି। ଆସନ୍ତା ବର୍ଷ ହେବାକୁ ଥିବା ୨୦୨୧ ଜନଗଣନାରେ ସମସ୍ତ ତଥ୍ୟ ପ୍ରକାଶ ପାଇବ। ଏହା ବ୍ୟତୀତ ଦେଶ ବାହାରେ କୋଟି କୋଟି ଅନୁପ୍ରବେଶକାରୀ ବାଂଲାଦେଶ, ମିଆଁମାର, ପାକିସ୍ତାନ ଏବଂ ଆଫଗାନିସ୍ତାନରୁ ବେଆଇନ ଭାବେ ଆସିଛନ୍ତି। (କ୍ରମଶଃ)

+ ପ୍ରସିଦ୍ଧ ସ୍ତମ୍ଭକାର ଏବଂ ଚିନ୍ତକ। ଅର୍ଥନୈତିକ, ରାଜନୈତିକ ଏବଂ ସାମାଜିକ ବିଶ୍ଲେଷକ।
ମୋ- ୦୯୯୬୭୪୬୨୪୧୬

# କାର୍ତ୍ତିକ ମାସଟି ଏକ ପବିତ୍ର ମାସ

ରଶ୍ମି ସାମଲ



ଆମର ଏହି ପୂଣ୍ୟ ଭାରତ ବର୍ଷରେ, "ବାରମାସରେ ତେର ପର୍ବ" ପାଳନ କରାଯାଇଥାଏ। ପ୍ରକୃତରେ ଏହା ହିଁ ସତ୍ୟ ଅଟେ। କର୍ମ କ୍ଳାନ୍ତ ଜୀବନକୁ ସରସ ସୁନ୍ଦର ଓ ମଧୁମୟ କରିବା ପାଇଁ ସମାଜରେ ଏହି ପର୍ବ ପର୍ବାଣୀର ସୃଷ୍ଟି ହୋଇଛି। ହିନ୍ଦୁ ପଞ୍ଜିକାରେ ବାରମାସ ମଧ୍ୟରୁ କାର୍ତ୍ତିକ ମାସକୁଶ୍ରେଷ୍ଠ ବୋଲି ପ୍ରତିପାଦିତ କରାଯାଇଛି। ସ୍କନ୍ଦପୁରାଣ ମତେ, 'ନ କାର୍ତ୍ତିକ ସମୋ ମାସୋ, ନକୃତେନ ସମଂଯୁଗମ, ନ ଦେବ ସଦୃଶ, ଶାସ୍ତ୍ରଂ, ନତୀର୍ଥ ଗଙ୍ଗୟୋସମଂ। କାର୍ତ୍ତିକଂ ଖଳୁ ବୈ ମାସଂ, ସର୍ଥମାସେ ସୁଗେଲସମ। ପୂଣ୍ୟଂ ନା ପରମ ମୁଣ୍ୟଂ ପାବନାନାଚଂ ପାବନମ। ଅର୍ଥାତ କାର୍ତ୍ତିକ ମାସ ପରି ମାସ ନାହିଁ। ସତ୍ୟ ଯୁଗ ପରି ଯୁଗ ନାହିଁ। ବେଦସମ ଶାସ୍ତ୍ର ନାହିଁ। ଗଙ୍ଗା ସଦୃଶ ତୀର୍ଥ ନାହିଁ। କାର୍ତ୍ତିକ ମାସଟି ଏକ ପବିତ୍ର ମାସ। ଏହି ମାସରେ କାର୍ତ୍ତିକ ବ୍ରତ ପାଳନ ସହ ସାକାହାର ଭୋଜନ କରାଯାଏ। କାର୍ତ୍ତିକ ମାସରେ ଧର୍ମ ପ୍ରାଣ ହିନ୍ଦୁମାନେ ପ୍ରାତଃ ସ୍ନାନ କରି ବିଭିନ୍ନ ମନ୍ଦିରରେ ଦେବାଦେବୀ ମାନଙ୍କୁ ଦର୍ଶନ କରିଥାନ୍ତି। ଦୀପ ଦେଇ ମନସ୍କାମନା ପୂରଣ ପାଇଁ ମନାସି ଥାନ୍ତି। ଆମ ଶାସ୍ତ୍ରରେ ଚାରିପ୍ରକାର ଦୀପ ଦାନର ପରମ୍ପରା ରହିଛି। ସେଗୁଡ଼ିକ ହେଲା, ଦୀପ, ଶିଖରଦୀପ, ମହାଦୀପ, ଅଖଣ୍ଡଦୀପ। ସେଥି ମଧ୍ୟରୁ କାର୍ତ୍ତିକ ମାସର ଆକାଶ ଦୀପ ଆଉ ଏକ ଧର୍ମୀୟ ଅନନ୍ୟ ପରମ୍ପରା। ଏହି ପୂଣ୍ୟ ଭାରତର ଭୂଖଣ୍ଡରେ କେଉଁ ପ୍ରାଚୀନ କାଳରୁ ବିଭିନ୍ନ ପୂଣ୍ୟ ପର୍ବ ବ୍ରତ ଉପବାସ ତଥା ପରମ୍ପରା ଗତ ବିଧି ବିଧାନ ପାଳନ ହୋଇଆସୁଛି। ଏହିପ୍ରମ୍ପରା ଜନିତ ବିଧି ବିଧାନ ଓ ପୂଜା ପାର୍ବଣ ପାଳନ କରିବାରେ ଆମର ମାର୍ଗ ଦର୍ଶନ ରୂପେ ବିଭିନ୍ନ ଧର୍ମ ଶାସ୍ତ୍ର ଓ ମୁନି ଋଷି ମାନଙ୍କର ଉପଦେଶ ରହିଛି। ବିଭିନ୍ନ ଶାସ୍ତ୍ରରେ ବର୍ଣ୍ଣନା ରହିଛି ଯେ କାର୍ତ୍ତିକ ମାସ ଚତୁର୍ମାସର ଶେଷ ମାସ।

ଏହି ମାସ ବିଷ୍ଣୁଙ୍କର ଅତି ପ୍ରିୟ ମାସ କୁହାଯାଏ। ବିଷ୍ଣୁ ଚତୁର୍ମାସରେ ଯୋଗ ନିଦ୍ରାରେ ରହିଥାନ୍ତି। ଯୋଗ ନିଦ୍ରାରୁ ଉଠି ମାନବ ସମାଜର କଲ୍ୟାଣ କରନ୍ତି। ଏହି ମାସରେ ତୁଳସି ଗଛ ଲଗାଇବା ଓ ସକାଳ ସଂଜ ଦୀପ ଦେଇ ପୂଜା କରିବା ଦ୍ୱାରା ପାପ ନାସ ହୁଏ ଓ ମୋକ୍ଷ ପ୍ରାପ୍ତି ହୋଇଥାଏ। ଏହି ମାସରେ ଅକାଶ ଦୀପର ବୈଶିଷ୍ଟ ରହିଛି। ଆକାଶଦିପ ପ୍ରଜ୍ୱଳନରେ ଦେବତାମାନେ ସନ୍ତୁଷ୍ଟ ହୋଇ ପୃଥିବୀକୁ ଶସ୍ୟ ଶ୍ୟାମଳ ଭରା କରିଥାନ୍ତି। ପୃଥୀବିରୁ ବିଭିନ୍ନ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ଦୂର ହୋଇଥାଏ। ପିତୃପୁରୁଷ ପରମ ମୋକ୍ଷ ପ୍ରାପ୍ତି ହୋଇଥାନ୍ତି। ପ୍ରତି ମଣିଷର ହୃଦୟ ଆଧାମୃକ ଚେତନାରେ ଉଦବବୁଦ୍ଧ ହୋଇଥାଏ। ଏହାଛଡ଼ା ଗନ୍ଧର୍ବଯକ୍ଷ, କିନ୍ନର ଓ ଅପସରା ଗଣ ସନ୍ତୁଷ୍ଟ ହୋଇ ମନୁଷ୍ୟର ରୋଗ ବ୍ୟାଧି ଦୂର କରିବା ସହ ଧନ ଧାନ୍ୟ ଅଭିବୃଦ୍ଧି କରିଥାନ୍ତି। ଏହି କାର୍ତ୍ତିକ ମାସରେ ଲୋକେ ଜୀବନର ସବୁ ଶୃଙ୍ଖଳାକୁ କଠୋର ଭାବରେ ପାଳନ କରିବା ସହିତ ଆଧାମୃକ ଧାରାର ରୀତି ନୀତିକୁ ବିଶେଷ ଗୁରୁତ୍ୱ ଦେଇଥାନ୍ତି। ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି କାର୍ତ୍ତିକ ମାସରେ ବ୍ରତ ପାଳନ କଲେ ସୁଖମୟ ଜୀବନ ଯାପନ ସହ ମୋକ୍ଷ ପ୍ରାପ୍ତି ହୁଏ। ପୁରାଣ କଥା ବସ୍ତୁ ଅନୁସାରେ ଭଗବାନ ବିଷ୍ଣୁ ଆଷାଢ଼ ଶୁକ୍ଳଏକାଦଶୀ ଦିନ ନିଦ୍ରା ଯାଇ କାର୍ତ୍ତିକ ଶୁକ୍ଳ ଏକାଦଶୀ ଦିନ ଜାଗ୍ରତ ହୁଅନ୍ତି। କଥିତ ଅଛି ଭଗବାନ ଶିବ କାର୍ତ୍ତିକ ପୂର୍ଣ୍ଣିମା ଦିନ ତ୍ରିପୁରାସୁରକୁ ବଦ୍ଧ କରି ବ୍ରାହ୍ମଣକୁ ରକ୍ଷା କରିଥିଲେ। କାର୍ତ୍ତିକ ମାସକୁ ରାଇ ଦାମୋଦର ମାସ ବି କୁହାଯାଏ। କାରଣ ଏହି ମାସରେ ବିଷ୍ଣୁଙ୍କର ଆରାଧନା କରାଯାଇଥାଏ। ଅନ୍ୟ ମାସ ଅପେକ୍ଷା ଏହି ମାସର ସ୍ୱତନ୍ତ୍ରତା ରହିଛି। ଏହି ମାସରେ ସାତ୍ୱିକ ଆହାର କରାଯାଏ। ଯେଉଁମାନେ ମାସ ସାରା ଏହି ବ୍ରତ କରିବାକୁ ଅସମର୍ଥ ସେମାନେ ପଂଚୁକ ପାଞ୍ଚଦିନ ବିଧିର ସହିତ ଏହାକୁ ପାଳନ କରିଥାନ୍ତି। ସକାଳୁ ଉଠିସ୍ନାନ କରି ତୁଳସୀ ଚଉଁରା ମୂଳେ ମୁରୁଜ କରନ୍ତି। ଏହି ପଂଚୁକ ଭୀଷ୍ମ ପଂଚୁକ ନାମରେ ନାମିତ। ଭୀଷ୍ମ ଅର୍ଜୁନଙ୍କ ଦ୍ୱାରା ସରାଘାତରେ ସର ବିଦ୍ଧ ହୋଇ ସରଶଯ୍ୟାରେ ରହି ଚତୁର୍ମାସ୍ୟା ବ୍ରତ ସମାପନ କରିବା ସହ ଏହି ପାଂଚ ଦିନ କଠୋର ତପସ୍ୟା ରତ ଥିଲେ। ତେଣୁ ଏହା ନାମ ଭୀଷ୍ମ ପଂଚୁକ। କାର୍ତ୍ତିକ ମାସ ଶୁକ୍ଳ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ସମଗ୍ର ପାଞ୍ଚ ଦିନକୁ ପଂଚୁକ କୁହାଯାଏ। ପୌରାଣିକ କଥାନୁସାରେ ଜଳନ୍ଧର ନାମକ ରାକ୍ଷାରସର ପତ୍ନୀ ଥିଲେ ତୁଳସୀ। ତାଙ୍କ ଶିଷ୍ଟତା ସମର୍ପଣ ଯୋଗୁ ତାଙ୍କ ସ୍ୱାମୀ ତିନି ଲୋକରେ ଅଜୟ ହୋଇଥିଲେ। ସ୍ୱୟଂ ଭଗବାନ ଶିବ ମଧ ତାଙ୍କୁ ପରାସ୍ତ କରି ପାରିଲେ ନାହିଁ। ଶିବ ବିଷ୍ଣୁଙ୍କୁ ପ୍ରାର୍ଥନା କରିଥିଲେ ଏଥିରେ ସହାୟତା ପାଇଁ। ସୃଷ୍ଟିର କଲ୍ୟାଣ ପାଇଁ ବିଷ୍ଣୁ ବୃନ୍ଦାଙ୍କ ସତିତ୍ୱ ନଷ୍ଟ କରି ଥିଲେ। ଫଳରେ ସତୀ ତାଙ୍କ ଅଭିସାପ ଦେଲେ ପଥର ପାଲଟି ଯିବାପାଇଁ। ଫଳରେ ଭଗବାନ ବିଷ୍ଣୁ ପଥର ପାଲଟି ଯାଇଥିଲେ। ସେହି ପଥର ଶାଳଗ୍ରାମ ରୂପେ ପରିଚିତ। ଭକ୍ତମାନେ ଶାଳଗ୍ରାମ ପୂଜା କରନ୍ତି। ଶାପରୁ ମୁକ୍ତି ପାଇବା ପାଇଁ ଭଗବାନ ବିଷ୍ଣୁ ଶାଳଗ୍ରାମ ସ୍ୱରୂପରେ ତୁଳସୀଙ୍କୁ ବିବାହ କଲେ। ସେଥି ପାଇଁ କାର୍ତ୍ତିକ ମାସରେ ଚଉଁରାରେ ଥିବା ତୁଳସୀ ପୂଜାକଲେ ପୁଣ୍ୟଲାଭ ହୋଇଥାଏ। କାର୍ତ୍ତିକ ମାସରେ ବିଭିନ୍ନ ଧର୍ମୀୟ ପ୍ରଥା ପାଳନ କରାଯାଏ। ସେଥି ମଧ୍ୟରୁ ପଂଚୁକ ଅନ୍ୟ ତମ। ପଂଚୁକ ଶେଷ ଦିନ ଅବାଳ ବୃଦ୍ଧ ବନିତା ପ୍ରତୁଷରୁ ନଦୀକୁ ଯାଇ ବୁଡ ପକାଇ କଦଳୀ ପଟୁଆର ଡଙ୍ଗାରେ ପାନ ଗୁଆ ଲବଙ୍ଗ କଦଳୀ ଦେଇ ଆ, କା, ବୈ, ପାନ ଗୁଆ ଥୋଇ ମାସକ ଧରମ ମୋର ବୋଲି କହି ଭସାଇ ଥାନ୍ତି। ଏହି କଦଳୀ ବାହୁଙ୍ଗାରେ ପ୍ରସ୍ତୁତ ଡ଼ଙ୍ଗା ଭସାଇ ପ୍ରାଚୀନ ନୌବାଣିଜ୍ୟ ସ୍ମୃତିକୁ ଉଜ୍ଜିବିତ କରନ୍ତି। ଏହି ଡଙ୍ଗାଭସା ପ୍ରାଚୀନ ଉତ୍କଳ ଗୌରବ ମୟ ଇତିହାସକୁ ମନେପକାଇଥାଏ। ଏଣୁ ଆମେ ସମସ୍ତେ ଓଡ଼ିଆ ଆମର ଗୌରବ ମୟ ସଂସ୍କୃତିକୁ ଏବଂ ପରମ୍ପରାକୁ କୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଉଚିତ। ଏହି ଭଳି ଭାବେ କାତିକ ମାସର ଅନେକ ପୌରାଣିକ କିମ୍ବଦନ୍ତୀ ମଧ ରହିଛି। କାର୍ତ୍ତିକ ମାସର ମହତ୍ୱ ଅନ୍ୟ ମାସ ତୁଳନାରେ ଶ୍ରେଷ୍ଠ ଏହା ନିସଂନ୍ଦେହରେ କୁହାଯାଇପାରେ।

+ ମୋ- ୯୪୩୭୧୧୫୮୬୫

## କବିତା କୋଣାର୍କ

## ଜନ୍ମ ଓ ମୃତ୍ୟୁ...

ଲିପିନ୍ ରାଉତ



ନଈ ର ଦୁଇ ପାଖେ ଦୁଇଟି ଜୀବନ
ଜନ୍ମ ଓ ମୃତ୍ୟୁ
ମିଥ୍ୟାର ପରିଚୟ ନେଇ
ମୁଁ ଅଗ୍ରସର ଧୀରେ ଧୀରେ

ମୋହ ! ମୋର ଶତ୍ରୁ
ଆରମ୍ଭରୁ ଶେଷ ଯାଏଁ
ଶେଷରୁ ଆରମ୍ଭ ଯାଏଁ
ଇଚ୍ଛା ସବୁକୁ ଜୀବିତ ରଖିବାକୁ ପଡୁଛି
ମୋ ପାଇଁ

କାଲେ,
ସେ ଅଲୋଡ଼ା ପ୍ରାଣଟିକୁ ଛାଡ଼ି ଚାଲିଯିବି
ଦୂର ଦେଶକୁ, ଆପଣା ଛାଏଁ

ହାୟ !
ମୁଁ ତ ତୁଚ୍ଛା ନାଉରୀ ଟିଏ,
ମୋ ଜୀବନ ନୌକାର
ପାର କରିବାକୁ ବାହାରିଛି
ଦୃଢ଼ ସଂକଳ୍ପ ଟିଏ ନେଇ

କଥା ଦେଇଛି, ନିଜେ ନିଜକୁ,
ଯେତେ ବାଧା ବିଘ୍ନ ଆସିଲେ ବି
ପହଞ୍ଚେଇବି ଏ ନୌକା କୁ
ନିଶ୍ଚିତ କୂଳ କୁ... ।

+ ମଦନପୁର, କେନ୍ଦୁଝର
ମୋ: ୭୦୦୮୯୮୦୧୯୬

## ଆଜି ମୁଁ ଶିଶୁ !...

ଝରଣା ବାରିକ

ଭାବିବନି କେବେ ଶିଶୁଟିଏ ବୋଲି
ତୁମ ବଗିଚାର ମୁଁ ଏକ ଫୁଲ
ମାଳୀ ହୋଇ ତୁମେ ଯତନ କରିଲେ
କେହି ହେବେ ନାହିଁ ମୋହରି ତୁଲ
ଆଜି ସିନା ମୁହିଁ ଛୋଟିଆ କଢ଼
ସମାଜ ପାଇଁକି କାମ କରିଯିବି
ଧିରେ ଧିରେ ମୁହିଁ ହୋଇକି ବଡ଼ ।

ତୁମରି ଆଦର ଯତନ ପାଇଲେ
ମହକି ବାସ ମୋ ବିତରି ଦେବି
ମୋ ମହକେ ପୁଣି ଦୁନିଆ ଭିତରେ
ସବୁ ଆପଣାର କରି ମୁଁ ନେବି
ଦେବି ନାହିଁ କାହା ଆଖିରେ ଲୁହ
ସଭିଙ୍କ ମୁହଁରେ ହସ ଭରିଦେଇ
ବିଞ୍ଚିବି ସବୁଠି ଖୁସିର ସୁଅ ।

ପାଠପଢ଼ା ପାଇଁ ବିଦ୍ୟାଳୟେ ଯିବି
ଟିକେ ମୁହିଁ ବଡ଼ ହୋଇଲା ପରେ
ମୋ ପ୍ରଥମ ଶିକ୍ଷା ପିତା ମାତା ଠାରୁ
ଯାହା ମୁଁ ଶିଖିବି ଆପଣା ଘରେ
ଗୁରୁମା ଗୁରୁଜୀ ମୋ ମାର୍ଗ ଦାତା
ସେମାନେ ମୋହର ପୂଜ୍ୟ ଭଗବାନ
ଯେପରି ଅଟନ୍ତି ମୋ' ପିତା ମାତା ।

ଆଚାର ବିଚାର ପୁଣି ଶିଷ୍ଟାଚାର
ଗୁରୁ ଗୁରୁଜନ ପାଖରୁ ନେବି
ସେହି ଗୁଣ ଜୀବନର ଅଙ୍ଗ କରି
ସମାଜ ଭିତରେ ବିତରି ଦେବି
ନିଜେ ମୁହିଁ ଦୁଃଖ କଷ୍ଟକୁ ସହି
ଦୁଃଖୀ ଦରିଦ୍ରଙ୍କ ସେବା କରୁଥିବି
ତାଙ୍କରି ମଧରେ ନିଜେ ମୁଁ ରହି ।

ଭଲ ମଣିଷଟେ ହୋଇବି ଯଦି ମୁଁ
ପ୍ରଶଂସା ପାଇବେ ମୋ' ବାପା ମାଆ
ଅବାଟର ପଥ ମୋଟେ ମାଡିବିନି
ଅପବାଦ ହେବ ମୋ ଦେଶ ଗାଆଁ
ବିଭୁ ପାଦେ ସଦା ରଖି ମୁଁ ଲୟ
ସତ୍ୟକୁ ପାଥେୟ କରି ଚାଲିଥିବି
ଅସତ୍ୟ ଉପରେ କରିଣ ଜୟ ।

+ ସମଲ, ତାଳଚେର, ଅନୁଗୁଳ
ମୋ: ୯୫୫୬୮୪୬୯୩୨

# ବ୍ୟକ୍ତି ନୁହେଁ, ଗାନ୍ଧୀ ଏକ ଆହ୍ୱାନ

ଶରତ କୁମାର ଦାସ

ବାସ୍ତବିକ ଗାନ୍ଧି ଥିଲେ ଜଣେ ଯୁଗଜନ୍ମା ପୁରୁଷ; ସତ୍ୟ ଓ ଅହିଂସାର ଜ୍ୱଳନ୍ତ ପ୍ରତୀକ; ସେବାର ମୂର୍ତ୍ତିମୟ ବିଗ୍ରହ; ଦେଶଭକ୍ତିର ସର୍ବୋତ୍ତମ ନିଦର୍ଶନ। ଏକ ଅର୍ଦ୍ଧଲଙ୍ଗଳା ଫକୀର ସ୍ନେହରେ ବାପୁଜୀ ଭାବେ ଭାରତର ପୁର ପଲ୍ଲୀରେ ପରିଚିତ। ସେହି ଯୁଗଜନ୍ମା ପୁରୁଷ ଭୂମିଷ୍ଟ ହୁଅନ୍ତି ବିଦେଶୀ ପ୍ରଭାବରୁ ନିଜ ଦେଶକୁ ମୁକ୍ତ କରିବାର ସଂକଳ୍ପ ନେଇ ମାତା ପୁତୁଲୀବାଇଙ୍କ ଗର୍ଭରୁ ୧୮୬୯ ମସିହା ଅକ୍ଟୋବର ମାସ ୨ ତାରିଖରେ ଏ କ ପୁଣ୍ୟ ବେଳାରେ ଗୁଜୁରାଟର ପୋରବନ୍ଦରଠାରେ। ପିତା କରମଚାନ୍ଦ ଗାନ୍ଧି ଜାତିର ବଣିଆ। ବୃତ୍ତିରେ ରାଜାଙ୍କର ଦେଓ୍ୱାନ। ସମାଜରେ ଅଶେଷ ପ୍ରତିପତ୍ତି। ଧନିକ ପରିବାର। ବାଲ୍ୟକାଳ ଗାନ୍ଧିଙ୍କ ସୁଖ ସ୍ୱାଚ୍ଛନ୍ଦରେ କଟେ। ସମୟର କାଳଚକ୍ରରେ ଗାନ୍ଧି ଇଂଲଣ୍ଡ ଯାତ୍ରା କରନ୍ତି ବାରିଷ୍ଟରୀ ଅଧ୍ୟୟନ କରିବାକୁ। ମନରେ କେତେ ଆଶା। ଉଦ୍ଦିପନା। ଭାରତ ଭୂଇଁକୁ ଫେରି ଓକିଲାତି କାମ କରି ନିଜର ଜୀବିକା ନିର୍ବାହ କରିବେ। ମାତା ପୁତୁଲିବାଇ କେତେ ରାଣ ନିୟମ ପୁଅକୁ ଦେଇ ସୁରା ଓ ଆମିଷ ଠାରୁ ଦୂରରେ ରହିବାକୁ ପରାମର୍ଶ ଦେଇଛନ୍ତି। ମାତାଙ୍କ ବାଣୀକୁ ଅକ୍ଷରେ ଅକ୍ଷରେ ପାଳିଛନ୍ତି ମୋହନଦାସ। ଲଣ୍ଡନର ୟୁନିଭାର୍ସିଟି ବିଶ୍ୱବିଦ୍ୟାଳୟରୁ ବାରିଷ୍ଟରୀ ପାସ୍ କରି ୧୮୯୧ ମସିହା ଜୁନ ମାସରେ ଫେରନ୍ତି ଭାରତ ଅଭିମୁଖେ। ମାତ୍ର ତତ୍କାଳିନ ବଏସରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇ ଗାନ୍ଧୀଜୀ ୧୮୯୩ରେ ଦକ୍ଷିଣ ଆଫ୍ରିକା ଅଭିମୁଖେ ଯାତ୍ରା କରନ୍ତି ଓକିଲାତି ବୃତ୍ତି କରିବା ପାଇଁ। ଚବିଶ ବର୍ଷର ଯୁବକ ଦକ୍ଷିଣ ଆଫ୍ରିକାରେ ନିଜର କାର୍ଯ୍ୟାରମ୍ଭ କରି ଦୀର୍ଘ ଏକୋଇଶ ବର୍ଷ ପାରେ ଭାରତ ଭୂଇଁକୁ ଫେରିଥିଲେ ଏକ ନୂଆ ଚେତନା, ନୂଆ ଉଦ୍ଦିପନା ଓ ଏକ ନୂଆ ଆହ୍ୱାନ ନେଇ। ସେତେବେଳେ ଦକ୍ଷିଣ ଆଫ୍ରିକାରେ ମଧ ଇଂରେଜ ମାନଙ୍କ ପ୍ରାଧାନ୍ୟ ରହିଥାଏ। ରହିଥାଏ କଳା ଗୋରା ଭେଦଭାବ। କଳା ଭାରତୀୟଙ୍କ ନିମନ୍ତେ ଅବାଧ କଟକଣା। ଜଣେ ଭାରତୀୟ ହିସାବରେ ଗାନ୍ଧିଜୀ ପ୍ରଥମ ଶ୍ରେଣୀରେ ଟିକଟ ଥିବା ସତ୍ତ୍ୱେ ଟିକଟ ଯାଞ୍ଚକାରୀଙ୍କ ଦ୍ୱାରା ରେଳଗାଡିରୁ ଫିଙ୍ଗା ହୋଇଥିଲେ। ଜଣେ ୟୁରୋପୀୟୟ ଯାତ୍ରୀଙ୍କ କୋଠରୀ ସଂରକ୍ଷଣ ସଂପର୍କିତ ଘଟଣାରେ ଗାଡି ଚାଳକ ଦ୍ୱାରା ମାଡ ଖାଇଥିଲେ। କୌଣସି ଭଲ ହୋଟେଲ ମଧ୍ୟକୁ ପ୍ରବେଶ କରିବାର ଅନୁମତି ପ୍ରାପ୍ତରୁ ବଞ୍ଚିତ ଥିଲେ। ରାସ୍ତାର ଏକ ଫୁଟପାଥ୍‌ର ପୋଲିସ୍ ଦ୍ୱାରା ଗୁଇଁଠା ମାଡ ଖାଇଥିଲେ। ଏପରିକି ଡର୍‌ବାନ୍ ଅଦାଲତରେ ନ୍ୟାୟଧୀଶଙ୍କ ଦ୍ୱାରା ତାଙ୍କ ମୁଣ୍ଡରୁ ପଗଡି ଖୋଲିବା ପର୍ଯ୍ୟନ୍ତ ଆଦେଶକୁ ସହ୍ୟ କରିବାକୁ ପଡିଥିଲା। ସେ ଯାହାହଉ, ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାରେ ଏପରି ଅସହ୍ୟ ଭେଦଭାବ ନୀତିକୁ ଦେଖି କିଛି ଭାରତୀୟଙ୍କୁ ଏକଯୁ ଟ କଲେ। ସେଠାରେ ଆରମ୍ଭ ହେଲା ତାଙ୍କର ବର୍ଣ୍ଣବିଦ୍ୱେଷୀ ଆନ୍ଦୋଳନ। ଅନେକ କଷ୍ଟ ସହ୍ୟ କରି ଶେଷରେ କଳା ଭାରତୀଙ୍କୁ ଭୋଟ ଦେବାର ଅଧିକାର ପ୍ରଦାନ କରିଥିଲେ। ଏହାହିଁ ଥିଲା ଦକ୍ଷିଣ ଆଫ୍ରିକାରେ ତାଙ୍କ ଏକ ଐତିହାସିକ ବିଜୟ। ୧୯୧୫ ରେ ଗାନ୍ଧିଜୀ ଭାରତକୁ ଫେରି ଆସି ସର୍ବ ପ୍ରଥମେ ଇଂରେଜ ମାନଙ୍କ ଦୌରାତ୍ମ୍ୟ, ବିର୍ଣ୍ଣ ବିଦ୍ୱେଷ ନୀତି, ଅଦମ୍ୟ ଅତ୍ୟାଚାରକୁ ଦେଖି ବିଳପି ଉଠିଥିଲେ। ଗୋପାଳକୃଷ୍ଣ ଗୋଖଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗ ଦେଲେ। ସେଇଠୁ ଆରମ୍ଭ ହେଲା ଗାନ୍ଧିଙ୍କ ରାଜନୈତିକ ଜୀବନ। ଭାରତକୁ ଫେରି ସର୍ବ ପ୍ରଥମେ ସେ ବ୍ରିଟିଶ ଅନୁରକ୍ତ ହୋଇ ଇଂରେଜର କିଛି ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ। ଫଳରେ ପ୍ରଥମ ବିଶ୍ୱଯୁଦ୍ଧରେ ଇଂରେଜ ସରକାରଙ୍କୁ ଅଯୋଚିତ ସହାୟତା ପ୍ରଦାନ କରିଥିଲେ। ଏଥିରେ ଇଂରେଜ ସରକାର ଖୁସି ହୋଇ ଗାନ୍ଧିଜୀଙ୍କୁ କାଇଜର-ଇ-ହିନ୍ଦ ଉପାଧି ପ୍ରଦାନ କରିଥିଲେ। ମାତ୍ର ପରବର୍ତ୍ତି ସମୟରେ କିଛି ବ୍ରିଟିଶଙ୍କ କାର୍ଯ୍ୟକଳାପ ତାଙ୍କ ଜୀବନର ଗତିପଥକୁ ଦୋହଲାଇ ଦେଇଥିଲା। ସେଥି ମଧ୍ୟରୁ ୧୯୧୯ର ଜାଲିଆନାଓ୍ୱାଲାବାଗ ହତ୍ୟାକାଣ୍ଡ, ଖିଲାଫତ୍ ଆନ୍ଦୋଳନ ଓ ରାଓଲାଟ୍ ଆଇନ ଅନ୍ୟତମ। ସେଇଠୁ ସେ ମୁକ୍ତ କଣ୍ଠରେ ଘୋଷଣା କଲେ ଯେ, ବ୍ରିଟିଶ ଜାତି ଅବିବେକୀ, ନୀତିହୀନ ଓ ଅନ୍ୟାୟ। ଏହି ସରକାର ପ୍ରତି ଆଉ କୌଣସି ଭଭାରତୀୟ ସମ୍ମାନ ଦେଖାଇବା ଅନୁଚିତ। ତେଣୁ ହିନ୍ଦୁ ଦର୍ଶନରୁ ଶିକ୍ଷା କରିଥିବା ଅହିଂସା ନୀତିକୁ ଏକ ରାଜନୈତିକ ଅସ୍ତ୍ର ରୂପେ ପ୍ରୟୋଗ କରିବା ପାଇଁ ନିଷ୍ପତ୍ତି ନେଲେ। ସେ କହୁଥିଲେ, ‘ଲକ୍ଷ୍ୟ ହିଁ ପନ୍ଥା ନିର୍ଦ୍ଧାରଣ କରିଥାଏ’। ସେ ସମସ୍ତ ଭାରତୀୟଙ୍କ ମନରେ ସତ୍ୟ ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ସଫଳ ହେଲେ। ସମସ୍ତେ ହୃଦୟଙ୍ଗମ କଲେ ଏ ବଣିକ ଜାତି ଆଉ ବେଶୀ ଦିନ ଆମ ଦେଶରେ ରହିବା ଅନୁଚିତ। ଗାନ୍ଧିଜୀ ସ୍ୱାଧିନତା ପ୍ରାପ୍ତିକୁ ଜୀବନର ଏକ ବ୍ରତ ବୋଲି ଧରିନେଲେ। ଆରମ୍ଭ ହେଲା ୧୯୧୯ ମାର୍ଚ୍ଚ ୩୦ରେ ରାଓଲାଟ୍ ଆଇନ ବିରୁଦ୍ଧରେ ସ୍ୱର ଉତ୍ତୋଳନ। ଅସହଯୋଗକୁ ଏକ ମୁଖ୍ୟ ଅସ୍ତ୍ର ଭାବରେ ବ୍ୟବହାର କଲେ। ସ୍ୱଦେଶୀ ଦ୍ରବ୍ୟର ବହୁଳ ବ୍ୟବହାର କରିବାକୁ ସମସ୍ତିଙ୍କୁ ଆହ୍ୱାନ ଦେଲେ। ୧୯୩୦ରେ ଏକ ବିରାଟ ଜନ ଜାଗରଣ ସୃଷ୍ଟି କଲେ ଆଇନ ଅମାନ୍ୟ ଆନ୍ଦୋଳନ ମାଧମରେ। ସତ୍ୟ ଓ ଅହିଂସା ଥିଲା ଗାନ୍ଧିଙ୍କ ଶାଣ ଦିଆ ଅମୋଘ ଅସ୍ତ୍ର। ତପୂରେ ୧୯୩୯ରେ ୨ୟ ବିଶ୍ୱଯୁଦ୍ଧରେ ଅୟମାରମ୍ଭ ସହ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅନ୍ୟ ଏକ ପୃଷ୍ଠା ଉନ୍ମୋଚିତ ହେଲା। ୧୯୪୧ରେ ଭାରତ ଗସ୍ତରେ ଆସିଥିବା କ୍ରିପ୍ସ ମିଶନ୍ ଯେତେବେଳେ ଭଭାରତକୁ ବିଭାଜନ କରିବାର ସୁଚିନ୍ତିତ ପନ୍ଥା ଆବିଷ୍କାର କରିଥିଲା, ସେତେବେଳେ ତାହା ଉଦ୍‌ବେଳିତ କରିଥିଲା ଜାତିର ଜନକଙ୍କୁ। ସେ ଉପଲବ୍ଧି କରିଥିଲେ ଏଇ ବ୍ରିଟା ଜାତି ଭାରତ ଭୂଇଁରେ ଆଉ ଗୋଟିଏ ମୂହୁର୍ତ୍ତ ରହିବାର ଅଧିକାର ନାହିଁ। ତେଣୁ ୧୯୪୨ରେ ସେ ଇଂରେଜ ମାନଙ୍କୁ ଭାରତ ଛାଡି ଚାଲିଯିବାକୁ ପରାମର୍ଶ ଦେଇଥିଲେ। ଏହି ଆନ୍ଦୋଳନ ଅଗଷ୍ଟ ମାସ ୮ ତାରିଖରେ ଆରମ୍ଭ ହୋଇଥିବାରୁ ଏହାକୁ ‘ଅଗଷ୍ଟ ବିପ୍ଳବ’ ନାମରେ ମଧ ନାମିତ କରାଯାଏ। ଏହି ବିଦ୍ରୋହରେ ଭାରତୀୟ ମାନେ ଜମି କର ଦେବେ ନାହିଁ ବୋଲି ସ୍ଥିର କଲେ, ଇଂରେଜ କର୍ମଚାରୀଙ୍କୁ ଖାଦ୍ୟ ଦ୍ରବ୍ୟ ବିକ୍ରୀ କଲେ ।ନହିଁ, କାଗଜ ନୋଟ ଗ୍ରହଣ କଲେ ନାହିଁ, ରାସ୍ତା, ଟେଲିଗ୍ରାଫ୍ ଲାଇନ, ରେଳ ଧାରଣା ବିପର୍ଯ୍ୟସ୍ତ କରାଗଲା, ପୁଲିସ, ଥାନା, କୋର୍ଟ, ଜେଲ ଇତ୍ୟାଦି ଭାରତୀୟ ମାନେ ଅକ୍ତିଆର କଲେ। ଗ୍ରାମାଞ୍ଚଳ ଲୋକଙ୍କୁ ଜାଗ୍ରତ କରାଗଲା ଏବଂ ଅହିଂସା ମାର୍ଗକୁ ଗ୍ରହଣ କରି ଆଗେଇବାକୁ ପରାମର୍ଶ ଦିଆଗଲା। ଶେଷରେ ଇଂରେଜ ମାନଙ୍କ ପାଇଁ ଏପରି ସମସ୍ୟା ସୃଷ୍ଟି ହେଲା, ସେମାନେ ଭାରତ ଛାଡି ଚାଲିଯିବାକୁ ଇଂଲଣ୍ଡ ଅଦାଲତରେ ଏକ ପ୍ରସ୍ତବ ଗୃହୀତ ହେଲା। ଶେଷରେ ଲର୍ଡ ମାଉଣ୍ଟବ୍ୟାଟେନ୍ ଭାରତର ଶାସନ ଭାର ଭାରତୀୟଙ୍କୁ ପ୍ରଦାନ କରି ୧୯୪୭ ମସିହା ଅଗଷ୍ଟ ଢ଼ାସ ୧୫ ତାରିଖରେ ଭାରତକୁ ଇଂରେଜ ଅଧିନରୁ ସ୍ୱତନ୍ତ୍ର ବୋଲି ଘୋଷଣା କଲେ। ଭାରତର ସ୍ୱତନ୍ତ୍ରତା ପାଇଁ ଯେ ଗାନ୍ଧିଙ୍କ ହୃଦୟ କାନ୍ଦୁଥିଲା ତାହା ନୁହେଁ, ସେ ହିନ୍ଦୁ ଓ ମୁସଲମାନ ମାନଙ୍କ ମଧ୍ୟରେ ଆନ୍ତରିକତା ସୃଷ୍ଟି ପାଇଁ ଚେଷ୍ଟା କରିଥିଲେ, ସମାଜରୁ ଜାତି ପ୍ରଥା, ବାଲ୍ୟ ବିବାହ ପ୍ରଥାର ଉଚ୍ଛେଦ ପାଇଁ ପ୍ରଚେଷ୍ଟା କଲେ, କୃଷକଙ୍କ ଆର୍ଥିକ ଉନ୍ନତି, ସମାଜରେ ନାରୀ ଜାତିର ଉନ୍ନତିକରଣ, ହରିଜନଙ୍କ ଉନ୍ନତି ଇତ୍ୟାଦି ସାମାଜିକ ସଂସ୍କାର ପ୍ରତି ମଧ ସେ ସଚେତନ ରହି କାର୍ଯ୍ୟ କରିଥିଲେ। ଏତେ ଉଚ୍ଚ ଶିକ୍ଷିତ ହୋଇ ମଧ ସାଧାରଣ ଆଣଣ୍ଠୁ ଲୁଚୁ ନଥିବା ଧୋତି ଓ ଚାଦର ଖଣ୍ଡେ ଥିଲା ତାଙ୍କର ଅଙ୍ଗବାସ। ଚରଖା ଓ ସଫେଇ ଥିଲା ତାଙ୍କ ଜୀବନର ଦୁଇ ଅଙ୍ଗ। ସେ ସୃଷ୍ଟି କରିଥିଲେ ‘ଗାନ୍ଧିବାଦ’। ଆଜି ମଧ ସମାଜରେ ଗାନ୍ଧିଙ୍କ ଆଦର୍ଶରେ ଅନୁପ୍ରାଣିତ ‘ଗାନ୍ଧିବାଦୀ’ ଲୋକ ଦେଖିବାକୁ ମିଳେ। ଯେଉଁ ।ମନଙ୍କ ଜୀବନର ବ୍ରତ ଥିଲା ସତ୍ୟ ଓ ଅହିଂସା। ଗାନ୍ଧି ନ ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ; ମାତ୍ର ସେ ଥିଲେ ଏକାଧାରରେ ଜଣେ ଦକ୍ଷ ରାଜନୀତିଜ୍ଞ, ଉଚ୍ଚକୋଟୀର ସଂଗଠକ, ଜନନାୟକ ଏବଂ ଜଣେ ନୈତିକ ସଂସ୍କାରକ। ତତ୍‌ସହିତ ସେ ଥିଲେ ରବିନ୍ଦ୍ରନାଥ ଠାକୁରଙ୍କ ଭାଷାରେ ଜଣେ ଶ୍ରେଷ୍ଠ ଓ ମହନୀୟ ମାନବ। ସ୍ୱାଧୀନତାର ସ୍ୱାଦ ଚାଖିବା ଆଗରୁ ସେ ଜଣେ ନିଷ୍ଠୁର ଆତତାୟୀ ନାଥୁରାମ ଗଡ୍‌ସେଙ୍କ ତିନୋଟି ଗୁଳିରେ ହେ ରାମ ! ଶବ୍ଦ ପାଟିରେ ଉଚ୍ଚାରଣ କରି ଲୋଟି ପଡିଥିଲେ ବିର୍ଲା ହାଉସ୍‌ର ଯାହାଚ ଉପରେ। ମୁଦ୍ରିତ ହୋଇଥିଲା। ତାଙ୍କର ନୟନ ଯୁଗଳ ସବୁଦିନ ପାଇଁ। ନେହେରୁଙ୍କ ପାଟିରୁ ସ୍ୱତଃ ନିଃସୃତ ହୋଇଥିଲା ଏକ ଦରଦୀ କଣ୍ଠର ସ୍ୱର ‘ଅଲୁଅ ଲିଭିଗଲା’। ବାସ୍ତବିକ୍ ଯୀଶୁଙ୍କ ସମୟରୁ ପୃଥିବୀ ପୃଷ୍ଠରେ ଗାନ୍ଧିଙ୍କ ପରି ଜଣେ ସ୍ୱଦେଶ ଭକ୍ତ ଓ ବିଦ୍ରୋହୀ ଜନ୍ମ ନେଇ ନାହାନ୍ତି। ଆନ୍ଦୋଳନାତ୍ମକ ପନ୍ଥାର ବୈପ୍ଲବିକ ଆବିଷ୍କାର ଓ ତା’ର ଅଭିନବ ପ୍ରୟୋଗ ଦୃଷ୍ଟିରୁ ବିଚାର କଲେ ସକ୍ରେଟିସ୍, ଲେଲିନ୍, ଅଥବା ଜର୍ଜ ଓ୍ୱାଶିଂଟନ୍ ଗାନ୍ଧିଙଘ୍କ ସହିତ ସମତୁଲ ହୋଇପାରି ନାହାନ୍ତି। ନେପୋଲିୟନ୍ ଯୁଦ୍ଧ କରି ପପରାଜୟ ବରଣ କରିଥିଲେ। ଜର୍ମାନୀର ଏକଛତ୍ରବାଦ ଶାସକ ହିଟଲର୍ ୟୟୁରୋପକୁ ନିଜ ହାତ ମୁଠାକୁ ଆଣି ଶେଷରେ ମୃତ୍ୟୁବରଣ କରିଥିଲେ, କିନ୍ତୁ ନିର୍ଯାତନା ଭୋଗ କରି ଶେଷରେ କୃତକାର୍ଯ୍ୟ ହୋଇ ଭାରତକୁ ତା’ର ନ୍ୟାର୍ଯ୍ୟ ଅଧିକାର ପ୍ରଦାନ କରି ପାରିଥିଲେ। ତାଙ୍କର ବିଜୟ ଥିଲା ଅନ୍ୟାୟ ବିଜୟ, ମିଥ୍ୟା ଉପରେ ସତ୍ୟର ବିଜୟ ଓ ପାଶବିକ ଶକ୍ତି ଉପରେ ନୈତିକତାର ବିଜୟ। ତେରଉ ଏକାଧାରରେ କୁହାଯାଇପାରେ ମହାତ୍ମା ଗାନ୍ଧି ବାସ୍ତବରେ ଜଣେ ବ୍ୟକ୍ତି ନ ଥିଲେ, ସେ ଥିଲେ ଏ ଦେଶ, ଏ ସମାଜ, ଏ ଜାତି ପାଇଁ ଏକ ଆହ୍ୱାନ !

+ରାଜନୀତି ବିଜ୍ଞାନ ବିଭାଗ
ବଡ଼ବିଲ ମହାବିଦ୍ୟାଳୟ
ବଡ଼ବିଲ କେନ୍ଦୁଝର

# ଅଦା ଖାଇବା ପୂର୍ବରୁ ଜାଣିରଖନ୍ତୁ



- ଖାଦ୍ୟ ବିଶେଷଜ୍ଞଙ୍କ ମତରେ ଅଦା ଏକ ଉପଯୋଗୀ ପରିବା । ପ୍ରତ୍ୟେକଦିନ ବିଭିନ୍ନ ଖାଦ୍ୟଦ୍ରବ୍ୟରେ ଏହାର ବ୍ୟବହାର କରିବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପବାରୀ । ସକାଳୁ ଖାଲିପେଟରେ ନଖଉଷୁମ ପାଣି ଗିଲାସରେ ଅଧ ଚାମଚ ଅଦା ରସ ମିଶାଇ ପିଇଲେ ସମସ୍ତ ପେଟ ସମସ୍ୟା ଦୂର ହୋଇଥାଏ ।
- ଅଦା ଫୁଟା ପାଣି ପିଇଲେ କାଶ ଦୂର ହେବା ସହ ଶରୀରକୁ ଶକ୍ତି ପ୍ରଦାନ କରେ ।
- ସକାଳବେଳା ଅଦା ଚା ପିଇବା ଖୁବ୍ ଉପକାରୀ ବୋଲି ବିଶେଷଜ୍ଞଙ୍କ ତଥ୍ୟରୁ ଜଣାପଡ଼ିଛି ।
- ଗର୍ଭବତୀ ମହିଳା ଅଦା ଖାଇବା ପୂର୍ବରୁ ଡାକ୍ତିରଙ୍କ ପରାମର୍ଶ ନେବା ଉଚିତ । କାରଣ ଗର୍ଭାବସ୍ଥାର ଶେଷ ୩ମାସରେ ଅଦା ଖାଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇଥାଏ ବୋଲି କେତେକ ତଥ୍ୟରୁ ପ୍ରକାଶ ।
- ଓଜନ ନିୟନ୍ତ୍ରଣରେ ରଖିବାକୁ ଚାହୁଁଥିବା ବ୍ୟକ୍ତି ଅଦା ଚା କିମ୍ବା ଅଦାମିଶ୍ରିତ ପାଣି ପିଇବା ଉତ୍ତମ । ତେବେ ଦୁର୍ବଳ ବ୍ୟକ୍ତି ଅଦା ଉପଯୋଗ ନକରିବା ଉଚିତ ।
- ରକ୍ତସମ୍ପର୍କିତ କୌଣସି ରୋଗରେ ଆକ୍ରାନ୍ତ ଥିବା ବ୍ୟକ୍ତି ଅଦାର ସେବନ କରିବା ଅନୁଚିତ ।

# ଘରେ ପ୍ରସ୍ତୁତ କରନ୍ତୁ ଶ୍ୟାମ୍ପୁ



**ପ୍ରକୃତିର କୌଣସି କୁପ୍ରଭାବ ମନୁଷ୍ୟ ସମାଜ ଉପରେ ପଡ଼ିନଥାଏ । ଅନେକବର୍ଷ ପୂର୍ବେ ଯନ୍ତ୍ରୀପାତି ଓ ଜ୍ଞାନକୌଶଳର ବ୍ୟବହାର କମ ହେଉଥିବାରୁ ସେତେବେଳେ ଉତ୍ତମ ପରିବେଶ ଥିଲା । ଏବେ କିନ୍ତୁ ଦିନକୁଦିନ ପୃଥିବୀପୃଷ୍ଠ ଉତ୍ତପ୍ତ ପିଣ୍ଡରେ ପରିଣତ ହେଉଛି । ଏସବୁକୁ ନଜରରେ ରଖି ପ୍ରାକୃତିକ ଉପାୟରେ ସୌନ୍ଦର୍ଯ୍ୟ ଚର୍ଚ୍ଚା କରିବା ଉଚିତ । କେଶ ସଫା ପାଇଁ ସବୁଠୁ ଜରୁରୀ ଶ୍ୟାମ୍ପୁକୁ ଘରେ ମଧ ତିଆରି କରିହେବ । ପ୍ରଥମେ ସମାନ ପରିମାଣର ଶୁଖିଲା ଅଁଳା, ରୀଠା ଓ ଶିକାକାଇ ବଜାରରୁ କିଣିଆଣନ୍ତୁ । ଏହାକୁ ଭଲ ଭାବରେ ଗୁଣ୍ଡ କରି ଏକ ଡବାରେ ଭର୍ତ୍ତି କରି ଫ୍ରିଜରେ ରଖିବା ଉଚିତ ।**

- କେଶ ସଫା କରିବା ପୂର୍ବଦିନ ରାତିରେ ଏହି ଗୁଣ୍ଡର ୨ ଚାମଚ ୩କପ୍ ପାଣିରେ ଭିଜାଇ ରଖନ୍ତୁ ।
- ସକାଳେ ସେହି ପାଣିକୁ ଭଲ ଭାବରେ ୧୫ ମିନିଟ୍ ଗରମ କରି ଫୁଟାନ୍ତୁ । ପରେ ଥଣ୍ଡା ହେବା ପାଇଁ ରଖନ୍ତୁ ।
- ସେହି ପାଣି ଥଣ୍ଡା ହେଲା ପରେ ତାହାକୁ ଶ୍ୟାମ୍ପୁ ଭାବରେ ବ୍ୟବହାର କରନ୍ତୁ । କେଶ ଝଡ଼ିବା କମ ହେବା ସହ ଘନତ୍ୱ ବଢ଼ିଥାଏ ।
- ପ୍ରଥମ ବ୍ୟବହାରରେ ଜାଣିହେବ ଯେ ଏହି ଘରୋଇ ଶ୍ୟାମ୍ପୁ ବ୍ୟବହାର କଲେ କେଶ ଯଥେଷ୍ଟ କମ ଝଡ଼ିଥାଏ ।



# ନୂଆ କିସମର ହରଡ଼

ନିକଟରେ ମଧ୍ୟପ୍ରଦେଶର କୃଷି ବୈଜ୍ଞାନିକମାନେ ହରଡର ଏକ ନୂଆ କିସମ ବିକଶିତ କରିଛନ୍ତି । ସାଧାରଣତଃ ଗୋଟିଏ ହରଡ ଗଛରୁ ୫୦୦ ଗ୍ରାମ ଡାଲି ମିଳୁଥିବା ବେଳେ ଏହି ଗଛରୁ ୨କିଲୋଗ୍ରାମ ପାଖାପାଖି ଡାଲି ମିଳିବ । ଏହା ସହିତ ୬୦୦ ଗ୍ରାମର ଲାଖ ମଧ ମିଳିପାରିବ । ସୀମିତ ତଥା କମ୍ ଅମଳକ୍ଷମ ଜମି ଥିବା ଚାଷୀମାନଙ୍କ ପାଇଁ ଜବଲପୁରସ୍ଥିତ ଜବାହାରଲାଲ ଏହି ହରଡ ଗଛ ଲଗାଯାଇପାରିବ । ଅଧା ଏକର ଜମିରେ ୨୦୦ ପାଖାପାଖି ହରଡ ଗଛ ଲାଗିପାରେ । ଲାଖ ପୋକ ଛଡ଼ାଯିବା ପରେ ଏହା ଗଛର କ୍ଷତି ନକରି ଓଲଟା ସେଥିରେ ଲାଖ ସୃଷ୍ଟି କରିଥାନ୍ତି । ମାତ୍ର ୧୦ମାସ ମଧ୍ୟରେ ଏପରି ଗୋଟିଏ ହରଡ ଗଛରୁ ୨କିଲୋ ହରଡ, ୬୦୦ ଗ୍ରାମ ଲାଖ ଓ ୫କିଲୋଗ୍ରାମ ପାଖାପାଖି କାଠ ମିଳିପାରିବ ବୋଲି ଗବେଷଣାରୁ ଜଣାଯାଇଛି ।



# ସୁସ୍ଥତାର ସୂତ୍ର





ନିକଟରେ ଆମେରିକୀୟ ଗବେଷକ ଦଳ ୧୫୦୦ ଲୋକଙ୍କୁ ସାମିଲ କରି ଏକ ଗବେଷଣା ଆରମ୍ଭ କରିଥିଲେ । ପାଖାପାଖି ୨ବର୍ଷ ଧରି ଅନୁଧାନ ହେବା ପରେ ଜଣାପଡ଼ିଥିଲା ଯେ ନିୟମିତ ଭାବେ କମ କ୍ୟାଲୋରି ଯୁକ୍ତ ଖାଦ୍ୟ ସେବନ କଲେ ଜରେ ବ୍ୟକ୍ତି ସୁସ୍ଥ ଜୀବନଶୈଳୀ ଅତିବାହିତ କରିବ । ୨୧-୫୬ ବର୍ଷ ବିଷୟ ଲୋକଙ୍କୁ ଏଥିରେ ସାମିଲ କରାଯିବା ସହ ସେମାନଙ୍କୁ ନିୟମିତ ଭାବେ ଏକ ଖାଦ୍ୟ ତାଲିକା ଅନୁସାରେ ଭୋଜନ କରିବାକୁ ପରାମର୍ଶ ଦିଆଗଲା । କମ ତେଲରେ ରନ୍ଧା ଖାଦ୍ୟ ସହ ଉଷୁମ ପାଣି ପିଇବା ପ୍ରଥମରୁ କୁହାଗଲା । ସାଲାଡ, ଫଳମୂଳ, ସବୁଜ ପନିପରିବା ଡାଲଟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଏହି ଲୋକଙ୍କ ମଧ୍ୟରେ କେତେଜଣ ହୃଦଯୋଗୀ ଓ ଉଚ୍ଚରକ୍ତଚାପ ରୋଗୀ ମଧ ଥିଲେ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ଯେ, ୨ବର୍ଷର ଏଭଳି ଖାଦ୍ୟପାନୀୟକୁ ଗ୍ରହଣ କରିବା ପରେ ସେମାନେ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇଯାଇଥିଲେ । ଗବେଷକଙ୍କ ମତରେ,ଏହି ଲୋକମାନେ ସମସ୍ତେ କର୍ମଜୀବୀ ଥିଲେ ଏଣୁ ଜିମ ଯିବା କିମ୍ବା ବ୍ୟାୟାମ କରିବା ନିମନ୍ତେ ଏମାନଙ୍କ ପାଖରେ ସମୟ ନଥିଲା । ସେଥିନିମନ୍ତେ ନିୟମିତ ଭୋଜନ ପରେ ସେମାନଙ୍କୁ ୩୦-୪୫ ମିନିଟ ଚାଲିବା ପାଇଁ କୁହାଗଲା । ଏହି ଲୋକମାନଙ୍କ ଓଜନ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଥିବାର ମଧ ଦେଖାଯାଇଛି । ମାସକୁ ଥରୁଟିଏ ଏମାନେ ଜଙ୍କଫୁଡ କିମ୍ବା ଫାଷ୍ଟଫୁଡ୍ ଖୁବ୍ ଅଳ୍ପ ପରିମାଣରେ ଖାଉଥିଲେ । କେବଳ ଏକ ଭିନ୍ନ ସ୍ୱାସ ଅନୁଭବ ନିମନ୍ତେ ଗବେଷକ ମୁଖ୍ୟ ସେମାନଙ୍କୁ ଏହି ପରାମର୍ଶ ଦେଇଥିଲେ ।







# ରୋଷେଇଘର ବ୍ୟବସ୍ଥିତ ରହିବ

- ରୋଷେଇଘର ସମ୍ଭାଳିବା ଆଦୌ ସହଜ ବ୍ୟାପାର ନୁହେଁ । ତେବେ ଏପରି କେତେକ ଛୋଟଛୋଟ କଥା ମନେରଖିଲେ କୌଣସି ଜିନିଷ ନଷ୍ଟ ହେବନାହିଁ ।
- ଯେଉଁ ଜାର କିମ୍ବା ପ୍ଲାଷ୍ଟିକ୍ ପାତ୍ରରେ ଖାଦ୍ୟପେୟ ସାମଗ୍ରୀ ରଖୁଛନ୍ତି, ତାର ବାହାର ପାଖରେ ସୋରିଷ ତେଲ ଲଗାଇ ଦିଅନ୍ତୁ । ଏପରି କଲେ ପିମ୍ପୁଡ଼ି ଲାଗିବେ ନାହିଁ ।
- ରୋଷେଇଘରେ ବେଶୀ ପିମ୍ପୁଡ଼ି ହେଉଥିଲେ ସେଠାରେ ଲାଗିଥିବା ସିଏଫଏଲ ବଲବ ପାଖରେ ଗୋଟିଏ କି ଦୁଇଟି ପିଆଜ ବାନ୍ଧି ଝୁଲାଇ ଦିଅନ୍ତୁ । ପିମ୍ପୁଡ଼ି କମିଯିବେ ।
- ଫ୍ରିଜ୍ ଦୁର୍ଗନ୍ଧ ହେଉଥିଲେ ଗୋଟିଏ ଲେମ୍ବୁ ଦୁଇଫାଳ କରି ଅଲଗା ଅଲଗା ଟ୍ରେରେ ରଖିଦିଅନ୍ତୁ ।
- ସିଝାଇବା ବେଳେ ପ୍ରାୟତଃ ଅଣ୍ଡା ଫାଟିଯାଏ । ତେଣୁ ଏହାକୁ ସିଝାଇବା ପୂର୍ବରୁ ପାଣିରେ ଅଧାଚାମଚ ଲୁଣ, ପକାଇ ସେଥିରେ ଅଣ୍ଡା ସିଝାନ୍ତୁ । ଏହା ଫାଟିବନି ।
- କୌଣସି ବାସନ ପୋଡ଼ିଯାଇ ସଫା ହୋଇପାରୁନଥିଲେ ସେଥିରେ ଚା’ ପତି ଏବଂ ପାଣି ପକାଇ କିଛିସମୟ ଫୁଟାଇ ଦିଅନ୍ତୁ । ଏହା ସଫା ହୋଇଯିବ ।



# ଜମି ବିବାଦରୁ ହତ୍ୟା ଘଟଣାରେ ୭ ଗିରଫ

ମାଲକାନଗିରି,୨୫।୧୧ (ନି.ପ୍ର): ମାଲକାନଗିରି ଗିରି ଜିଲ୍ଲା ମୋଟୁ ଥାନା ଅନ୍ତର୍ଗତ ମହାରାଜପଲ୍ଲୀ ପଂଚାୟତ କୋଇକୋଣ୍ଡା ଗ୍ରାମରେ ଜମିବିବାଦକୁ ନେଇ ଗତ ରବିବାର ଦିନ ଅପରାହ୍ନରେ ହୋଇ ଥିବା ହତ୍ୟାକାଣ୍ଡ ଘଟଣାରେ ସମ୍ପୃକ୍ତ ଥିବା ୭ ଜଣ ଆସାମୀ ଙ୍କୁ ମୋଟୁ ପୋଲିସ ଆଜି ଗିରଫ କରିବା ସହ ହତ୍ୟାକାଣ୍ଡ ରେ ବ୍ୟବହାର ହୋଇଥିବା ଛୁରୀ ଓ ଠେଙ୍ଗା କୁ ଜବତକରି କୋର୍ଟ ଚାଲାଣ କରିଛି ! ମିଳିଥିବା ସୂଚନା ଅନୁଯାଇ କୋଇକୋଣ୍ଡା ଗ୍ରାମର ଏନକା ସାଲବମ ଙ୍କ ସହ ସେହି ଗ୍ରାମର କିଛି ଲୋକଙ୍କ ମଧ୍ୟରେ ପୂର୍ବରୁ ଜମି ବାଡ଼ି କୁ ନେଇ ଗଣ୍ଡଗୋଳ ଲାଗି ରହିଥିଲା !ଗତ ରବିବାର ଅପରାହ୍ନ ରେ ଏନକା ଜମିରୁ ଘରକୁ ଫେରୁଥିବାବେଳେ ଗ୍ରାମର ସାଲବମ ଦୁଲା, ସାରିଆମି ବଦରିୟା, ସାଲବମ ମୁତା, ସାଲବମ ନରିଆ, ସାରିୟାମୀ କାମା, ସାରିୟାମୀ ଗଙ୍ଗା ପ୍ରମୁଖ ୭ ଜଣ ମିଶି ବାଟରେ ଜଗି ରହି ତାକୁ ଛୁରୀ ଓ ଠେଙ୍ଗା ରେ ଆକ୍ରମଣ କରିଥିଲେ ! ଏନକା କୁ ଗୁରତର ଭାବେ ମାଡ଼ ମାରିବା ସହ ଜୀବନରେ ମାରିଦେଇଥିଲେ ! ପରେ ତାର ଶବକୁ ଆଣି ତାର ଘର ସମ୍ମୁଖରେ ଫିଙ୍ଗି ଦେଇଥିଲେ !ଏହି ହତ୍ୟାକାଣ୍ଡ ସଂପର୍କରେ ଏନକା ଙ୍କ ସ୍ତ୍ରୀ ମୋଟୁ ଥାନାରେ ସୋମବାର ଦିନ ଏତଲା ଦେବାପରେ ପୋଲିସ ଘଟଣା ସ୍ଥଳରେ ପହଂଚି ଶବ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଇ ଅଭିଯୁକ୍ତ ଙ୍କୁ ଧରିବା ପାଇଁ ତଦନ୍ତ ଚଳାଇଥିଲେ !

# ପଥରକଣି ବିଜେପି ମଣ୍ଡଳର ପ୍ରଶିକ୍ଷଣ ଶିବିର

କେନ୍ଦ୍ରାପଡ଼ା,୨୫।୧୧ (ନି.ପ୍ର): କେନ୍ଦ୍ରାପଡା ବିଜେପି ଶାଖା ତରଫରୁ ୭ନଂ ଜୋନ ପଥରକଣି ମଣ୍ଡଳର କାର୍ଯ୍ୟକର୍ତା ପ୍ରଶିକ୍ଷଣ ଶିବିର ସ୍ଥାନୀୟ ଗଗୁଆ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ସଭାପତି ଦୟାନିଧି ବଳଙ୍କ ସଂଯୋଜନା ରେ ବିଜେପି ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା ଶିବିରକୁ ଉଦ୍‌ଘାଟନ କରିଥିଲେ । ନଭେମ୍ବର-୨୪ ଓ ୨୫ ତାରିଖ ୨ଦିନ ଧରି ଚାଲିବାକୁ ଥିବା ଏହି ପ୍ରଶିକ୍ଷଣ ଶିବିର ରେ ମଣ୍ଡଳର କାର୍ଯ୍ୟକର୍ତା ମାନେ ପ୍ରଶିକ୍ଷଣ ନେବେ । ପ୍ରଥମ ଦିନରେ ବିଭିନ୍ନ ବିଷୟ ଗୁଡିକ ଯଥା ଭାଜପାର ଇତିହାସ ଓ ବିକାଶ, ବିଚାର ପରିବାର, ଭାଜପାର ଏବଂ ଆମର ଦାୟିତ୍ୱ , ଭାରତର ବୈଚାରିକ ମୁଖ୍ୟଧାରା, ବିଚାର ଧାରା, ବ୍ୟକ୍ତିତ୍ୱ ବିକାଶକୁ ଯଥାକ୍ରମେ ଅଭିମନ୍ୟୁ ଗୋଛାୟତ୍, ସୁନାକର ପ୍ରଧାନ, ବ୍ରଜ ସୁନ୍ଦର ଭୂୟାଁ ପ୍ରମୁଖ ନେତୃବୃନ୍ଦ ପ୍ରଶିକ୍ଷଣ ଦେଇ ଆଲୋଚନା ଓ ପର୍ଯ୍ୟାଲୋଚନା କରିଥିଲେ । ଏହି ଶିବିର ରେ ହରିଶ୍ଚନ୍ଦ୍ର ପ୍ରଦାନ, ଶେଷଦେବ ପ୍ରଧାନ, ବିଜୟ ମହାନ୍ତି, ବିଚିତ୍ର ପ୍ରଧାନ, ପତିତ ପାବନ ରାଉତ, ସର୍ବେଶ୍ୱର ଭଳ, ଦେବ ପ୍ରସାଦ ଭୋଳ, ରଞ୍ଜନ ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

## ସଦସ୍ୟାଙ୍କ ଜନ୍ମଦିନ ରେ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର

କେନ୍ଦ୍ରାପଡ଼ା,୨୫।୧୧ (ନି.ପ୍ର): କେନ୍ଦ୍ରାପଡା ର ଅଗ୍ରଣୀ ସ୍ୱଚ୍ଛାସେବୀ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଟ୍ରଷ୍ଟ ସଦସ୍ୟଙ୍କ ଜନ୍ମଦିନ ରେ ରକ୍ତଦାନ ଶିବିର ର ଆୟୋଜନ କରାଯାଇଥିଲା । ଟ୍ରଷ୍ଟର ସଦସ୍ୟା ଶ୍ରୀମତୀ ଶିକ୍ଷା ବୋଷଙ୍କ ଜନ୍ମଦିନ ଅବସର ରେ କେନ୍ଦ୍ରାପଡା ଜିଲ୍ଲାମୁଖ୍ୟ ଚିକିତ୍ସାଳୟ ର ରକ୍ତ ଭଣ୍ଡାର ରେ ଅନୁଷ୍ଠିତ ହୋଇଥିଲା । ସଭାପତି ଦମନ କୁମାର ମହାନ୍ତି, କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୂର୍ଯ୍ୟକାନ୍ତ ପରିଡା, କେଦାର ସ୍ୱାଇଁ, ହେମନ୍ତ ନାୟକ, ସମ୍ବିତ୍ କୁମାର ପରିଜା ପ୍ରମୁଖ ପରିଚାଳନା କରିଥିଲେ । ରକ୍ତ ଭଣ୍ଡାର ର ଦିପକ ବରାଳ ଓ ରାକେଶ କୁମାର ପଣ୍ଡା ରକ୍ତ ସଂଗ୍ରହରେ ସହାୟତା କରିଥିଲେ ।

# ମାଲକାନଗିରି ଏସପିଙ୍କୁ ବଦଳି ଦାବିରେ ଡିଜିପିଙ୍କୁ ଭେଟିଲା ବିଜେପି ପ୍ରତିନିଧୀ ଦଳ

କଟକ/ଭୁବନେଶ୍ୱର,୨୫।୧୧ (ନି.ପ୍ର): ୨୦୧୯ ଡିସେମ୍ବର ୨୮ ତାରିଖରେ ମାଲକାନଗିରି ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ସହାୟକ ଦେବ ନାରାୟଣ ପଣ୍ଡାଙ୍କ ମୃତଦେହ ଉଦ୍ଧାର ଘଟଣାରେ ଖୋଦ୍ ମାଲକାନଗିରି ଏସପି ହତ୍ୟାକାଣ୍ଡକୁ ଚପାଇ ଦେବା ପାଇଁ ଅପଚେଷ୍ଟା କରିଥିଲେ ବୋଲି ବିଜେପି ଅଭିଯୋଗ କରିଛି । ଏହି ଘଟଣାରେ ତୁରନ୍ତ ମାଲକାନଗିରି ଜିଲ୍ଲା ଏସପି ଓ ଆଇଆଇସିଙ୍କୁ ବଦଳି କରିବା ଦାବି ନେଇ ବିଜେପି ଉପସଭାପତି ବଳଭଦ୍ରମାଝୀଙ୍କ ନେତୃତ୍ୱରେ ଏକ ପ୍ରତିନିଧୀ ଦଳ କଟକ ଠାରେ ପୋଲିସ ମହାନିର୍ଦ୍ଦେଶକଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଏହି ହତ୍ୟାକାଣ୍ଡରେ ମାଲକାନଗିରି ଏସଡିଜେଏମ କୋର୍ଟ ଜିଲ୍ଲାପାଳଙ୍କ ସମେତ ୪ ଜଣ ସରକାରୀ ଅଧିକାରୀଙ୍କ ନାଁରେ ମାମଲା ରୁଜୁ କରିବା ପାଇଁ ନିର୍ଦ୍ଦେଶ ଦେବା ପରେ ପୋଲିସ ପରିବାର ଲୋକଙ୍କ ଏତଲା ରଖିଛି । ଏହି ଘଟଣାରେ ଜିଲ୍ଲାପାଳଙ୍କ ସଂପୃକ୍ତି ଥିବା ଯୋଗୁଁ ଜିଲ୍ଲା ଏସପି ଏହାକୁ ରଫାଦଫା କରିବା ପାଇଁ ପରିବାର ଲୋକଙ୍କ ଉପରେ ଚାପ ପକାଇ ପାରନ୍ତି । ପୂର୍ବରୁ ଜିଲ୍ଲା ଏସପି ଏବଂ ଆଇଆଇସି ଏତଲା ଗ୍ରହଣ କରିନଥିବାବେଳେ ଏବେ ଏହି ଘଟଣାକୁ ଭିନ୍ନ ମୋଡ ଦେଇ କେସ୍ କୁ ବନ୍ଦ କରିବା ପାଇଁ ଯୋଜନା କରୁଛନ୍ତି । ଏଣୁ ତୁରନ୍ତ ଜିଲ୍ଲା ଏସପି ଓ ଆଇଆଇସିଙ୍କୁ ବଦଳି କରାଗଲେ ଏହାର ଏକ ନିରପେକ୍ଷ ତଦନ୍ତ ହୋଇପାରିବ । ଅନ୍ୟପଟେ ଏହି ଘଟଣାରେ ସଂପୃକ୍ତି ଥିବା ୪ ଜଣ ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଜିଲ୍ଲା ଏସପି ଓ ଆଇଆଇସିଙ୍କୁ ତଦନ୍ତ ପରିସରଭୂକ୍ତ କରି ଏତଲା ରଖିବାରେ ବିଳମ୍ବ କରିଥିବାରୁ ଉଭୟଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ଲାଗି ପ୍ରତିନିଧୀ ଦଳ ପୋଲିସ ମହାନିର୍ଦ୍ଦେଶକଙ୍କୁ ଅନୁରୋଧ କରିଛନ୍ତି । ଏହି ପ୍ରତିନିଧୀ ଦଳରେ ମାଲକାନଗିରି ବିଧାୟକ ଆଦିତ୍ୟ ମାଢୀ, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଓ କଟକ ଜିଲ୍ଲା ସଭାପତି ଲଲାଟେନ୍ଦୁ ବଡୁ ପ୍ରମୁଖ ଉପସ୍ଥିତି ଥିଲେ ।

# ଜିଲ୍ଲାରେ ଅନେକ ପର୍ଯ୍ୟଟନ ସ୍ଥଳୀ ପରି କନ୍ଧମାଳର ଲୁଦୁ ଜଳପ୍ରପାତ ମଧ୍ୟ ଅବହେଳିତ

କନ୍ଧମାଳ,୨୫।୧୧ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅଂଚଳରେ ରହିଛି ବହୁ ପର୍ଯ୍ୟଟନସ୍ଥଳୀ କିନ୍ତୁ ପ୍ରଶାସନର ଅଣଦେଖା ଯୋଗୁଁ ଜନସମାଜର ଦୃଷ୍ଟି ଗୋଚର ହେବାରେ ବାଧା ଉପୁଜୁଛି । ଏମିତିକି କନ୍ଧମାଳ ଜିଲ୍ଲାର ବାଲିଗୁଡା ଉପଖଣ୍ଡ ଅଧିନସ୍ଥ କୋଟଗଡ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣଗିରି ପଂଚାୟତର ଜାକେସି ଗାଁରେ ମାତ୍ର କୋଟଗଡ ଠାରୁ ୨୫ କି.ମି ଦୂରରେ ଅବସ୍ଥିତ । ସେଠାରେ ବହୁପୁରାତନ କାଳରୁ ଲୁଦୁ ନାମଟି ସାରା ରାଜ୍ୟ କଣ ରାଜ୍ୟ ବାହାରେ ବି ବେଶ୍ ଜଣାଶୁଣା । ପ୍ରକୃତିର ନଈ ନାଳ ଭରା ଜଙ୍ଗଲର କନ୍ଧମାଳ ଅନେକ ପର୍ଯ୍ୟଟନ ସ୍ଥଳୀ ଏଭଳି ଆକର୍ଷଣୀୟ ଯାହାକି କନ୍ଧମାଳର ପର୍ଯ୍ୟଟନ ସ୍ଥଳୀକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ବେଶ୍ ମନୋରମ ପରିବେଷ । କନ୍ଧମାଳର ଅନେକ ପର୍ଯ୍ୟଟନ ସ୍ଥଳୀଠାରୁ ଲୁଦୁ ନିଆରା । ଲୁଦୁ ଜଳପ୍ରପାତର ଶୋଭାରାଜି ଅତି ନିକଟରୁ ଦେଖିବାକୁ ଛୁଟି ଆସନ୍ତି ଦେଶୀ ଓ ବିଦେଶୀ ପର୍ଯ୍ୟଟକ । ଡିସେମ୍ବର ମାସଠାରୁ ଆରମ୍ଭ କରି ଫେବୃୟାରୀ ମାସ ପର୍ଯ୍ୟନ୍ତ ଏଠାରେ ପର୍ଯ୍ୟଟକଙ୍କ ଭିଡ ଜମିଥିବା ଦେଖିବାକୁ ମିଳିଥାଏ । ଔଷଧିୟ ବୃକ୍ଷରେ ଭରା ସୁଗନ୍ଧ ମୟ ମୁକ୍ତ ବାୟୁ ସୋରିଷ ଫୁଲର ମନଲୋଭା ବାସ୍ନା ସାଙ୍ଗକୁ ସୌନ୍ଦର୍ଯ୍ୟ ଆଗନ୍ତୁକ ପର୍ଯ୍ୟଟକଙ୍କୁ ବିମୋହିତ କରୁଛି । ଏଠାକୁ ବହୁ ଦୂର ଦୂରାନ୍ତରୁ ପର୍ଯ୍ୟଟକ ଆସନ୍ତି ଲୁଦୁ ଜଳପ୍ରପାତର ମଜା ନେବାପାଇଁ । କିନ୍ତୁ ପର୍ଯ୍ୟଟକଙ୍କ ମନରେ ଲୁଦୁର ସୌନ୍ଦର୍ଯ୍ୟକୁ ଭୂଲେଇ ନ ପାରିଲେ ବି ଗମନାଗମନ ଜରାଜିର୍ଣ୍ଣ ଅବସ୍ଥାରେ ପଡି ରହିଥିବା ପାହାଚ ଓ ପିଣ୍ଡି ସବୁ ଭୂତକୋଠୀ ଭଳି ଯିଏ ବି ଖୁସୀ ମନରେ ଲୁଦୁ ଜଳପ୍ରପାତକୁ ବୁଲିବାକୁ ଆସେ ସେ ନିରାଶ ହୋଇ ଫେରିବା ସହ ସମ୍ପର୍କୀୟଙ୍କୁ ଯଦିଓ ଲୁଦୁ ଜଳପ୍ରପାତ ଅତି ସୌନ୍ଦର୍ଯ୍ୟ ବୋଲି ବ୍ୟାଖ୍ୟା କରିଥିବା ବେଳେ ରହିବା, ଖାଇବା ଏବଂ ଦୂରଦୂରାନ୍ତରୁ ଆସିଥିବା ଲୋକଙ୍କ ପାଇଁ କୌଣସି ପ୍ରକାର ବ୍ୟବସ୍ଥା ଓ ଯାତାୟତର ଘୋର ଅସୁବିଧା ଯୋଗୁଁ ଲୁଦୁ ଜଳପ୍ରପାତକୁ ଅନିଚ୍ଛା ସତ୍ୱେ ସେଠାକୁ ଆସି ସମ୍ପର୍କୀୟ ଉପଭୋଗ କରିବା ପାଇଁ ମନା କରିଦେଇଥିବା ବହୁ ବାର ନଜିର ରହିଅଛି । ଲୁଦୁ ଜଳପ୍ରପାତ ଯଦି ପ୍ରଶାସନ ତରଫରୁ ବିକାଶ ପଥର ପାଦକୁ ଆଗେଇ ନେଇଥାନ୍ତେ ତେବେ କନ୍ଧମାଳର ଘଂଚ ଜଙ୍ଗଲ ଭିତରେ ଭଗବାନଙ୍କ ସୃଷ୍ଟିର ଅତି ଲୋଭନୀୟ ଲୁଦୁ ସୁଇଚ୍ ଜଳପ୍ରପାତ ବିକାଶରେ ପରିଣତ ହେବାସହ ଦୁର୍ଗମ ଅଂଚଳରେ ବା ସେହି ଅଂଚଳ ପାଖାପାଖି ବସବାସ କରୁଥିବା ଅଧିମ ଆଦିବାସୀଙ୍କ ରୋଜଗାର ପନ୍ଥାରେ ବି ପରିବର୍ତନ ଆସିପାରିଥାନ୍ତା । ଯଦିଓ କନ୍ଧମାଳ ଜିଲ୍ଲାରେ ମନୋରଞ୍ଜନ କରିବା ପାଇଁ ଅଂଚଳବାସୀଙ୍କ ପାଇଁ ପ୍ରଶାସନିକ ତରଫରୁ କିଛି ବି ସୁବିଧା ନଥାଏ ତା ହେଲେ ଯେଉଁସବୁ ପର୍ଯ୍ୟଟନ ସ୍ଥଳୀ ଭଗବାନଙ୍କ ସୃଷ୍ଟିରୁ ସୃଷ୍ଟିହୋଇ ଏହି ଅଂଚଳରେ ରହିଅଛି ତା ପ୍ରତି ସରକାର ଟିକିଏ ବି ନଜର ପକାଇ ଉନ୍ନତିର ବାଟକୁ ଆଣିଥିଲେ ଅଂଚଳବାସୀଙ୍କ ମନରେ ମନଭରା ଉପଭୋଗର ବାତା ଦେଖିବାକୁ ମିଳିଥାନ୍ତା । ତା ସାଙ୍ଗକୁ ଦୂର ଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକ ବେଶ୍ ଖୁସୀରେ ଉପଭୋଗ ପରେ ଘରକୁ ଫେରୁଥିବା ଦେଖିବାକୁ ମିଳୁଥାନ୍ତା । କିନ୍ତୁ ସେହି ଅଂଚଳର ଅଂଚଳବାସୀଙ୍କ କହିବା ଅନୁଯାୟୀ କୋଟଗଡ ବନାଂଚଳ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଆସୁଥିବାରୁ ପ୍ରଶାସନ ଅଧିକାରୀମାନେ ଉନ୍ନତି ପକ୍ଷେ ଦୃଷ୍ଟି ଦେଉନଥିବା କହିଛନ୍ତି । ଏହି ବାବଦରେ କୋଟଗଡ ରେଞ୍ଜ ଅଫିସର ସୂର୍ଯ୍ୟକାନ୍ତ ବେହେରାଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ଦୀର୍ଘବର୍ଷ ହେଲା ଲୁଦୁ ଜଳ ପ୍ରପାତର ଉନ୍ନତି ମୂଳକ କାମ ହୋଇନାହିଁ । ଯଦିଏ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ସେହି ଜଳ ପ୍ରପାତ ଅବସ୍ଥିତ ତାହାରି ଉନ୍ନତିମୂଳକ କାମ ଯେଉଁ ବିଭାଗ କରିବ ତ ସେ ବିଭାଗ ଅଧିକାରୀ ବନଖଣ୍ଡ ଅଧିକାରୀ, ବାଲିଗୁଡାଙ୍କ ଠାରୁ ଅନୁମତି ନେଇ କାର୍ଯ୍ୟ କରିପାରିବ, ଅସୁବିଧା କିଛି ନାହିଁ । କେବଳ ସେତିକି ପ୍ରକୃତିର ଭଣ୍ଡାର କନ୍ଧମାଳ ଜିଲ୍ଲାରେ ଭରି ରହିଛି ଆହୁରି ଅନେକ ପର୍ଯ୍ୟଟନ ସ୍ଥଳୀ ଓ ପ୍ରକୃତିକ ଦୃଶ୍ୟରେ ଭାରା ପର୍ଯ୍ୟଟନ ସ୍ଥଳୀ । ହେଲେ ସେହି ସ୍ଥାନ ଗୁଡିକର ଉନ୍ନତିକରଣ କିମ୍ବା ସେଠାକୁ ଆସୁଥିବା ପର୍ଯ୍ୟଟକ ମାନଙ୍କ ପାଇଁ ଜିଲ୍ଲା ପ୍ରଶାସନ କିମ୍ବା ରାଜ୍ୟ ସରକାରଙ୍କର ପର୍ଯ୍ୟଟନ ବିଭାଗ ତରଫରୁ କୌଣସି ସୁବିଧା କରାଯାଉନାହିଁ । ଯାହା ଦ୍ୱାରା ସେଠାକୁ ଆସୁଥିବା ବାହାର ରାଜ୍ୟ ଏବଂ ଜିଲ୍ଲାର ଲୋକେ ଦୁରଦୁରାନ୍ତରୁ ଆସୁଥିଲେ ବି ସେଠାରେ ସେମାନଙ୍କୁ ପର୍ଯ୍ୟାପ୍ତ ସୁବିଧା ନ ମିଳିବାରୁ ପର୍ଯ୍ୟଟନର ପର୍ଯ୍ୟାପ୍ତ ଆନନ୍ଦ ଉଠାଇବାରେ ଅସମର୍ଥ ହୋଇ ନିରାଶ ହୋଇ ଫେରୁଥିବା ଦେଖାଯାଇଉଛି ।

## ଖଡିଆଳରେ ଆଳୁ ଦର ଆକାଶଛୁଆଁ, ବ୍ୟବସାୟୀ ମାଲେମାଲ ଅଭିଯୋଗ

ନୂଆପଡା,୨୫।୧୧ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସହରରେ ଆଳୁ ଦର ଆକାଶଛୁଆଁ ପାଳଟିଛି । ଫଳରେ ଖାଉଟି ବେହାଲ ହୋଇପଡିଛନ୍ତି । ଖଡିଆଳ ବଜାରରେ ନିୟନ୍ତ୍ରଣ ବିହୀନ ହେବା କାରଣରୁ ସାଧାରଣ ଜନତା ନାହିନଥିବା ସମସ୍ୟାର ସମ୍ମୁଖିନ ହେଉଛନ୍ତି । ଆଳୁ ପ୍ରତ୍ୟେକ ପରିବାରର ଦୈନନ୍ଦିନ ଅତ୍ୟାବଶ୍ୟକ ଖାଉଟି ସାମଗ୍ରୀ କହିଲେ ଅତ୍ୟୁକ୍ତି ହେବା ନାହିଁ । କିନ୍ତୁ ଲକଡାଉନ ପରିସ୍ଥିତିରେ ବ୍ୟବସାୟୀ ମାନେ ଜନତାଙ୍କୁ ଲୁଟ କଲା ଭଳି ଅନୁଭବ ହେଉଛି । ଆଜି ଖଡିଆଳ ବଜାରରେ ୪୮ କେଜି ଆଳୁ ପ୍ୟାକେଟକୁ ୧୯୫୦ ଟଙ୍କାରେ ବିକ୍ରୟ କରାଯାଉଥିବା ବେଳେ ଖୁଲାରେ କେଜି ପ୍ରତି ୫୦ ଟଙ୍କା ଦରରେ ବିକ୍ରୟ କରାଯାଉଛି । କିନ୍ତୁ ମନମୁଖି ଏହି ଦର କାରଣରୁ କେବେ ୫୦ ଟଙ୍କା ତ ଆଉ କେବେ ୬୦ ଟଙ୍କାରେ ବିକ୍ରୟ କରାଯାଉଛି । ଫଳରେ ସାଧାରଣ ଜନତା ଆଳୁର ଏହି ଦର ଶୁଣି ଧରାଶାୟୀ ହୋଇ ପଡୁଛନ୍ତି । ବ୍ୟବସାୟୀ ମାନଙ୍କ ମାତ୍ରାଧିକ ଦରବୃଦ୍ଧି ଉପରେ ନିୟନ୍ତ୍ରଣର ଆବଶ୍ୟକତା ରହିଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଖାଉଟି ମହଲରେ ଦାବୀ ହେଉଛି ।

# କନ୍ଧମାଳ ଜିଲ୍ଲା କୋଟଗଡ ବ୍ଲକରେ କଂଗ୍ରେସ ସଭାପତି ଚୟନ

କନ୍ଧମାଳ,୨୫।୧୧ (ନି.ପ୍ର): କନ୍ଧମାଳ ଜିଲ୍ଲାର କଂଗ୍ରେସ ସଭାପତି ଭାବରେ ଦଳର ପୁରୁଣା ନେତା ଅନାମ ନାୟକ ଦାୟୀତ୍ୱ ନେବାପରେ ଜିଲ୍ଲାର ତୃଣମୁଳ ସ୍ତରରେ ଦଳର ସଂଗଠନ ସୁଦୃଢ କରିବାପାଇଁ ପଦକ୍ଷେପ ନେଇଛନ୍ତି । ସେଥିପାଇଁ ଜିଲ୍ଲାର ସମସ୍ତ ବ୍ଲକ ଅଂଚଳକୁ ଗସର କରି ସେଠାରେ ବ୍ଲକ ସ୍ତରୀୟ ସଂଗଠନକୁ ନୂତନ ଭାବରେ ଗଠନ କରିବାକୁ ପଦକ୍ଷେପ ନେଉଛନ୍ତି । ଏହି ଅଭିଯାନରେ ଆଜି ଜିଲ୍ଲାର କୋଟଗଡ ବ୍ଲକ ଠାରେ ଆଜି ସକାଳ ୧୦ଟା ସମୟରେ ମାଟିଗୋଡି ଆଦିବାସୀ ପଡିଆରେ କୋଟଗଡ ବ୍ଲକର ଭାରତୀୟ ଜାତୀୟ କଂଗ୍ରେସର ବ୍ଲକ ସଭାପତି ଚୟନ ପ୍ରକ୍ରିୟା ହୋଇଯାଇଛି । କନ୍ଧମାଳ ଜିଲ୍ଲା କଂଗ୍ରେସ ସାଂଗଠନକୁ ସୁଦୃଢ କରିବା କଂଗ୍ରେସ ଜିଲ୍ଲା ସଭାପତି ଅନାମ ନାୟକଙ୍କ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ନୂତନ କର୍ମକର୍ତା ଚୟନ କରାଯାଇଛି । ସେଭଳି ଆଜି କୋଟଗଡ ବ୍ଲକରେ ବ୍ଲକ କଂଗ୍ରେସ ସଭାପତି ସର୍ବ ସମ୍ମତି କ୍ରମେ ସରୋଜ ବେହେରାମାଝୀଙ୍କୁ ସଭାପତି ଭାବେ ଘୋଷଣା କରାଯାଇଛି । ଏହି ବୈଠକରେ ଯୁବନେତା କନ୍ଧମାଳ ମନୋଜ କୁମାର ଆଚାର୍ଯ୍ୟ, ସିମନ ମଲିକ, ବ୍ଲକ ପୂର୍ବତନ ସଭାପତି ମାର୍ଟିନ ବଳିୟାରସିଂ, ଗୋବିନ୍ଦ ଚନ୍ଦ୍ର ତ୍ରିପାଠି, ଦୁଃଖିଶ୍ୟାମ ପାତ୍ର ସମେତ ବ୍ଲକର ପ୍ରତ୍ୟେକ ପଂଚାୟତର ନେତା ଓ କର୍ମୀ କୋଭିଡ୍ ନିୟମକୁ ମାନି ସଭାରେ ଯୋଗଦାନ କରିଥିଲେ ।

# କେନ୍ଦୁଝର: ଦାବୀ ପୁରଣ ଲାଗି ରାଜରାସ୍ତାକୁ ଓହ୍ଲାଇବାକୁ କୃଷକ ସଂଗଠନର ଚେତାବନୀ

କେନ୍ଦୁଝର,୨୫।୧୧ (ନି.ପ୍ର): ନବନିର୍ମାଣ କୃଷକ ସଂଗଠନ ବିଗତ ୧୦ବର୍ଷ ହେବ କୃଷି ଓ କୃଷକର ବିକାଶ ପାଇଁ ପ୍ରୟାସ ଜାରି ରଖିଛି । ଚାଷୀ ଉତ୍ପାଦିତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ଓ ଚାଷୀ ସୁରକ୍ଷା ,ଭାଗ ଚାଷୀଙ୍କୁ ସମ୍ମାନ ସହ ବିଭିନ୍ନ ଦାବିକୁ ନେଇ ଲଢେଇ ଜାରି ରଖିଛି । ଇତିମଧ୍ୟରେ ଜିଲ୍ଲାର ୮୦ ଭାଗ ଚାଷୀଙ୍କୁ ନେଇ ଚାଲିଥିବା ଆନ୍ଦୋଳନର ମଙ୍ଗଳବାର ଦିନ କେନ୍ଦୁଝର ଜିଲ୍ଲା ଶାଖା ତରଫରୁ ଜିଲ୍ଲା ସଂଯୋଜକ ଲକ୍ଷ୍ମୀଧର ପ୍ରଧାନଙ୍କ ସଂଯୋଜନାରେ କାସାଣ୍ଡ୍ରା କଲଚରାଲ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସହ ସଂଯୋଜକ ଉମାକାନ୍ତ ଭାରତ ଯୋଗଦେଇ କହିଲେ ଜିଲ୍ଲା ପ୍ରଶାସନ ଖଣି ଖୋଳିବା ପାଇଁ ବା କମ୍ପାନୀମାନଙ୍କ ପାଇଁ ଯେତିକି ବ୍ୟସ୍ତ ଚାଷୀମାନଙ୍କ ପାଇଁ ସେତିକି ବ୍ୟସ୍ତ ନୁହଁନ୍ତି । ତା'ର ନମୂନା ଗତ ଖରିଫ୍ ଋତୁରେ ସାହାରପଡା ଚାଷୀ ଧାନ ମଣ୍ଡିରେ ବିକ୍ରି କଲେ ସୁଦ୍ଧା ଏଯାବତ୍ ପଇସା ପାଇଲେ ନାହିଁ । ଅନ୍ୟପଟରେ ପ୍ରତି ମଣ୍ଡିରେ ୩ରୁ ୫ କେ.ଜି ଧାନ କାଟ ଓ ଅଖା ପଇସା ହଡପ କରାଯାଉଛି । ଏହାର ସ୍ଥାୟୀ ସମାଧାନ କରାନଗଲେ ଚାଷୀମାନେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଅନ୍ୟତମ ଜିଲ୍ଲା ସଂଯୋଜକ ଲକ୍ଷ୍ମୀଧର ପ୍ରଧାନ କହିଲେ ବିଗତ ବର୍ଷ ଅପେକ୍ଷା ଚଳିତବର୍ଷ ୧୫ହଜାର ଚାଷୀ ଅଧିକ ପଞ୍ଜିକରଣ କରିଛନ୍ତି । କରୋନାରେ ବିଗତବର୍ଷ ଅଧା ଚାଷୀ ଧାନ ବିକ୍ରିରୁ ବଂଚିତ ଅଛନ୍ତି । ଚଳିତ ବର୍ଷ ସରକାରୀ ନିୟମାବଳୀ ଯଦି ଠିକ୍ ଭାବରେ କାର୍ଯ୍ୟକାରୀ କରାନଯିବ ତାହାଲେ ଆଗାମୀ ଦିନରେ ପ୍ରତି ବ୍ଲକ ଓ ତହସିଲ ସ୍ତରରେ ଆନ୍ଦୋଳନକୁ ଜୋରଦାର କରାଯିବ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ଚାଷୀନେତା ତଥା ଜିଲ୍ଲା ସହ ସଂଯୋଜକ ମଣ୍ଡଳୀ ଶ୍ୟାମସୁନ୍ଦର ମହାନ୍ତ, ଖଗେଶ୍ୱର ମହାନ୍ତ, ବିଳାସିନୀ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

# କନ୍ଧମାଳର କବି ନୃସିଂହାନନ୍ଦଙ୍କୁ ସାରସ୍ୱତ ସମ୍ମାନ

କନ୍ଧମାଳ,୨୫।୧୧ (ନି.ପ୍ର): ଜଗତସିଂହପୁର ଜିଲା ପାରଦୀପ ଠାରେ ସମ୍ଭାବନା ସାରସ୍ୱତ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ ପୂଜ୍ୟପୂଜା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରମୁଖ ବ୍ୟକ୍ତି ବିଶେଷ ଓ ରାଜ୍ୟର ବୁହ ବିଶିଷ୍ଟ କବି ଓ ସାହିତ୍ୟକ ମାନେ ଯୋଗାଦେଇଥିଲେ । ପରିଷଦର ସଭାପତି ସୁବେନ୍ଦୁ କୁମାର ଦାସ ଓ ସଂପାଦକ ରବୀନ୍ଦ୍ର କୁମାର ମଲ୍ଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଫୁଲବାଣୀର ବିଶିଷ୍ଟ କବି ଓ ସାହିତ୍ୟକ ନୃସିଂହାନାଥ ମହାପାତ୍ରଙ୍କୁ ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଛି । ପେସାରେ ଜଣେ ସରକାରୀ କର୍ମଚାରୀ ହୋଇଥିଲେ ମଧ୍ୟ ନିଶାରେ ସେ ଜଣେ ସାହତ୍ୟପ୍ରତି ରହିଛି ଆଗ୍ରହ । ପିଲାଟି ଦିନରୁ ସାହିତ୍ୟ ପ୍ରତି ତାଙ୍କର ଦୁର୍ବଳତା ରହିଛି । ପୂର୍ବରୁ ମଧ୍ୟ ସାହିତ୍ୟକୃତୀ ପାଇଁ ସେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି । ସାହିତ୍ୟ ପାଇଁ ସମର୍ପିତ ଶ୍ରୀ ମହାପାତ୍ର ରାଜ୍ୟସ୍ତରୀୟ ସାରସ୍ୱତ ସମ୍ମାନରେ ସାମ୍ମାନିତ ହୋଇଥିବାରୁ ତାଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛା ଜଣାଯାଇଛି ।

# ବିଜେପି ୮ନଂ ଜୋନର ବଳଦେବଜୀୟୁ ମଣ୍ଡଳ କାର୍ଯ୍ୟକାରିଣୀ ଘୋଷଣା

କେନ୍ଦ୍ରାପଡ଼ା,୨୫।୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ବିଜେପିର ମଣ୍ଡଳ ସ୍ତରୀୟ ନୂତନ କର୍ମକର୍ତା ମନୋନୟନ କରାଯାଇଛି । ମଣ୍ଡଳ ସ୍ତରୀୟ କାର୍ଯ୍ୟକର୍ତାଙ୍କ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ପରିଷଦର ୮ନଂ ଜୋନ ବଳଦେବଜୀୟୁ ମଣ୍ଡଳର ନୂତନ କର୍ମକର୍ତାଙ୍କ ନାମ ଜିଲ୍ଲା ସଭାପତି କିଶୋର ପଣ୍ଡା ଘୋଷଣା କରିଥିଲେ । ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଓ ଜିଲ୍ଲା ସଭାପତି ଶ୍ରୀ ପଣ୍ଡାଙ୍କ ଅନୁମୋଦନ କ୍ରମେ ୬୧ଜଣିଆ କାର୍ଯ୍ୟକାରିଣୀ ମଣ୍ଡଳ ଘୋଷଣା କରାଯାଇଛି । ବଳଦେବଜୀୟୁ ମଣ୍ଡଳର ସଭାପତି ଭାବେ ଉମାକାନ୍ତ ନାୟକ ନିଜ ଟିମ୍ ରେ ଅନନ୍ତ ଚନ୍ଦ୍ର ବେହେରା, ଭାରତୀ ସାମଲ, ଆଦିତ୍ୟ ପ୍ରତାପ ଲେଙ୍କା, ଜ୍ଞାନ ରଞ୍ଜନ ପ୍ରଧାନ, କନକ ଲତା ଦାସ, ଦିପକ ପାଣି ପ୍ରମୁଖ ୬ଜଣ ଉପ ସଭାପତି ଥିବାବେଳେ ଭ୍ରମର ସ୍ୱାଇଁ ଓ ବାସୁଦେବ ତ୍ରିପାଠୀଙ୍କୁ ସାଧାରଣ ସଂପାଦକ ଭାବେ ମନୋନିତ୍ୱ କରାଯାଇଛି । ସେହିପରି ସଂପାଦକ ଭାବେ ୬ଜଣଙ୍କୁ ମନୋନିତ୍ୱ କରିଥିବା ବେଳେ ଏହା ସହ ୪୫ ଜଣ କାର୍ଯ୍ୟକର୍ତାଙ୍କୁ କାର୍ଯ୍ୟକାରିଣି ସଦସ୍ୟ ଭାବେ ମନୋନିତ୍ୱ କରାଯାଇଛି । ଶୁଭେନ୍ଦୁ ରଞ୍ଜନ ଜେନା ଯୁବମୋର୍ଚ୍ଚ ସଭାପତି, ପ୍ରମିଳା ଦାସ ମହିଳା ମୋର୍ଚ୍ଚା , ବଳରାମ ବେହେରା କୃଷକ ମୋର୍ଚ୍ଚା , ଗଣେଶ୍ୱର ମଳିକ ଅନୁସୁଚିତ ଜାତି ମୋର୍ଚ୍ଚା, ଦେବାଶିଷ ସାହୁ ଓବିସି ମୋର୍ଚ୍ଚା, ମଲିକ ଅଲ୍ଲୀ ଜାନଙ୍କୁ ସଂଖ୍ୟାଲଘୁ ମୋର୍ଚ୍ଚାର ସଭାପତି ଭାବେ ମନୋନିତ୍ୱ କରାଯାଇଛି । ଆଇଟି ସେଲର ସଂଯୋଜକ ଅଭିମନ୍ୟୁ ଗୋଛାୟତ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଫୁଲବାଣୀରେ ମାରୁତୀ ସେନା ପକ୍ଷରୁ ରନ୍ଧାଖାଦ୍ୟ ବଣ୍ଟନ

କନ୍ଧମାଳ,୨୫।୧୧ (ନି.ପ୍ର): କନ୍ଧମାଳ ମାରୁତୀସେବା ଶାଖା ପକ୍ଷରୁ ଆଜି ଫୁଲବାଣୀ ସହର ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ରନ୍ଧାଖାଦ୍ୟ ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମାରୁତୀସେନାର ସଦସ୍ୟ ସୁବାଷ ପାଢୀ ,ସାଇଶିବ ପାଢୀ ,ବିଷ୍ଣୁ ଚରଣ, ପରମାନନ୍ଦ ପ୍ରଧାନ ,ଦିଗାମ୍ବର ବେହେରା ,ବିକାଶ କମାର ଦିଗାଲ ପ୍ରମୁଖ ସହରର ଜଗନ୍ନାଥ ମନ୍ଦିର , ରାମ ମନ୍ଦିର , ମାଦିକୁନ୍ଦା ଛକ , ନୂଆସାହି ଛକ. ସାଇ ମନ୍ଦିର , ବସଷ୍ଟାଣ୍ଡ ଓ ଗାନ୍ଧୀଛକ ଆଦି ସ୍ଥାନରେ ଗରୀବ ମାନଙ୍କୁ ଏହି ରନ୍ଧାଖାଦ୍ୟ ବଂଟନ କରାଯାଥିଲ । ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଥିବା ବେଳେ ସେନାର ସଦସ୍ୟମାନେ ନିଜେ ଚନ୍ଦା କରି ଏହି ରନ୍ଧାଖାଦ୍ୟ ପ୍ରଦାନ କରିଥିବାର ପ୍ରକାଶ ।

# ୪୮ ବର୍ଷର ଭୁବନ ଏନଏସିରେ ନାହିଁ ଯାତ୍ରୀ ବିଶ୍ରାମାଗାର ଓ ପରିଶ୍ରାଗାର

ଭୁବନ,୨୫।୧୧ (ନି.ପ୍ର): ଭୁବନ ଏସିଆ ମହାଦେଶର ସବୁଠାରୁ ବଡ ଗାଁ ଭାବେ ପରିଚିତ । ୧୯୭୨ ମସିହାରେ ଏହା ଏନଏସି (ବିଜ୍ଞାପିତ ଅଂଚଳ ପରିଷଦ) ରେ ପରିଣତ ହୋଇଛି । ଦୀର୍ଘ ୪୮ ବର୍ଷର ଏନଏସିରେ ଜନସାଧାରଣ ସର୍ବନିମ୍ନ ମୌଳିକ ସୁବିଧାରୁ ବଂଚିତ ହେଉଛନ୍ତି । ଭୁବନର ପ୍ରମୁଖ ବାଣିଜ୍ୟିକ ପେଣ୍ଠସ୍ଥଳୀ ତଥା ମୁଖଶାଳା କୁହାଯାଉଥିବା ନୂଆବଜାର (ବସଷ୍ଟାଣ୍ଡ)ରେ ଯାତ୍ରୀ ବିଶ୍ରାମାଗାର ଓ ପରିଶ୍ରାଗାର ନଥିବାରୁ ଯାତ୍ରୀ ମାନେ ବିଭିନ୍ନ ଦୋକାନ ବାରଣ୍ଡା ଓ ହୋଟେଲ ଦୁଆରେ ବସ୍ କୁ ଅପେକ୍ଷା କରିବାକୁ ବାଧ ହେଉଛନ୍ତି । ପରିଶ୍ରାଗାର ନଥିବାରୁ ପୁରୁଷ ଲୋକମାନେ ପୁରୁଣା ଥାନା ପାଚେରୀ କଡରେ କାମ ସାରଦେଉଥିବା ବେଳେ ମହିଳା ମାନେ ବିଶେଷ ଭାବେ ହଇରାଣ ହେଉଛନ୍ତି । ନୂଆବଜାରରେ ପୂର୍ବରୁ ଏକ ଯାତ୍ରୀ ବିଶ୍ରାମାଗାର ଥରଲା କିନ୍ତୁ ତାହାକୁ ଏକ ଘରୋଇ ବ୍ୟାଙ୍କ ଏଟିଏମ କରିବା ଉଦ୍ଦେଶ୍ୟରେ ବନ୍ଦ କରାଯାଇ ଉପରମହଲାରେ ଯାତ୍ରୀ ବିଶ୍ରାମାଗାର ଯୋଜନା ହେବାରୁ ତୀବ୍ର ଜନଅସନ୍ତୋଷ ଦେଖାଦେଲା । ଫଳରେ ଏନଏସି ତାହାକୁ କିଛିଦିନ ଗୋଦାମ ଘର କରିବା ପରେ ପୁଣି ଖୋଲିଥିଲା । ବିଶ୍ରାମାଗାରକୁ ଲାଗି ପରିଶ୍ରାଗାର କରାଯାଇଥିଲେ ମଧ୍ୟ ନିୟମିତ ସଫାସୁତରା ଓ ରକ୍ଷଣାବେକ୍ଷଣ କରାନଯିବା କାରଣରୁ ତାହା ପୁତିଗନ୍ଧମୟ ପରିବେଶ ସୃଷ୍ଟି କଲା । ପରବର୍ତି ସମୟରେ ଏହାକୁ ତାଲା ପକାଇ ରଖାଗଲା । ଥଣ୍ଡା ପାନୀୟଜଳ ପ୍ରକଳ୍ପଟି ମଧ୍ୟ ଦୀର୍ଘଦିନ ହେଲା ଅଚଳ ହୋଇ ପଡିଛି । ବିଶ୍ରାମାଗାରଟି ସର୍ବଦା ଅପରିଷ୍କାର ଓ ପରିତ୍ୟକ୍ତ ଅବସ୍ଥାରେ ଥିବାରୁ ଅସାମାଜିକ ବ୍ୟକ୍ତି ସେଠାରେ ଦିନବେଳେ ଗଞ୍ଜେଇ ସେବନ କରୁଥିବା ବେଳେ ରାତିରେ ମଦ୍ୟପାନ କରୁଛନ୍ତି । ଏଥିପାଇଁ ଜଣେ ହେଲେ ଯାତ୍ରୀ ସେହି ସ୍ଥାନକୁ ଯାଉନାହାଁନ୍ତି । ତାଛଡା ଏହି ସଟରଲଗା ଗୃହଟି ଯାତ୍ରୀ ବିଶ୍ରାମାଗାର ବୋଲି ଏନଏସି ତରଫରୁ କୌଣସି ଲେଖା (ୱାଲିଙ୍ଗ) କିମ୍ବା ସାଇନବୋର୍ଡ ଲଗାଯାଇ ନଥିବାରୁ ଯାତ୍ରୀମାନେ ଜାଣିପାରୁନାହାନ୍ତି । ଭୁବନର ବାଇପାସ ରୋଡ ଭାବେ ପରିଚିତ କାଳୀବଜାରରେ ମଧ୍ୟ ଯାତ୍ରୀ ବିଶ୍ରାମାଗାର ନଥିବାରୁ ଲୋକେ ଦୋକାନ ବାରଣ୍ଡା ଓ କାଳୀମନ୍ଦିର ଦୁଆରେ ଛିଡା ହେଉଛନ୍ତି । ଶୁଲଭ ଶୌଚାଳୟଟିଏ ଯଦିଓ ଖୋଲିଛି ତାହା କାଳୀବଜାର ଛକଠାରୁ ଶହେ ମିଟର ଦୂରରେ ରହିଥିବାରୁ ବାହାରୁ ଆସୁଥିବା ଯାତ୍ରୀମାନେ ଜାଣିପାରୁ ନାହାନ୍ତି । ଭୁବନର ଏହା ପ୍ରମୁଖ ସମସ୍ୟା ପାଲଟିଥିବା ବେଳେ ଆଗକୁ ଆସୁଥିବା ପୌର ନିର୍ବାଚନରେ ଏକ ପ୍ରସଙ୍ଗ ହେବାକୁ ଯାଉଥିବାରୁ ବିଭାଗୀୟ ଉଚ୍ଚ କର୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହୋଇଛି ।

# କ୍ରୀଡା ମନ୍ତ୍ରୀଙ୍କ ଦ୍ୱାରା ଫିଟ୍‌ନେସ୍ ପ୍ରୋଟୋକଲ ଓଡ଼ିଆ ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର,୨୫।୧୧ (ନି.ପ୍ର): ଇଲେକ୍‌ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି ବିଦ୍ୟା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରା ମଙ୍ଗଳବାର ପୂର୍ବାହ୍ନରେ ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ଓଡ଼ିଆ ଭାଷାରେ ବିଭିନ୍ନ ବୟସ ପାଇଁ ଫିଟ୍‌ନେସ୍ ପ୍ରୋଟୋକଲ ପୁସ୍ତକର ଲୋକାର୍ପଣ କରିଛନ୍ତି ।ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ କ୍ରୀଡ଼ା ଓ ଯୁବସେବା ମନ୍ତ୍ରଣାଳୟର ମିଳିତ ସହଯୋଗରେ ପ୍ରସ୍ତୁତ ୫ ବର୍ଷରୁ ୧୮ ବର୍ଷ, ୧୮ ବର୍ଷରୁ ୬୫ ବର୍ଷ ଏବଂ ୬୫ ବର୍ଷରୁ ଉର୍ଦ୍ଧ ବୟସବର୍ଗ ପାଇଁ ମୋଟ ତିନୋଟି ଫିଟ୍‌ନେସ୍ ପ୍ରୋଟୋକଲ୍ ପୁସ୍ତକ ଉନ୍ମୋଚନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ବେହେରା କହିଲେ ଯେ ସ୍ୱାସ୍ଥ୍ୟ ହିଁ ସଂପଦ, ଆମ ସମୟରେ ବିଦ୍ୟାଳୟମାନଙ୍କର କ୍ରୀଡ଼ା ପାଇଁ ଗୋଟିଏ କିମ୍ବା ଦୁଇଟି ପିରିୟଡ୍ ରହୁଥିଲା । ଏହା ପିଲାମାନଙ୍କର ଉଭୟ ଶାରୀରିକ ଶକ୍ତି ବୃଦ୍ଧି ସହିତ ମାନସିକ ଶାନ୍ତି ପ୍ରଦାନ କରୁଥିଲା । ସେହିଭଳି ବୟସ୍କମାନଙ୍କ ଶାରୀରିକ ଏବଂ ମାନସିକ ସୁସ୍ଥତା ଲାଗି ମଧ୍ୟ ବ୍ୟାୟାମ ନିହାତି ଆବଶ୍ୟକ । ବ୍ୟାଡ୍‌ମିଂଟନ, ଟେବୁଲ୍ ଟେନିସ୍, ସୁଇମିଂ କିମ୍ବା ଜିମ୍ ଆଦିରେ ବ୍ୟାୟାମ କରିବା ସବୁବେଳେ ସମ୍ଭବ ହେଉ ନଥିବାବେଳେ ଶାରୀରିକ ସୁସ୍ଥତା ଏବଂ ନିରୋଗ ରହିବା ପାଇଁ ନିୟମିତ ଅତିକମରେ ୩୦ ମିନିଟ୍ ବ୍ୟାୟାମ ବା ଶାରୀରିକ କାର୍ଯ୍ୟ କରିବା ଜରୁରୀ । ବିଭିନ୍ନ ସ୍ୱାସ୍ଥ୍ୟ ବିଶେଷଜ୍ଞ ତଥା ଗବେଷକମାନେ ମଧ୍ୟ ବ୍ୟାୟାମ ଉପରେ ସର୍ବଦା ଗୁରୁତ୍ୱ ଦେଇଆସିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ବେହେରା କହିଥିଲେ । ଗତବର୍ଷ ଅଗଷ୍ଟ ମାସରେ ଦେଶବ୍ୟାପି ଆରମ୍ଭ ହୋଇଥିବା ଫିଟ୍ ଇଣ୍ଡିଆ ମୁଭ୍‌ମେଂଟ ଆମକୁ ନିୟମିତ କ୍ରୀଡ଼ା କିମ୍ବା ଅନ୍ୟ ଯେକୌଣସି ପ୍ରକାର ବ୍ୟାୟାମ ଦ୍ୱାରା ସୁସ୍ଥ ରହିବା ପାଇଁ ଉତ୍ସାହିତ କରିଆସୁଛି । ବର୍ତମାନର କୋଭିଡ୍ ମହାମାରୀ ସମୟରେ ପୁସ୍ତକରେ ଦିଆଯାଇଥିବା ମାର୍ଗଦର୍ଶିକାର ଅନୁସରଣ କ୍ରମେ ସମସ୍ତେ ସୁସ୍ଥ ଜୀବନ ଶୈଳୀ ଆପଣେଇ ପାରିବେ ବୋଲି ମନ୍ତ୍ରୀ ଶ୍ରୀ ବେହେରା କହିଥିଲେ । ଏହି ପୁସ୍ତକ ଲୋକାର୍ପଣ କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ବିଶାଳ କୁମାର ଦେବ, ନିର୍ଦ୍ଦେଶକ ଆର୍. ଭିନିଲ୍ କ୍ରୀଷ୍ଣା, ସାଇ ପୂର୍ବାଂଚଳ, କୋଲକାତାର ଆଂଚଳିକ ନିର୍ଦ୍ଦେଶକ ଶ୍ରୀ ଭିନିତ୍ କୁମାର ଏବଂ କ୍ରୀଡ଼ା ଓ ଯୁବ ସେବା ବିଭାଗର ଉପଶାସନ ସଚିବ ଶ୍ରୀ ଶୈଳେନ୍ଦ୍ର କୁମାର ଜେନା ଉପସ୍ଥିତ ଥିଲେ ।

# ପୁନଃ ନିଯୁକ୍ତି ଦାବିରେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଗଣଧାରଣା




ବାଲେଶ୍ୱର,୨୫।୧୧ (ନି.ପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର କରୋନା ପରିଚାଳନାରେ ସକ୍ରିୟ ସେବା ଯୋଗାଇ ନିକଟ ଅତୀତରେ ଛଟେଇ ହୋଇଥିବା ୩ଶହରୁ ଉର୍ଦ୍ଧ୍ୱ ମହିଳା ସ୍ୱାସ୍ଥ୍ୟକର୍ମୀ ପୁନଃ ନିଯୁକ୍ତି ଦାବିରେ ଆଜି ଜିଲାମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଜିଲାରେ କରୋନା ସଂକ୍ରମଣ କ୍ରମଶଃ ହ୍ରାସ ପାଇବା ଓ ପ୍ରଥମ କୋଭିଡ୍ ହସପିଟାଲ ବନ୍ଦ ହେବା ପରେ ସେମାନଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଛଟେଇ କରାଯାଇଥିବା ଧାରଣାରତ କର୍ମୀମାନେ କହିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହୋଇଥିବା ପ୍ରକ୍ରିୟରେ ଯୋଗ୍ୟତା ଭିତ୍ତିରେ ସେମାନେ ଦୈନିକ ୮୫୦ ଟଙ୍କା ପାରିଶ୍ରମିକରେ ଅସ୍ଥାୟୀ ସ୍ୱାସ୍ଥ୍ୟକର୍ମୀମାନେ ନିଯୁକ୍ତି ପାଇଥିଲେ। ତେବେ ମହାମାରୀ କରୋନା ପରିଚାଳନା ସମୟରେ ଜୀବନକୁ ପାଣିଛଡ଼େଇ ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବିବିଧ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଗାଁ ଗାଁ ବୁଲି ଜନସାଧାରଣଙ୍କ କରୋନା ପରୀକ୍ଷାଠାରୁ ଆରମ୍ଭ କରି ରୋଗୀଙ୍କ ସେବା ପର୍ଯ୍ୟନ୍ତ କାର୍ଯ୍ୟକରି କରୋନା ସଂକ୍ରମଣର ବିଶିକାର ହୋଇଥିଲେ। ଏମିତିକି ୩ମାସ କାର୍ଯ୍ୟ କରିବା ପରେ ସେମାନଙ୍କୁ ଉପ-ନିର୍ବାଚନରେ ମଧ୍ୟ କାର୍ଯ୍ୟ କରିବାକୁ ପଡ଼ିଥିଲା। ସେତେବେଳେ ଉପରିସ୍ଥ ଅଧିକାରୀମାନେ ତାଙ୍କୁ ଅଶ୍ୱାସନା ଦେଇଥିଲେ କି ସୁଚାରୁରୂପେ କାର୍ଯ୍ୟକର, ଆଗାମୀ ଦିନରେ ତୁମ୍ଭମାନେ ନିୟମିତ କର୍ମଚାରୀର ମାନ୍ୟତା ପାଇପାରିବ। ମାତ୍ର କରୋନା ସଂକ୍ରମଣ ହ୍ରାସ ପାଇବା ଓ ନିର୍ବାଚନ ଶେଷ ହେବା ପରେ ସେମାନଙ୍କୁ ଏବେ କାର୍ଯ୍ୟରୁ ଛଟେଇ କରିଦିଆଯାଇଛି ବୋଲି ସେମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ସେମାନଙ୍କର ବକେୟା ଦରମା ବି ଅଦ୍ୟାବଧି ମିଳିନଥିବା କର୍ମୀମାନେ କହିଛନ୍ତି। ବକେୟା ଦରମା ସହ ପୁନଃ ନିଯୁକ୍ତି ଦାବିରେ ଗଣଧାରଣା କରିବାକୁ ସେମାନେ ବଧ୍ୟ ହୋଇଛନ୍ତି ବୋଲି ପ୍ରକାଶ କରିଛନ୍ତି। ଏନେଇ ପ୍ରଶାସନ ତଥା ରାଜ୍ୟ ସରକାର ଉଚିତ ପଦକ୍ଷେପ ଗ୍ରହଣ ନ କରିବା ଯାଏଁ ଏହିଭଳି ଆନ୍ଦୋଳନ ଓ ଗଣଧାରଣା ଜାରି ରହିବ ବୋଲି ମହିଳା ସ୍ୱାସ୍ଥ୍ୟକର୍ମୀମାନେ ଚେତାବନୀ ଦେଇଛନ୍ତି। ଏହି ଅବସରରେ ସେମାନେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଶୁଭଲକ୍ଷ୍ମୀ ନାୟକ, ସୁଚିସ୍ମିତା ଦାସ, କ୍ଷୀରାବ୍ଧୀ ତନୟା ପଣ୍ଡା, ଜୟନ୍ତୀ ପାଣିଗ୍ରାହୀ, ପ୍ରିୟଙ୍କା ଦେ, ନମିତା ଦାସ ପ୍ରମୁଖ ଏହି ଗଣଧାରଣା ଓ ପ୍ରତିବାଦ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବିଜୁ ଛାତ୍ର ଜନତା ଦଳ ତରଫରୁ ରକ୍ତଦାନ ଶିବିର

ଭୁବନେଶ୍ୱର,୨୫।୧୧ (ନି.ପ୍ର): ବିଜୁ ଛାତ୍ର ଜନତା ଦଳ ତରଫରୁ ବିଜୁ ଜନତା ଦଳ ରାଜ୍ୟ କାର୍ଯ୍ୟାଳୟରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହି ରକ୍ତଦାନ ଶିବିରରେ ୧୦୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଜୁ ଛାତ୍ର ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ରାଜେଶ ରାଜ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ କରାଯାଇଥିଲା ଏବଂ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନକ୍ରମେ ରକ୍ତଭାବ ଦୂର କରିବା ପାଇଁ ଆଗାମୀ ଦିନରେ ଲୋକଙ୍କ ଜୀବନ ରକ୍ଷା ପାଇଁ ରକ୍ତ ସଂଗ୍ରହ ଅଭିଯାନକୁ ଏକ ଆନ୍ଦୋଳନରେ ପରିଣତ କରିବା ସହ ସଶକ୍ତ ଓଡିଶା ଗଠନ ନିମନ୍ତେ ବିଜୁ ଛାତ୍ର ଜନତା ଦଳ ତରଫରୁ ସାମାଜିକ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯିବ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ପଣ୍ଡା, ସୁଶାନ୍ତ ସିଂ, ସମୀର ରଂଜନ ଦାସ, ରଘୁନନ୍ଦନ ଦାସ, ତୁଷାରକାନ୍ତି ବେହେରା, ବିଧାୟକ ପ୍ରଣବ ବଳବନ୍ତରାୟ, ଅନନ୍ତ ନାରାୟଣ ଜେନା, ଶୁଶାନ୍ତ ରାଉତ, ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ, ମୋ ପରିବାର ଆବାହକ ଅରୁପ ପଟ୍ଟନାୟକ, ରାଜ୍ୟ ବିଜୁ ଯୁବ ଜନତା ଦଳ ସଭାପତି ବ୍ୟୋମକେଶ ରାୟ, ରାଜ୍ୟ ବିଜୁ ଛାତ୍ର ଜନତା ଦଳର ସଭାପତି ଦେବୀ ରଞ୍ଜନ ତ୍ରିପାଠୀ, ରମେଶ ବେହେରା, ଓଡିଶା କ୍ଷୁଦ୍ର ଶିଳ୍ପ ନିଗମ ଅଧ୍ୟକ୍ଷ ଚିନ୍ମୟ ସାହୁ, ଅମରେଶ ପତ୍ରି, ରୁଦ୍ର ସାମନ୍ତ ରାୟ, ତନ୍ମୟ ସ୍ୱାଇଁ ଏବଂ ବିଜୁ ଛାତ୍ର ଯୁବ ଜନତା ଦଳର ଅନ୍ୟାନ୍ୟ ଛାତ୍ର ଯୁବ ନେତାମାନେ ଯୋଗ ଦେଇଥିଲେ।

## ରାହାସ ପୂର୍ଣ୍ଣମୀ ଲାଗି ଆଖଣ୍ଡଳମଣି ପୀଠରେ ୩୦ ତାରିଖ ପର୍ଯ୍ୟନ୍ତ ୧୪୪ ଧାରା ଜାରି

### ଶିବଗଙ୍ଗା ପୁଷ୍କରିଣୀରେ ହେବନି ଡଙ୍ଗା ଭସା

ଭଦ୍ରକ,୨୫।୧୧ (ନି.ପ୍ର): ଆଗକୁ ରାହାସ ପୂର୍ଣ୍ଣମୀରେ ପ୍ରସିଦ୍ଧ ଶୈବପୀଠ ଆରଡି ସ୍ଥିତ ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ଭିଡ ହେବା ଆଶଙ୍କା କରି ଆଜି ଉପଜିଲ୍ଲାପାଳ ଆରଡି, ଆଖଣ୍ଡଳମଣି ପୀଠ ସମେତ ଶିବଗଙ୍ଗା ପୁଷ୍କରିଣୀ ଅଞ୍ଚଳରେ ୧୪୪ ଧାରା ଜାରି କରିଛନ୍ତି। ଏହା ଆଗାମୀ ୩୦ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ବାବା ମଣିଙ୍କ ମନ୍ଦିରରେ ସାଧାରଣ ପୂଜା ବନ୍ଦ ରହିବ। ପ୍ରତିଦିନ ଜଣେ ମାତ୍ର ସେବାୟତ ମନ୍ଦିରରେ ବାବାଙ୍କ ନୀତିକାନ୍ତି ଅନୁଯାୟୀ ପୂଜା କରିବେ। ଜନ ସାଧାରଣ କାର୍ତ୍ତିକ ପୂର୍ଣ୍ଣମୀ ବା ରାହାସ ପୂର୍ଣ୍ଣମୀରେ ଲୋକମାନେ ଘରେ ରହି ପାଳନ କରିବେ। ବୋଇତ ବନ୍ଦାଣ ବା ଡଙ୍ଗାଭସାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ମନ୍ଦିର ବେଢା କିମ୍ବା ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ କୌଣସି ପ୍ରକାରର ଭିଡ ହୋଇ ପାରିବ ନାହିଁ। ଧର୍ମାନୁଷ୍ଠାନ କେବଳ ୭ ଜଣରେ ସୀମିତ ରହିବେ। ଏଥିରେ ପୂଜକ ଏବଂ କର୍ତ୍ତା ସାମିଲ ରହିବେ। ସେହିପରି କୌଣସି ଧର୍ମାନୁଷ୍ଠାନରେ ମାଇକ୍ ବଜାଇବା ଉପରେ ମଧ କଟକଣା ଜାରି କରାଯାଇଛି। ସବୁ କ୍ଷେତ୍ରରେ ସାମାଜିକ ଦୂରତା ବଜାୟ ରହିବା ସହିତ ସମସ୍ତେ ମାସ୍କ ପିନ୍ଧିବା ବାଧ୍ୟତା ମୂଳକ। ଏହାର କଡାକଡି ପାଳନ ଉପରେ ନଜର ରଖିବାକୁ ସ୍ଥାନୀୟ ପୁଲିସକୁ ନିର୍ଦ୍ଦେଶ ଦିଆ ଯାଇଛି। ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣମୀରେ ବାବା ମଣିଙ୍କ ପୀଠରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଥାଏ। ବିଶେଷ କରି ପଞ୍ଚକ ବ୍ରତ ଆରମ୍ଭରୁ ହବିଷ୍ୟାଳୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ସହ ଭିଡ ହୋଇଥାଏ। ଚଳିତ ବର୍ଷ ପଞ୍ଚକ ବ୍ରତର ଅବ୍ୟବହିତ ପୂର୍ବରୁ ୧୪୪ ଧାରା ଜାରି କରାଯାଇଛି। ଏହା ପୂର୍ଣ୍ଣମୀ ତଥା ୩୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ସୂଚନା ଦିଆଯାଇଛି। ଏହାର ଉଲଂଘନ ହେଲେ କୋଵିଡ଼ ଆଇନ ଅନୁଯାୟୀ ଦଣ୍ଡ ବିଧାନ ହୋଇପାରେ ବୋଲି ମଧ କୁହାଯାଇଛି।

## 'ବାଲେଶ୍ୱର କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ଆସୋସିଏସନ'ର କାର୍ଯ୍ୟକାରିଣୀ ସଦସ୍ୟ ନିର୍ବାଚନ

ବାଲେଶ୍ୱର,୨୫।୧୧ (ନି.ପ୍ର): ଉତ୍କଳ କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ଆସୋସିଏସନର ଜଲା ଶାଖା 'ବାଲେଶ୍ୱର କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ଆସୋସିଏସନ'ର କାର୍ଯ୍ୟକାରିଣୀ ସଦସ୍ୟ ନିର୍ବାଚନ କାଳୀଦାସପୁରସ୍ଥିତ ସଂଗଠନ କାର୍ଯ୍ୟାଳୟ ପରିସରରେ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ଟାଉନ୍ ଜୋନ ଓ ସହଦେବଖୁଣ୍ଟା ଜୋନ୍ ପାଇଁ ଏହି ନିର୍ବାଚନ ହୋଇଥିଲା। ଟାଉନ ଜୋନର ୬ କାର୍ଯ୍ୟକାରିଣୀ ସଦସ୍ୟ ପଦବୀରେ ୧୦ଜଣ ଓ ସହଦେବଖୁଣ୍ଟା ଜୋନର ୪ କାର୍ଯ୍ୟକାରିଣୀ ସଦସ୍ୟ ପଦବୀ ପାଇଁ ୭ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଟାଉନ୍ ଜୋନରେ ମୋଟ ୨୧୬ ଜଣ ଓ ସହଦେବଖୁଣ୍ଟା ଜୋନରେ ୧୦୯ ଜଣ ଆଜୀବନ ସଦସ୍ୟ ଏଥିରେ ମତଦାନ କରିଥିଲେ। ସକାଳ ୧୦ଟାରୁ ମତଦାନ ଆରମ୍ଭ ହୋଇ ୨ଟା ୩୦ ପର୍ଯ୍ୟନ୍ତ ଚାଲିଥିଲା। ଉତ୍କଳ କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ଆସୋସିଏସନର ତତ୍ତ୍ୱାବଧାନ ଓ ଜିଲ୍ଲା ପ୍ରଶାସନର ଅନୁମତି କ୍ରମେ ସରକାରଙ୍କ ସମସ୍ତ କୋଭିଡ୍ ନିୟମ ପାଳନ ପୂର୍ବକ ଏହି ନିର୍ବାଚନ ଅନୁଷ୍ଠିତ ହୋଇଥିବା ଲକ୍ଷ୍ୟ କରାଯାଇଥିଲା। ନିର୍ବାଚନ ଅଧିକାରୀ ଭାବେ ସନ୍ଦୀପ ସାମନ୍ତରାୟ, ସୁଦୀପ ଚକ୍ରବର୍ତ୍ତୀ ଓ ଶେଖ୍ ଅକ୍ତାର ଅଲ୍ଲି ଦାୟିତ୍ୱ ତୁଲାଇଥିବା ବେଳେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜିଲା ପୁଲିସର ବହୁ କର୍ମଚାରୀ ମୁତୟନ ହୋଇଥିବା ଦେଖିବାକୁ ମିଳିଥିଲା। ଅପରାହ୍ନରେ ଗଣତି ଶେଷ ସହ ନବନିର୍ବାଚିତ ୧୨ ଜଣ ସଦସ୍ୟଙ୍କୁ ସଂଗଠନ ପକ୍ଷରୁ ପୁଷ୍ପଗୁଚ୍ଛ ପ୍ରଦାନ ପକ୍ଷରୁ ଶୁଭେଚ୍ଛା ପ୍ରଦାନ କରାଯାଇଥିଲା। ଜିଲାର ପ୍ରତ୍ୟେକ ଥାନା ଅଞ୍ଚଳକୁ ଗୋଟିଏ ଗୋଟିଏ ଜୋନରେ ବିଭକ୍ତ କରାଯାଇଥିବା ବେଳେ ସମସ୍ତ ଜୋନ୍‌ରେ ଏହିଭଳି କାର୍ଯ୍ୟକାରିଣୀ ସଦସ୍ୟ ନିର୍ବାଚିତ ହୋଇସାରିବା ପରେ ରାଜ୍ୟ କମିଟି ନିର୍ଦ୍ଦେଶ ମୁତାବକ ସଭାପତି ଓ ସମ୍ପାଦକ ପଦବୀ ପାଇଁ ନିର୍ବାଚନ ଆୟୋଜନ କରାଯିବ ବୋଲି ସଂଘର ବରିଷ୍ଠ ସଦସ୍ୟମାନେ ସୂଚନା ଦେଇଛନ୍ତି।



## ଚିତ୍ରଶିଳ୍ପୀ ଶ୍ୟାମାପ୍ରସାଦ ପଟ୍ଟନାୟକ ଥିଲେ ଜଣେ ପ୍ରଚଣ୍ଡ ପ୍ରତିଭାଧର

### ଆମେ ମୟୂରଭଞ୍ଜିଆ ପକ୍ଷରୁ ସ୍ୱର୍ଗତଃ ପଟ୍ଟନାୟକଙ୍କ ଶ୍ରଦ୍ଧାଞ୍ଜଳି ସମାରୋହ




ବାରିପଦା,୨୫।୧୧ (ନି.ପ୍ର): ମୟୂରଭଞ୍ଜର ବାରିପଦାରେ ଜନ୍ମିତ ବିଶିଷ୍ଟ ଚିତ୍ରଶିଳ୍ପୀ ତଥା ଆର୍ଟ ଏଣ୍ଡ କ୍ରାଫ୍ଟ ସ୍କୁଲର ପ୍ରତିଷ୍ଠାତା ନିର୍ଦ୍ଦେଶକ ଶ୍ୟାମାପ୍ରସାଦ ପଟ୍ଟନାୟକଙ୍କ ବିୟୋଗରେ ଆମେ ମୟୂରଭଞ୍ଜିଆ ସଂଗଠନ ପକ୍ଷରୁ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଦାରୋଗାଡାହି ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ସ୍ମୃତି ସମାରୋହରେ ଆମେ ମୟୂରଭଞ୍ଜିଆର ଆବାହକ ସଞ୍ଜୟ କୁମାର ଚୌଧୁରୀ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତଃ ପଟ୍ଟନାୟକଙ୍କ ଅମର ଆତ୍ମାର ସଦ୍ଗତି ନିମନ୍ତେ ସମୂହ ଭାବେ ମହାମୃତ୍ୟୁଞ୍ଜୟ ମନ୍ତ୍ର ପାଠ କରାଯାଇଥିଲା। ପରେ ପରେ ପର୍ଯ୍ୟାୟ କ୍ରମେ ଏଥିରେ ସାମିଲ ହୋଇଥିବା ବ୍ୟକ୍ତିମାନେ ତାଙ୍କ ବକ୍ତବ୍ୟରେ ସ୍ୱର୍ଗତଃ ପଟ୍ଟନାୟକଙ୍କ ଉଦାର ବ୍ୟକ୍ତିତ୍ୱ, କଳା ସଂସ୍କୃତି ପ୍ରତି ତାଙ୍କର ପ୍ରତିବଦ୍ଧତା ଓ ସାଧନା ସଂପର୍କରେ ।ଲୋଚନା କରି ତାଙ୍କର ସ୍ମୃତି ଚାରଣ କରିଥିଲେ। ଚିତ୍ରଶିଳ୍ପୀ ଶ୍ୟାମ ପ୍ରସାଦ ପଟ୍ଟନାୟକ ଥିଲେ ଜଣେ ପ୍ରଚଣ୍ଡ ପ୍ରତିଭାଧର ବ୍ୟକ୍ତିତ୍ୱ। ଏମକେସି ବିଦ୍ୟାଳୟରେ ପଢିବା ଦିନ ଠାରୁ ତାଙ୍କ ଭିତରେ ଥିବା କଳାପ୍ରାଣତା ଓ ଦୂରଦୃଷ୍ଟି ସଂପନ୍ନ ପ୍ରତିଭା ସାମ୍ନାକୁ ଆସିଥିଲା। ସେ ଭୁବନେଶ୍ୱରରେ ବିଭୂତି କାନୁନଗୋ କଲେଜ ଅଫ୍ ଆର୍ଟ ଏଣ୍ଡ କ୍ରାଫ୍ଟରେ ବିଏଫଏ ପାଶ କରିବା ପରେ ବାରିପଦା ଗୋଲାପ ବାଗରେ ୧୯୯୦ ମସିହାରେ ଶିଳ୍ପୀ ଗଢିବା ପାଇଁ ଜୀବନକୁ ବାଜି ଲଗାଇ ସ୍କୁଲ ଅଫ୍ ଆର୍ଟ ଏଣ୍ଡ କ୍ରାଫ୍ଟସ ମାଧ୍ୟମରେ ଏକ ମଣିଷ ତିଆରି କାରଖାନାର ମୁଖିଆ ସାଜିଥିଲେ। ଦୀର୍ଘ ୩୦ବର୍ଷ ଧରି ଅକ୍ଳାନ୍ତ ପରିଶ୍ରମ କରିବା ପରେ ସେ ସ୍କୁଲ ଅଫ ଆର୍ଟ ଏଣ୍ଡ କ୍ରାଫ୍ଟସକୁ ରାଜ୍ୟର ଏକ ପ୍ରମୁଖ କଳା ଅନୁଷ୍ଠାନ ଭାବେ ପରିଚୟ ଆଣି ଦେଇଥିଲେ। ଲଳିତ କଳାଏକାଡେମୀ ଦ୍ୱାରା ସ୍ୱିକୃତ ଏହି କଳା ଅନୁଷ୍ଠାନରୁ ହଜାର ହଜାର ଛାତ୍ର ବାହାରି ବିଭିନ୍ନ ସ୍ଥାନରେ ଅବସ୍ଥାପିତ ହୋଇଥିବା ବେଳେ ସେ କିନ୍ତୁ ମାଟିକୁ ଛାଡି ନପାରି ବାରିପଦାରେ ରହି କଳା ସଂସ୍କୃତି ମାଧ୍ୟମରେ ଜିଲ୍ଲାର ବିକାଶ କଥା ଚିନ୍ତା କରୁଥିଲେ। ଏହି ସ୍ମୃତିସଭାରେ ପରିବେଶବିତ୍ ବିବେକାନନ୍ଦ ପଟ୍ଟନାୟକ, ସାମ୍ବାଦିକ ରାଧାଶ୍ୟାମ ପ୍ରଧାନ, ଇଂ ମନୋଜ ଦଳବେହେରା, ଅଧ୍ୟାପକ ସୁନୀଲ କୁମାର ଜେନା, ଚିତ୍ର ଶିଳ୍ପୀ ଅମରେଶ ବାସୁରୀ, ନାଟ୍ୟକାର ଅନ୍ନଦା ଶଙ୍କର ଦାଶ, ଓଡିଶା କୃଷି ନିଗମର ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ଲେଖକ ଆଶିଷ କୁମରା ବସା, ଚିତ୍ର ଶିଳ୍ପୀ ଏସ କେ ନିଜାମ ଓ ଅନ୍ୟମାନେ ସ୍ମୃତି ଚାରଣ କରି ସ୍ୱର୍ଗତଃ ପଟ୍ଟନାୟକ ଜଣେ ଅମଳିନ ତଥା ବିରଳ ପ୍ରତିଭା ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ନଗର ପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ଉପ ନଗର ପାଳ ଜିତେନ୍ଦ୍ର ମହାନ୍ତି, ଫାଲଗୁନୀ ମହାନ୍ତି, ଡଃ ଶ୍ୟାମସୁନ୍ଦର ଦାସ, ସତ୍ୟବାନ ସେଠୀ, ଅମିତାଭ ମିଶ୍ର, ସୁକାନ୍ତ ଜୀଉ, ସତ୍ୟାନନ୍ଦ ଶେଜପଡା, ଆଲୋକ କୁମାର ମହାନ୍ତି, ଅଲିଭା ପଣ୍ଡା, ବର୍ଷାରାଣୀ ସିଂ, ଚିନ୍ମୟାନନ୍ଦ ନାୟକ, ପଙ୍କଜ ମିଆଁ, ସରୋଜ କୁମାର ମହାପାତ୍ର, ଜ୍ୟୋତିରଞ୍ଜନ ମହାପାତ୍ର, ଡଃ ସରୋଜ କୁମାର ନାୟକ, ଭାଗ୍ୟଲକ୍ଷ୍ମୀ ନାୟକ, ମାନସୀ ରାଉତ, ସୁମନା ଗିରି, ସୋନମ କୈନତ, ସ୍ମୃତି ମହାନ୍ତି, ରବିନ୍ଦ୍ର ମହାନ୍ତି, ନୃସିଂହ ଚରଣ ମହାନ୍ତି, ପ୍ରକାଶ ଚନ୍ଦ୍ର ଦାଶ, ସୋମନାଥ ସିଂ, ଅନନ୍ତ ବାଗ୍, ଲିଟନ ପଟ୍ଟନାୟକ, ଏବଂ ଦୋଳଗୋବିନ୍ଦ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ନାଇଟ କର୍ଫ୍ୟୁକୁ...

ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ବୈଠକ କରିଥିଲେ। ଏହି ଅବସରରେ ଦେଶର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ମଧ୍ୟ ଉପସ୍ଥିତ ଥିଲେ। ଶାହ ମୁଖ୍ୟମନ୍ତ୍ରୀଙ୍କ ସହ କରୋନା ପ୍ରସଙ୍ଗରେ ଆଲୋଚନା କରବା ବେଳେ ମୁଖ୍ୟମନ୍ତ୍ରୀ ମାନଙ୍କୁ ତିନୋଟି ଟାର୍ଗେଟ ପୂରଣ କରିବାକୁ କହିଥିଲେ। ସେ କହିଥିଲେ ସମସ୍ତ ମୁଖ୍ୟମନ୍ତ୍ରୀ ପ୍ରଥମେ କରୋନା ମୃତ୍ୟୁ ହାରକୁ ଏକ ପ୍ରତିଶତରୁ କମ୍ କରିବାକୁ ଚେଷ୍ଟା କରିବା ଉଚିତ। ଦ୍ୱିତୀୟରେ ସଂକ୍ରମିତ ହେଉଥିବା ମାମଲାକୁ ପାଂଚ ପ୍ରତିଶତରୁ ଅଧିକ ନହେବା ଦରକାର ବୋଲି ସେ ଆହ୍ୱାନ କରିଥିଲେ। ତୃତୀୟ ଟାର୍ଗେଟ ହେଲା କଂଟେନମେଂଟ ଜୋନ କିଭଳି ସକ୍ରିୟ ହୋଇପାରିବ। ଯଥାଶୀଘ୍ର ରାଜ୍ୟ ସରକାର ଏଦିଗରେ କାମ କରିବା ଦରକାର ବୋଲି ଶାହ କହିଛନ୍ତି। ଏହା ବାଦ୍ ସେ କହିଛନ୍ତି ଯେ କରୋନା ଦାୟିତ୍ୱରେ ଥିବା ଅଧିକାରୀ ପ୍ରତି ସପ୍ତାହରେ ରେଡ୍ ଜୋନ୍ ପରିଦର୍ଶନ କରବା ସହ ସଂଗୃହିତ ତଥ୍ୟକୁ ଆଧାର କରି ଏକ ନିର୍ଦ୍ଦିଷ୍ଟ ଅଂଚଳର ସ୍ଥିତି ପରିବର୍ତ୍ତନ କରିବା ଦରକାର।

### ବରିଷ୍ଠ କଂଗ୍ରେସ ନେତା...

ମେଦାନ୍ତ ହସ୍ପିଟାଲର ଆଇସିୟୁରେ ଭର୍ତି କରାଯାଇଥିଲା। ଚିକିତ୍ସା ସମୟରେ ତାଙ୍କର ମଲ୍ଟି ଅର୍ଗାନ୍ ଫେଲ୍ୟୁୟର ହୋଇଥିଲା ଏବଂ ସେଠାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଅହମ୍ମଦ ପଟେଲ ୩ ଥର ଲୋକସଭା ଏବଂ ୫ଥର ରାଜ୍ୟସଭା ସାଂସଦ ଥିଲେ। ଅଗଷ୍ଟ ୨୦୧୮ ରେ, ସେ କଂଗ୍ରେସ ଦଳର କୋଷାଧ୍ୟକ୍ଷ ଭାବରେ ନିଯୁକ୍ତ ହୋଇଥିଲେ। ଅହମ୍ମଦ ପଟେଲ ୧୯୭୭ ମସିହାରେ ୨୬ ବର୍ଷ ବୟସରେ ପ୍ରଥମ ଥର ପାଇଁ ଭରୁଚରୁ ଲୋକସଭା ନିର୍ବାଚନରେ ଜିତିବା ପରେ ସଂସଦରେ ପହଂଚିଥିଲେ। ସବୁବେଳେ ପରଦା ପଛରେ ରାଜନୀତି କରୁଥିବା ଅହମ୍ମଦ ପଟେଲଙ୍କୁ କଂଗ୍ରେସ ପରିବାରର ବିଶ୍ୱସ୍ତ ନେତାଙ୍କ ମଧରେ ଗଣାଯାଇଥାଏ। ସେ ୧୯୯୩ ରୁ ରାଜ୍ୟସଭା ସାଂସଦ ଥିଲେ।

### ଦଶମ ଓ ଦ୍ୱାଦଶ ...

ଅନଲାଇନ ପାଠ ପଢ଼ାଇବାର ଉଦ୍ୟମ ଆରମ୍ଭ ହୋଇଥିଲେ ମଧ ସମସ୍ତ ଛାତ୍ରଛାତ୍ରୀଙ୍କୁ ପଢ଼ାଇ ବୋର୍ଡ ପରୀକ୍ଷା ପାଇଁ ପ୍ରସ୍ତୁତ କରିବା ସମ୍ଭବ ନୁହେଁ। ଏ ନେଇ ଜାତୀୟ ଗାଇଡଲାଇନର ଆବଶ୍ୟକତା ରହିଛି, ଯାହା ରାଜ୍ୟକୁ ପରୀକ୍ଷା ପାଇଁ ପ୍ରସ୍ତୁତ କରିବାକୁ ସାହାଯ୍ୟ କରିବ। ଏହା ସହ ପରୀକ୍ଷା ତାରିଖ ଆସିଲେ ସେହି ଅନୁସାରେ ପ୍ରସ୍ତୁତ ହେବା ପାଇଁ ଅପେକ୍ଷା କରିଥିବା ଛାତ୍ରଛାତ୍ରୀଙ୍କୁ ମଧ ଏହା ସାହାଯ୍ୟ କରିବ। ତେଣୁ କେନ୍ଦ୍ର ସରକାର ୨୦୨୦-୨୦୨୧ ବୋର୍ଡ ଓ ଦ୍ୱାଦଶ ପରୀକ୍ଷା କରିବା ନେଇ ସ୍ୱଷ୍ଟ କରୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ଭାରତ ବନ୍ଦ ବେଳେ...

ଡିସିପିଙ୍କୁ ୭୪୦୦୦୬୭୩୬, ୯୪୩୭୫୮୧୫୭୫, ୧୦୦ କୁ ଜଣାଇଲେ ପୋଲିସ ତରଫରୁ ସହଯୋଗ ପ୍ରଦାନ କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଏହା ବ୍ୟତୀତ ଏ ବିଷୟରେ ଗୃହର ସଦସ୍ୟ ଓ ସଦସ୍ୟା ମାନଙ୍କୁ ପତ୍ର ମାଧମରେ ଜଣାଇ ଦେବା ପାଇଁ ବିଧାନ ସଭା ସଚିବାଳୟକୁ ନିର୍ଦ୍ଦେଶ ଦେଇଛନ୍ତି।

### ପରୀ ହତ୍ୟା ମାମଲାର...

୨୩ ଜୁଲାଇ ଅପରାହ୍ନରେ ଅଭିଯୋଗକାରୀଙ୍କ ଘର ପଛପଟ ପୋଖରୀ ନିକଟରୁ ଅଖାରେ ବନ୍ଧା ହୋଇଥିବା ଝିଅର ପଚାଶଢା ଶବ ଦେଖିବାକୁ ପାଇଥିଲେ। ଖବର ପାଇ ଥାନା ର ଇନସ୍ପେକ୍ଟର ସେଠାରେ ପହଂଚିଥିଲେ ।ପାରିପାର୍ଶ୍ୱିକ ଅବସ୍ଥାରୁ ଝିଅଟିକୁ ଅପହରଣ ପରେ ହତ୍ୟା କରିଥିବା ଜଣାପଡିଥିଲା। ପରେ ମକଦ୍ଦମା ୩୬୩/୩୬୪/୩୦୨/୨୦୧ ଆଇପିସିକୁ ରୂପାନ୍ତରିତ ହୋଇଥିଲା। ଏହା ପରଦିନ ସନ୍ଧାନୀ କୁକୁର ଓ ସାଇଂଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଂଚି ଯାଂଚ କରିଥିବା ମନ୍ତ୍ରୀ କହିଛନ୍ତି। ଉଲ୍ଲେଖ୍ୟଯୋଗ୍ୟ ଯେ ଝିଅ ପରୀକୁ ନ୍ୟାୟ ଦାବିରେ ଗତକାଲି ପରୀର ବାପା ମା ବିଧାନସଭା ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରିଥିଲେ। ଏହି ପ୍ରସଙ୍ଗ ଗୃହରେ ଉଠିବା ପରେ ବିରୋଧୀଦଳ ସଦସ୍ୟ ମାନେ ମୁଖ୍ୟମନ୍ତ୍ରୀ ଏବଂ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ବିବୃତି ଦାବି କରିଥିଲେ। ପରେ ବାଚସ୍ପତି ଏହି ପ୍ରସଙ୍ଗରେ ରୁଲିଂ ଦେଇ ଗୃହ ରାଷ୍ଟ୍ରମନ୍ତ୍ରୀ ବୁଧବାର ଦିନ ବିବୃତି ରଖିବେ ବୋଲି କହିଥିଲେ।

### ରାଜ୍ୟରେ ଆଉ ୧୬ ଜଣଙ୍କର...

ଭୁବନେଶ୍ୱରର ଜଣେ ୮୮ ବର୍ଷୀୟ ପୁରୁଷଙ୍କ କରୋନାରେ ମୃତ୍ୟୁ ଘଟିଛି। କଟକ ଜିଲ୍ଲାର ଜଣେ ୫୮ ବର୍ଷୀୟ ମହିଳା କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ଢେଙ୍କାନାଳ ଜିଲ୍ଲାର ଜଣେ ୭୧ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି। ଗଂଜାମ ଜିଲ୍ଲାର ଜଣେ ୬୦ ବର୍ଷୀୟ ମହିଳା କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି। ସେହିପରି ଯାଜପୁର ଜିଲ୍ଲାର ଜଣେ ୬୮ ବର୍ଷୀୟ ମହିଳା କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି ।ଖୋର୍ଦ୍ଧା ଜିଲ୍ଲାର ଜଣେ ୫୫ ବର୍ଷୀୟ ପୁରୁଷଙ୍କ କରୋନାରେ ମୃତ୍ୟୁ ବରଣ କରିଛନ୍ତି। ପୁରୀ ଜିଲ୍ଲାର ଜଣେ ୮୨ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ପୁରୀ ଜିଲ୍ଲାର ଜଣେ ୬୯ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି। ପୁରୀ ଜିଲ୍ଲାର ଜଣେ ୪୫ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷ ମୃତ୍ୟୁବରଣ କରିଛନ୍ତି। ସୁନ୍ଦରଗଡ ଜିଲ୍ଲାର ୬୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ସୁନ୍ଦରଗଡ ଜିଲ୍ଲାର ୫୨ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ସୁନ୍ଦରଗଡ ଜିଲ୍ଲାର ୭୨ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ସୁନ୍ଦରଗଡ ଜିଲ୍ଲାର ଜଣେ ୫୯ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି।

### ଭୁବନେଶ୍ୱରରେ ୨୪ ଘଂଟାରେ ୩୧...

ହୋଇଥିବା ବେଳେ ଏଥିରୁ ୨୯,୮୨୧ ଜଣ ସୁସ୍ଥ ହୋଇସାରିଛନ୍ତି। ଏବେ ୫୧୧ ଜଣ ଆକ୍ରାନ୍ତ ସକ୍ରିୟ ଥିବା ବେଳେ ୨୧୦ ଜଣଙ୍କର ମୃତ୍ୟୁ ହୋଇଛି। ଆଜି ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ପଟିଆରୁ ୫ ଜଣ, ଲକ୍ଷ୍ମୀସାଗର ଓ ଚନ୍ଦ୍ରଶେଖରପୁରରୁ ୩ ଜଣ ଲେଖାଏଁ ଏବଂ ବରମୁଣ୍ଡା,ନିଳାଦ୍ରୀବିହାର, ନୟାପଲ୍ଲୀ, ରସୁଲଗଡ, ଶୈଳଶ୍ରୀ ବିହାର ଓ ୟୁନିଟ୍ ୬ରୁ ୨ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି।

### ବିଧାନସଭାରେ ଉଠିଲା...

ପୀଡିତ ରୋଗୀ ମାନଙ୍କର ସେବା କାମ କରିଥିଲେ। ଏଭଳି ପରିସ୍ଥିତିରେ ବର୍ତମାନ ସେମାନଙ୍କୁ ଛଟେଇ କରା ଯିବା ଉଚିତ ନୁହେଁ। ସେମାନେ ବର୍ତମାନ କହୁଛନ୍ତି ଯେ ସେମାନଙ୍କୁ କମ ପାରିଶ୍ରମିକରେ ହେଲେ ମଧ୍ୟ ସେମାନେ କାମ କରିବା ପାଇଁ ପ୍ରସ୍ତୁତ। ତେଣୁ ଏମାନଙ୍କୁ ଛଟେଇ ନ କରା ଯାଉ ବୋଲି ବିରୋଧୀ ଦଳର ନେତା ଦାବି କରିଛନ୍ତି। ଅନ୍ୟ ପକ୍ଷରେ କଂଗ୍ରେସ ବିଧାୟକ ସନ୍ତୋଷ ସିଂହ ସାଲୁଜା ମଧ୍ୟ ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇଥିଲେ। କୋବିଡ ଯେତେବେଳେ ଭୟଙ୍କର ସ୍ଥିତିରେ ଥିଲା ସେତେବେଳେ ଏମାନେ ନିଜ ପରିବାର ଠାରୁ ଅଲଗା ରହି ରୋଗୀ ମାନଙ୍କର ସେବା କରୁଥିଲେ। ଏଭଳି ପରିସ୍ଥିତିରେ ସେମାନଙ୍କୁ ଛଟେଇ କରା ଯିବା ଅନୁଚିତ ବୋଲି ଶ୍ରୀ ସାଲୁଜା କହିବା ସହ ତାଙ୍କ ନିମନ୍ତେ ବ୍ୟବସ୍ଥା କରିବାକୁ ରାଜ୍ୟ ସରକାରଙ୍କ ନିକଟରେ ସେ ଦାବି କରିଥିଲେ।

### ମୟୂରଭଂଜ ଜିଲ୍ଲାସ୍ତରୀୟ...

ଆଶାଜନକ ହେବ ବୋଲି କୃଷି ବିଭାଗ ପକ୍ଷରୁ ଆକଳନ କରାଯାଇଛି। ତତ୍‌ପରେ ଚଳିତ ୨୦୨୧-୨୧ ରବି ଫସଲ କାର୍ଯ୍ୟଖସଡା ଉପରେ ବୈଠକରେ ସବିଶେଷ ଆଲୋଚନା କରାଯାଇ ଜିଲ୍ଲାରେ ଥିବା ବିଭିନ୍ନ ଜଳ ସେଚନ ପ୍ରକଳ୍ପ ଉତ୍ସର ଉପଯୋଗିତାକୁ ଆଧାର କରି ମୋଟ୯୯୭୦୦ ହେକ୍ଟର ଜମିରେ ବିଭିନ୍ନ ରବି କୃଷି ଫସଲ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିରେ ଧାନ ୫୮୧୧ ହେକ୍ଟର, ଗହମ-୫୬୪ ହେକ୍ଟର, ଉନ୍ନତମାନର ମକା-୧୮୩୭ ହେକ୍ଟର, ମୁଗ-୧୧୬୫୦ହେକ୍ଟର, ବିରି-୩୦୮୪ହେକ୍ଟର, କୁଳଥ-୭୧୮୪ହେକ୍ଟର ଓ ଅନ୍ୟାନ୍ୟ ଡାଲି ଜାତୀୟ ଫସଲ ୧୫,୧୩୨ହେକ୍ଟର, ଚିନାବାଦାମ-୪୧୧୦ହେକ୍ଟର, ସୂର୍ଯ୍ୟମୁଖୀ-୪୪୨ହେକ୍ଟର, ସୋରିଷ-୬୫୮୫ହେକ୍ଟର ଓ ଅନ୍ୟାନ୍ୟ ତୈଳବୀଜ ଜାତୀୟ ୩୨୧୩ ହେକ୍ଟର, ଆଳୁ ୧୩୦୩-ହେକ୍ଟର, ପିଆଜ-୧୮୬୫ ହେ. ଓ ଅନ୍ୟାନ୍ୟ ପନିପରିବା ଜାତୀୟ ଫସଲ ୨୯୬୪୮ ହେକ୍ଟର ଏବଂ ମସଲା ଜାତୀୟ ଫସଲ ୭୧୭୨ହେକ୍ଟର ଜମିରେ ଫସଲ କରାଯିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଚଳିତ ରବି ଋତୁରେ ବିଭିନ୍ନ ଫସଲ ଚାଷ ପାଇଁ ମୋଟ୨୬୮୯ କ୍ୱିଣ୍ଟାଲ ବିହନ, ୧୫୯୯୯ ମେଟ୍ରିକ ଟନ ରାସାୟନିକ ସାର ଓ ୨୪୩୦୦ ହେକ୍ଟର ଜମିରେ ଜୈବିକ ସାର ଉପଯୋଗ ପାଇଁ ଯୋଗାଇଦେବାର ଲକ୍ଷ୍ୟଧାର୍ଯ୍ୟ ଥିବା ବେଳେ ନାବାର୍ଡ କୃଷିସମବାୟ ଓ ରାଷ୍ଟ୍ରାୟତ ବାଣିଜ୍ୟ ବ୍ୟାଙ୍କ ଜରିଆରେ ଆବଶ୍ୟକୀୟ କୃଷି ଋଣ ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି। ବୈଠକରେ ଜିଲ୍ଲାପାଳ ଶ୍ରୀଭରଦ୍ୱାଜ ଜିଲ୍ଲାର ସମସ୍ତ କୃଷିଭିଂିକ କାର୍ଯ୍ୟକ୍ରମରେ ଚାଷୀମାନଙ୍କ ଜ୍ଞାନ ଦକ୍ଷତା ବୃଦ୍ଧି ପାଇଁ କ୍ଷେତ୍ର ପ୍ରଦର୍ଶନୀ ଫସଲ ଚାଷ ଓ କୃଷି ଭିତିକ ବିଭିନ୍ନ ଫସଲ ଚାଷ ଦିଗରେ ଦୃଷ୍ଟି ଦେଇ ଜିଲ୍ଲାରେ ଆୟୋଜନ କରାଯାଉଥିବା ସମସ୍ତ ତାଲିମ କର୍ମଶାଳା / କାର୍ଯ୍ୟକ୍ରମ ଗୁଡିକର ଫୋଟ/ଭିଡିଓ ଡକ୍ୟୁମେଟେସନ୍ ସହ ସବିଶେଷ ବିବରଣୀ ପ୍ରସ୍ତୁତ କରି ରଖିବା ପାଇଁ ସମସ୍ତ କୃଷି ଓ ସଂପୃକ୍ତ ଲାଇନ ବିଭାଗ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି ପରି ଜାତୀୟ ଖାଦ୍ୟସୁରକ୍ଷା ମିଶନ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଓ ଫସଲ ବୀମା ଯୋଜନା କାର୍ଯ୍ୟକ୍ରମର ସଫଳ ରୁପାୟନ ଦିଗରେ ଧ୍ୟାନ ଦେବା ସହିତ କୃଷି ଓ କୃଷକ ମାନଙ୍କ ବିକାଶ ପାଇଁ ଲକ୍ଷ ଧାର୍ଯ୍ୟଥିବା ରିହାତିରେ ଗଭୀର ନଳକୂପ ଖନନ, ବିଭିନ୍ନ କୃଷି ଯାନ୍ତ୍ରୀକ ଉପକରଣ ଏବଂ କୃଷି ଉଦ୍ୟୋଗ ବିକାଶ ପାଇଁ ଉଦିଷ୍ଟ ଥିବା ସୁବିଧା ସୁଯୋଗ ଆଦି ସମସ୍ତ କାର୍ଯ୍ୟକ୍ରମ ତରାନ୍ବିତ କରିବାକୁ ଗୁରୁତତ୍ୱାରୋପ କରାଯାଇଛି।

### ପବିତ୍ର କାର୍ତ୍ତିକ ମାସ...

ସକାଳ ଆଳତୀ ସସମୟରେ ମନ୍ଦିର ମଧରେ ଜନ ସମୁଦ୍ର ଦେଖିବାକୁ ମିଳୁଛି। ଏପରିକି ଅମାନିଆ ଭକ୍ତ ମାନେ ସାମାଜିକ ଦୂରତା ରକ୍ଷା କରିବାତ ଦୂରର କଥା ମାସ୍କ ପିନ୍ଧିବା ମଧ ଭୁଲି ଯାଉଛନ୍ତି। ସ୍ଥାନୀୟ ଦେବୋତ୍ତର ବିଭାଗ କିମ୍ବା ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଯଦିବା କିଛି ପଦକ୍ଷେପ ଗ୍ରହଣ କରାଯାଇଛି ଏହା ଶ୍ରୀ ଜୀଉଙ୍କ ଆଳତୀ ଓ ଭକ୍ତଙ୍କ ସମାଗମ ଓହରିବା ପରେ କରାଯାଉଛି। ପୂର୍ବତନ ତହସିଲଦାର ଓ ଥାନା ଅଧିକାରୀ ଙ୍କ ପକ୍ଷରୁ ଏଥି ପୂର୍ବରୁ ନିଆଯାଉଥିବା ପଦକ୍ଷେପକୁ କୋହଳ କରାଯାଇଛି।ଫଳରେ ସହରରେ କରୋନା ସଂକ୍ରମଣ ହେବା ପ୍ରତି ଆଶଙ୍କା ସୃଷ୍ଟି ହୋଇଛି। ଉପଜିଲ୍ଲାପାଳ ଏବଂ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଦୃଷ୍ଟି ଦେବା ନିମନ୍ତେ ସାଧାରଣରେ ଦାବୀ ହେଉଛି। ନହେଲେ ବର୍ତ୍ତମାନର ପଞ୍ଚକରେ ଓ କାର୍ତ୍ତିକ ପୂର୍ଣ୍ଣିମା ରେ ମନ୍ଦିର ମଧରେ ବଢୁଥିବା ଜନସମାଗମ ରୋକା ଯାଇପାରିବ ନାହିଁ କି ଏଥି ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଇଥିବା ଗାଇଡ଼ ଲାଇନର କୌଣସି ମାନେ ରହିବ ନାହିଁ। ଯଦ୍ୱାରା ପୁଣି ସହରକୁ କରୋନା ଅନାୟାସରେ ପ୍ରବେଶ କରିବ।

ଗୁରୁବାର, ୨୬ ନଭେମ୍ବର ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ଦେଶବ୍ୟାପୀ ହରତାଳରେ ସାମିଲ୍ ହେବ ଫରୱାର୍ଡ଼ ବ୍ଲକ

ଭୁବନେଶ୍ୱର, ୨୫।୧୧ (ନି.ପ୍ର): କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧୀ ନୀତି ବିରୁଦ୍ଧରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସମସ୍ତ କୃଷକ ସଂଗଠନମାନଙ୍କ ପକ୍ଷରୁ ନଭେମ୍ବର ୨୬ତାରିଖରେ ଦେଶବ୍ୟାପୀ ହରତାଳ ବା ସାଧାରଣ ଧର୍ମଘଟର ଡ଼ାକରା ଦିଆଯାଇଛି। ସାଧାରଣ ମଣିଷର ସ୍ୱାର୍ଥରକ୍ଷା ପାଇଁ ଏହି ଦେଶବ୍ୟାପୀ ହରତାଳ ଡ଼ାକରାକୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଦ୍ୱାରା ପ୍ରତିଷ୍ଠିତ ରାଜନୈତିକ ଦଳ 'ଅଲ୍ ଇଣ୍ଡିଆ ଫରୱାର୍ଡ଼ ବ୍ଲକ' ସମର୍ଥନ ଘୋଷଣା କରିବା ସହ ଏହି ହରତାଳରେ ପୂର୍ଣ୍ଣମାତ୍ରାରେ ସାମିଲ ହେବ ବୋଲି ଦଳ ପକ୍ଷରୁ ଜାରି ଏକ ପ୍ରେସ୍ ଇସ୍ତାହାର ମାଧମରେ ଫରୱାର୍ଡ଼ ବ୍ଲକର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର ପ୍ରକାଶ କରିଛନ୍ତି। କେନ୍ଦ୍ର ସରକାର ପୁଞ୍ଜିପତିମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଦେଶରେ ପ୍ରଚଳିତ ଶ୍ରମ ଆଇନ୍‌ରେ ସଂଶୋଧନ କରିଛନ୍ତି ଯାହା ଶ୍ରମଜୀବୀ ମଣିଷଙ୍କ ସ୍ୱାର୍ଥବିରୋଧୀ। ଅନୁରୂପ ଭାବରେ କେନ୍ଦ୍ର ସରକାର କୃଷି ଆଇନ୍-୨୦୨୦, କ୍ରାକ୍ଟ ଫାର୍ମି ଆଇନ୍-୨୦୨୦, ଅତ୍ୟାବଶ୍ୟକ ସାମଗ୍ରୀ ସଂଶୋଧନ ଆଇନ୍-୨୦୨୦ ଏବଂ ବିଦ୍ୟୁତ୍ ବିଲ୍ ଅଭିବୃଦ୍ଧି ଆଇନ୍-୨୦୨୦କୁ କାର୍ଯ୍ୟକାରୀ କରି ଦେଶର ପ୍ରତିଷ୍ଠିତ କୃଷି ବ୍ୟବସ୍ଥା ଏବଂ କୃଷକଙ୍କ ଅବସ୍ଥାକୁ ବିପନ୍ନ କରିଦେବା ପାଇଁ ଯୋଜନାବଦ୍ଧ ଭାବେ ପ୍ରୟାସ ଆରମ୍ଭ କରିଛନ୍ତି। ଅତ୍ୟାବଶ୍ୟକୀୟ ସାମଗ୍ରୀ ଆଇନ୍‌ରେ ସଂଶୋଧନ ଫଳରେ ଦରଦାମ ଆକାଶଛୁଆଁ ହେବାରେ ଲାଗିଛି। ଯାହାର ସିଧାସଳଖ ପ୍ରଭାବରେ ସାଧାରଣ ମଣିଷର ଜୀବନଯାତ୍ରା ଦୁର୍ବିସହ ହୋଇପଡ଼ିଛି। ଏହାର ପ୍ରତିବାଦରେ ଆହୂତ ଏହି ଦେଶବ୍ୟାପୀ ହରତାଳ ଡ଼ାକରାରେ ଓଡ଼ିଶାର ସଚେତନ ଜନସାଧାରଣ ସାମିଲ୍ ହେବାକୁ ଫରୱାର୍ଡ଼ ବ୍ଲକ ଏବଂ ଏହାର ଶ୍ରମିକ ସଂଗଠନ ଟିୟୁସିସି, କୃଷକ ସଂଗଠନ ଅଲ ଇଣ୍ଡିଆ ଅଗ୍ରଗାମୀ କିଷାନ ସଭା ସମେତ ଅନ୍ୟାନ୍ୟ ଗଣସଂଗଠନ ପକ୍ଷରୁ ଆହ୍ୱାନ କରାଯାଇଛି।

# ଗୋଟିଏ ଦିନରେ ୭୩୦ କରୋନା ଆକ୍ରାନ୍ତ ଚିହ୍ନଟ

## ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୧୬୦୦୧




ଭୁବନେଶ୍ୱର, ୨୫।୧୧ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୭୩୦ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୧୬୦୦୧ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୩୦୭୩୭୪ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୬୮୮୭ ରହିଛି। ଆଜି ଚିହ୍ନଟ ହୋଇଥିବା ୭୩୦ ଜଣଙ୍କ ମଧ୍ୟରୁ ୪୧୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୧୧ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ମୟୁରଭଂଜ ଜିଲ୍ଲାରେ ସବୁଠାରୁ ଅଧିକ ୬୮ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରୁ ୪୪ ଜଣ କରୋନା ସଂକ୍ରମିତ ହୋଇଥିବା ବେଳେ ବାଲେଶ୍ୱରରୁ ୫୩ ଜଣ, ବରଗଡ଼ରୁ ୨୧ ଜଣ, ଭଦ୍ରକରୁ ୭ ଜଣ, ବଲାଙ୍ଗୀରରୁ ୪୦ ଜଣ ରହିଛନ୍ତି । 'ସେହିପରି ବୌଦ୍ଧ ଜିଲ୍ଲାରୁ ୧. କଟକରୁ ୪୯ ଜଣ, ଦେବଗଡ଼ରୁ ୪ ଜଣ, ଢେଙ୍କାନାଳରୁ ୭ ଜଣ, ଗଜପତିରୁ ଜିଲ୍ଲାରୁ ୪, ଗଞ୍ଜାମରୁ ୧୨ ଜଣ, ଜଗତ୍‌ସିଂହପୁରରୁ ୨୪ ଜଣ, ଯାଜପୁରରୁ ୨୫ ଜଣ, ଝାରସୁଗୁଡ଼ାରୁ ୨୫ ଜଣ, କଳାହାଣ୍ଡିରୁ ୩୩ ଜଣ, କନ୍ଧମାଳରୁ ୧ ଜଣ, କେନ୍ଦ୍ରାପଡ଼ାରୁ ୧୪ ଜଣ, କେନ୍ଦୁଝରରୁ ୪୦ ଜଣ, ଖୋର୍ଦ୍ଧାରୁ ୬୫ ଜଣ, କୋରାପୁଟରୁ ୫, ମାଲକାନଗିରିରୁ ୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୬୮ ଜଣ, ନବରଙ୍ଗପୁରରୁ ୭ ଜଣ, ନୟାଗଡ ଜିଲ୍ଲାରୁ ୮ ଜଣ, ନୂଆପଡ଼ାରୁ ୪୬ ଜଣ, ପୁରୀରୁ ୨୯ ଜଣ, ରାୟଗଡା ଜିଲ୍ଲାରୁ ୮ ଜଣ, ସମ୍ବଲପୁରରୁ ୯ ଜଣ, ସୋନପୁରରୁ ୯. ସୁନ୍ଦରଗଡ଼ରୁ ୫୭ ଜଣ ଓ ଷ୍ଟେଟ୍‌ପୁଲ୍‌ରୁ ୧୨ ଜଣ ଚିହ୍ନଟ ହୋଇଛନ୍ତି।

# ପବିତ୍ର କାର୍ତ୍ତିକ ମାସ ବଡ ଏକାଦଶୀରେ ଭକ୍ତଙ୍କ ଭିଡ଼ : କରୋନା କଟକଣାକୁ ଫୁଁ



ଗୁଣୁପୁର, ୨୫।୧୧ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ସହର ରେ କରୋନା ର ପ୍ରଭାବ କମିଥିବା ବେଳେ ବର୍ତ୍ତମାନ ଯେଉଁ ପ୍ରକାର ଥଣ୍ଡାର ପ୍ରକୋପ ବଢ଼ିଛି ତେଣୁ ପୁଣି ସଂକ୍ରମଣ ର ଆଶଙ୍କା ରହୁଛି । ରାଜ୍ୟରେ କରୋନା ସଂକ୍ରମଣ ରୋକିବା ଉଦ୍ଦେଶ୍ୟ ରେ ସରକାର ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ସେଥି ମଧ୍ୟରୁ ଲକ ଡାଉନ ଓ ସଟ ଡାଉନ ଅନ୍ୟତମ । କାର୍ତ୍ତିକ ମାସରେ ଶ୍ରୀ ମନ୍ଦିରରେ ଭକ୍ତଙ୍କ ଭିଡକୁ ଏଡ଼ାଇବା ନିମନ୍ତେ କଟକଣା ଜାରି କରାଯାଇଛି । ସେହିଭଳି ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳର ମନ୍ଦିର ମାନଙ୍କ ରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ କଟକଣା ଜାରି କରିବା ଅନିବାର୍ଯ୍ୟ ହୋଇପଡିଥିବା ବେଳେ ରାୟଗଡା ଜିଲ୍ଲା ଗୁଣପୁର ଠାରେ ଏହାର କୌଣସି ଛିଟା ପଡିପାରୁନି । ଫଳରେ ମନ୍ଦିରରେ ଜମୁଥିବା ଭିଡ଼ ଆଗାମୀ ଦିନରେ ସଂକ୍ରମଣର ପଥ ପ୍ରସସ୍ଥ କରିବ ଏହା ତିଳେ ମାତ୍ର ସନ୍ଦେହ ନାହିଁ ବୋଲି ସଚେତନ ନାଗରିକ ମତବ୍ୟକ୍ତ କରିଛନ୍ତି । ଗୁଣପୁର ଠାରେ ରହିଥିବା ମନ୍ଦିର ଗୁଡିକରେ କୋଭିଡ ନିୟମକୁ ପାଳନ କରାଯାଉଥିବା ବେଳେ ସ୍ଥାନୀୟ ବଡ଼ ଜଗନ୍ନାଥ ମନ୍ଦିରରେ ପବିତ୍ର କାର୍ତ୍ତିକ ମାସ ବଡ ଏକାଦଶୀ ଉପଲକ୍ଷେ ଭକ୍ତଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଥିଲା । ଶ୍ରୀ ଜୀଉଙ୍କ ସନ୍ଧ୍ୟା ଓ ▶▶ପୃଷ୍ଠା ୭

# ଜଳେଶ୍ୱର ବାର୍ ନିର୍ବାଚନରେ ୨୪ ନାମାଙ୍କନପତ୍ର ଦାଖଲ

ଜଳେଶ୍ୱର, ୨୫।୧୧ (ନି.ପ୍ର): କୋଭିଡ୍-୧୯ ଯୋଗୁଁ ଚଳିତବର୍ଷ ବାର୍ ନିର୍ବାଚନ ଗତ ମାର୍ଚ୍ଚମାସରେ ବିଜ୍ଞପ୍ତି ପ୍ରକାଶ ପାଇନଥିଲା । ଫଳରେ ଚଳିତବର୍ଷ ଅଦ୍ୟାବଧି ନିର୍ବାଚନ ହୋଇ ପାରିନଥିଲା । ଏବେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଆଜି ନିମାଙ୍କନପତ୍ର ଦାଖଲର ଶେଷ ସୁଦ୍ଧା ୨୪ଜଣ ପ୍ରାର୍ଥୀ ନାମାଙ୍କନ କରିଛନ୍ତି । ସଭାପତିଭାବେ ଅନୀଲ କୁମାର ପରିଡା, ପତିତପାବନ ପ୍ରଧାନ, ପ୍ରକାଶ ଚନ୍ଦ୍ର ଦେ, ଉପସଭାପତି ଭାବେ ସେକ୍ ଫରିଦ ଅହମ୍ମଦ, ମନୋରଂଜନ ମିଶ୍ର, ସଂପଦାକ ଭାବେ ଦେବକାନ୍ତ କାସ୍ତା ଓ ରମାକାନ୍ତ ସାହୁ, ରମାକାନ୍ତ ସାହୁ, ସହକାରୀ ସଂପାଦକ ଭାବେ ଭବାନୀ ଶଂକର ଭଂଜ ଓ ନିଗମାନନ୍ଦ ପାତ୍ର ତଥା କୋଷାଧ୍ୟକ୍ଷଭାବେ ବିନୋଦ କୁମାର ଗିରି ଓ ବ୍ୟମକେଶ ମଣ୍ଡଳ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।କାର୍ଯ୍ୟକାରୀ କମିଟି ନିମନ୍ତେ ଅଜିତ୍ କୁମାର ସୁର, ବିନୟ କୁମାର ନନ୍ଦି, ଗଣେଶ ଚନ୍ଦ୍ର ମାଇତି, ଘନଶ୍ୟାମ ସାହୁ, ଜଗଦୀଶ ଚନ୍ଦ୍ର ପାଳ, ଲକ୍ଷ୍ମୀକାନ୍ତ ଦାସ, ମଳୟ କୁମାର ମହାନ୍ତି, ରେଜିଆ ସୁଲତାନା ବେଗମ୍, ରାମକୃଷ୍ଣ ନନ୍ଦି, ସନ୍ୟାସୀ ଚରଣ ବେହେରା, ସିଦ୍ଧାର୍ଥ ଦାସ, ସୁଶାନ୍ତ କୁମାର ଦାସ ଓ ତପନ କୁମାର ଦେ ନାମାଙ୍କନ ପତ୍ର ଦାଖାଲ କରିଥିବା ସଂପର୍କରେ ବର୍ତ୍ତମାନର ବାର୍ ଅଧ୍ୟକ୍ଷ ଅବଧୂତ ଜେନା ଓ ନିର୍ବାଚନ ଅଧିକାରୀ ଏସାକ୍ ବେଗ୍ ଜଣାଇଛନ୍ତି ।

# ଭାରତ ବନ୍ଦ ସଫଳ କରିବାକୁ ଶ୍ରମିକ ସଂଗଠନଙ୍କ ବ୍ୟାପକ ପ୍ରଚାର



ବାଲେଶ୍ୱର, ୨୫।୧୧ (ନି.ପ୍ର): ୨୬ ତାରିଖର ସର୍ବଭାରତୀୟ ସାଧାରଣ ଧର୍ମଘଟ ବା ଭାରତ ବନ୍ଦକୁ ବାଲେଶ୍ୱର ଜିଲ୍ଲାରେ ଶାନ୍ତିପୂର୍ଣ୍ଣ ଭାବେ ସଫଳ କରିବାପାଇଁ କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କ ତରଫରୁ ବ୍ୟାପକ ପ୍ରଚାର ଅଭିଯାନ ଗତ ୫ ଦିନ ଧରି ଚାଲିଅଛି। ଗତ ମଙ୍ଗଳବାରଦିନ ସନ୍ଧ୍ୟାରେ ଶତାଧିକ ମୋଟରସାଇକେଲ୍ ଆରୋହୀ କେନ୍ଦ୍ର ସରକାରଙ୍କ ଶ୍ରମିକ, କୃଷକ ଓ ଜନବିରୋଧୀ ନୀତି ବିରୁଦ୍ଧରେ ସ୍ଲୋଗାନ୍ ଦେଇ ସହର ଓ ସହରତଳି ଅଞ୍ଚଳ ପରିକ୍ରମା କରିଥିଲେ। ବୁଧବାର ଦିନ ବାଲେଶ୍ୱର ସହରର ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭାରେ ଶ୍ରମିକନେତାମାନେ ଦାବି ଓ ଭାରତବନ୍ଦ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିବାର ଦେଖାଯାଇଥିଲା। ସେହିପରି ଗତ ୫ଦିନ ଧରି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଡାକବାଜି ଯନ୍ତ୍ର ଧରି ୨୬ ତାରିଖ ଭାରତବନ୍ଦକୁ ବାଲେଶ୍ୱର ଜିଲ୍ଲାରେ ସଫଳ କରିବାକୁ ନିବେଦନ କରାଯାଇଛି। ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ସିଆଇଟିୟୁ, ଏଆଇୟୁଟିୟୁସି, ବ୍ୟାଙ୍କ୍, ବୀମା, ପ୍ରତିରକ୍ଷା, ଡାକ ଓ ବିଭିନ୍ନ ଶ୍ରମିକ ସଂଗଠନର ପ୍ରତିନିଧିମାନେ ଏହି ପ୍ରଚାର ଅଭିଯାନରେ ସାମିଲ ହୋଇଛନ୍ତି। କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କର ମିଳିତ ମଞ୍ଚ ଟିୟୁଏସିସି ଏହାର ନେତୃତ୍ୱ ନେଇଛି। ବିଭିନ୍ନ ଶ୍ରମିକ ସଂଗଠନ ତରଫରୁ ଏହି ପ୍ରଚାର ଅଭିଯାନରେ ସୁରେଶ ଚନ୍ଦ୍ର ବେହେରା, ବିକାଶ ଦାସ, ଅରୁଣ ସ୍ୱାଇଁ, ଶମ୍ଭୁନାଥ ଦାସ, ଭାଗବତ ପ୍ରତିହାରୀ, ପ୍ରେମରଞ୍ଜନ ପାତ୍ର, ଗୌରାଙ୍ଗ ପାଣିଗ୍ରାହୀ, ସେକ୍ ସଲାଉଦ୍ଦିନ୍, ନିକୁଞ୍ଜ ବସନ୍ତ ରାୟ, ନିର୍ମଳ ନାୟକ, ଯତୀନ୍ ପାତ୍ର, ପରମେଶ୍ୱର ପାତ୍ର, ଶ୍ୟାମସୁନ୍ଦର ଜେନା, ଭରତ ଚନ୍ଦ୍ର ସେଠୀ, ବନ୍ଦନା ବିଶ୍ୱାସ, ରାଜକିଶୋର ଲେଙ୍କା, ଶାନ୍ତନୁ ଦାସ, ଅରୁଣ ଜେନା, ନିରାକାର ପାଣ୍ଡବ, ଉମାକାନ୍ତ ଦାସ ଓ ଶରତ ଚନ୍ଦ୍ର ଦଳାଇ ପ୍ରମୁଖ ନେତୃତ୍ୱ ନେଇଥିବାର ଦେଖାଯାଇଥିଲା।

# ଆଜି ଚିହ୍ନଟ ହେଲେ ୨୦ ନୂଆ କରୋନା ଆକ୍ରାନ୍ତ

ଭଦ୍ରକ, ୨୫।୧୧ (ନି.ପ୍ର): ଆଜି ଭଦ୍ରକ ଜିଲ୍ଲାରୁ ଆଉ ୨୦ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାଙ୍କୁ ମିଶାଇ ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ହୋଇଛି ୭ହଜାର ୧୭୨। ଏମାନଙ୍କ ମଧ୍ୟରୁ ୭ ହଜାର ୨୩ଜଣ ସୁସ୍ଥ ହୋଇ ସାରିଛନ୍ତି। ଏବେ ଆଉ ୧୨୬ଜଣ ଆକ୍ରାନ୍ତ ସକ୍ରିୟ ଅଛନ୍ତି। ଆଜି ସୁଦ୍ଧା ଜିଲ୍ଲାରୁ ମୋଟ ୧ ଲକ୍ଷ ୬୫ହଜାର ୨୦୧ଜଣଙ୍କ ନମୁନା ପରୀକ୍ଷା କରାଯାଇଛି। ଆଜି ଚିହ୍ନଟ ଆକ୍ରାନ୍ତମାନେ ହେଲେ ବାସୁଦେବପୁର ବ୍ଲକର ଅରଣ୍ଡୁଆ, ନରସିଂହପୁର, ଚୁଡାମଣି ଓ ବରଣ୍ଡୁଆ ପଞ୍ଚାୟତରୁ ଜଣେ ଜଣେ, ଭଦ୍ରକ ବ୍ଲକର ଗେଲଟୁଆ, ବଣିଆ ଏବଂ ଅଣ୍ଡେଇପଲ୍ଲୀ ପଞ୍ଚାୟତରୁ ଜଣେ ଜଣେ, ଭଦ୍ରକ ପୌରପାଳିକାର ୧ ନଂ ୱାର୍ଡ, ୫ ନଂ ୱାର୍ଡ, ୬ ନଂ ୱାର୍ଡ ,ବଂ ୨୨ ନଂ ୱାର୍ଡରୁ ଜଣେ ଜଣେ, ଭଣ୍ଡାରିପୋଖରୀ ବ୍ଲକର ଜଳମଣ୍ଡୁଆ ପଞ୍ଚାୟତରୁ ୪ଜଣ, ନିର୍ଗୁଣ୍ଡି ପଞ୍ଚାୟତରୁ ଜଣେ, ନଗୁଆଁ ପଞ୍ଚାୟତରୁ ଜଣେ, ଧାମନଗର ଚୁଡାକୁଟି ପଞ୍ଚାୟତରୁ ୨ଜଣ, ଦଇପୁର ପଞ୍ଚାୟତରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

# ମୟୂରଭଂଜ ଜିଲ୍ଲାସ୍ତରୀୟ କୃଷି ନୀତି ନିର୍ଦ୍ଧାରଣ କମିଟି ବୈଠକ

## ମୋଟ୯୯,୭୦୦ହେକ୍ଟର ଜମିରେ ରବି ଫସଲ ପାଇଁ ଲକ୍ଷ୍ୟଧାର୍ଯ୍ୟ

ବାରିପଦା, ୨୫।୧୧ (ନି.ପ୍ର): ମୟୂରଭଂଜ ଜିଲ୍ଲାରେ ଚଳିତ ୨୦୨୦-୨୧ ରବି କୃଷି ଫସଲ ଚାଷ ପାଇଁ ଜିଲ୍ଲା ସ୍ତରୀୟ କୃଷିନିତୀ ନିର୍ଦ୍ଧାରଣ କମିଟି ବୈଠକ ଜିଲ୍ଲପାଳ ମୟୂରଭ, ଶ୍ରୀ ବିନୀତ୍ ଭରଦ୍ୱାଜା, ଭାପ୍ରସେଙ୍କ ଅଧକ୍ଷତାରେ ତା ୨୫.୧୧.୨୦୨୦ ରିଖ ପୂର୍ବାହ୍ନରେ ୱେବିନାର ଗୁଗୁଲ ମିଟ୍ ଜରିଆରେ ଅନୁଷ୍ଠିତ ହୋଇଯାଇଥିଲା । ୱେବିନାର ଗୁଗୁଲ ମିଟ୍ ଜରିଆରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ମୟୂରଭ ଶ୍ରୀ ଦାମୋଦର ସେଠୀ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ମୟୂରଭ, ଶିଶିର କୁମାର ଆଚାର୍ଯ୍ୟ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ସୁଭେନ୍ଦୁ କୁମାର ଦାସ, ଡିଆର୍‌ସିଏସ୍ ମୟୁରଭ, ଦମୟନ୍ତି ସିଂ, କୃଷି ବିଜ୍ଞାନ କେନ୍ଦ୍ର ଶାମାଖୁଣ୍ଟା, ମୟୂରଭ ଡ. ସଂଘମିତ୍ରା ପଟ୍ଟନାୟକ, ପ୍ରମୁଖ ସମେତ ଡିଡିଏମ୍ ନାବାଡ୍, ଏଲ୍‌ଡିଏମ୍ ଜିଲ୍ଲାର ସମସ୍ତ କୃଷି ଅଧିକାରୀ, ସଂପୃକ୍ତ ଲାଇନ ବିଭାଗପଦାଧିକାରୀ ଯୋଗ ଦେଇ ଜିଲ୍ଲାର କୃଷି ଭି*କ ଯୋଜନା କାର୍ଯ୍ୟାକ୍ରମ ଅନ୍ତର୍ଗତ ଚଳିତ ଖରିଫ୍ ଫସଲ ୨୦୨୦ ଏବଂ ରବି ଫସଲ ୨୦୨୦-୨୧ କାର୍ଯ୍ୟଖସଡା ସଂପର୍କରେ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ବୈଠକରେ ଜିଲ୍ଲାମୁଖ୍ୟ କୃଷି ଅଧିକାରୀ ଶ୍ରୀ ସେଠୀ ସମସ୍ତଙ୍କୁ ସ୍ୱାଗତ ଜଣାଇ ଜିଲ୍ଲା କୃଷିବିଭାଗ ଯୋଜନା କାର୍ଯ୍ୟସୂଚୀ ଉପରେ ପ୍ରଥମେ ଚଳିତ ୨୦୨୦ ଖରିଫ୍ ଫସଲ ଚାଷ ସଂପର୍କୀତ ଯଥା ଜିଲ୍ଲାର ବୃଷ୍ଟିପାତ, ବଭିନ୍ନ ଫସଲଚାଷ ଓ ଉତ୍ପାଦନର ସ୍ଥିତି, ବିଭିନ୍ନ ପ୍ରକାର ସାର ବ୍ୟବହାର, ବିଭିନ୍ନ କୃଷିଯନ୍ତ୍ରର ଉପଯୋଗ, କୃଷିଋଣ ସହାୟତା, ରାଷ୍ଟ୍ରିୟ କୃଷିବିକାଶ ଆଦି ଯୋଜନା କାର୍ଯ୍ୟାନ୍ୱୟନ ଉପରେ ସମୀକ୍ଷା ମୂଳକ ଆଲୋଚନା କରାଯାଇଥିଲା । ସମୀକ୍ଷାରେ ଚଳିତ ଖରିଫ ଋତୁରେ ଜିଲ୍ଲାର ମୌସୁମୀ ବୃଷ୍ଟିପାତର ପରିମାଣ ୧୧୦୫.୯୦ମିମି ହୋଇଥିବା ବେଳେ ଏହା ଜିଲ୍ଲାର ସ୍ୱଭାବିକ ବୃଷ୍ଟିପାତର ୧୨୨୫.୦୦ମି.ମି. ପରିମାଣରୁ ୯.୭୨% କମ୍ ବୃଷ୍ଟିପାତ ହୋଇଛି । ଜିଲ୍ଲାରେ ଚଳିତ ଖରିଫ ଋତୁରେ ମୋଟ୍ ୪,୩୭,୦୦୦ ହେକ୍ଟର ଜମିରେ ବିଭିନ୍ନ ଖରିଫ ଫସଲ ଲକ୍ଷ୍ୟଧାର୍ଯ୍ୟରୁ ୩,୭୬,୨୯୪ ହେକ୍ଟର ଜମିରେ ଖରିଫ ଫସଲ ସନ୍ତୋଷଜନକ ଫସଲ ହୋଇଥିବାବେଳେ ଉତ୍ପାଦନ ପରିମାଣ ବେଶ ▶▶ପୃଷ୍ଠା ୭

# ମହିଳାମାନଙ୍କ ଉପରେ ସବୁ ପ୍ରକାର ଅତ୍ୟାଚାର ବନ୍ଦ କର : ଜନଜାଗୃତି ମଞ୍ଚ



ଉଦଳା, ୨୫।୧୧ (ନି.ପ୍ର): ସ୍ୱେଚ୍ଛାସେବୀ ସଂଗଠନ 'ଆତ୍ମଶକ୍ତି'ର ଆହ୍ୱାନରେ 'ଓଡ଼ିଶାଶ୍ରମଜୀବି ମଞ୍ଚ' ଓ 'ମହିଳା ଶ୍ରମଜୀବି ମଞ୍ଚ' ଭୁବନେଶ୍ୱର ନେତୃତ୍ୱରେ ମୟୂରଭଞ୍ଜରେ କାର୍ଯ୍ୟରତ ଲୋକ ସଂଗଠନ 'ଜନଜାଗୃତି ମଞ୍ଚ'ତରଫରୁ ଚଳିତ ନଭେମ୍ବର ୨୫ ତାରିଖ ବୁଧବାର ଠାରୁ ମହିଳା ମାନଙ୍କ ଉପରେ ହେଉଥିବା ସବୁ ପ୍ରକାର ଅତ୍ୟାଚାରକୁ ବନ୍ଦ କରିବା ଉଦେଶ୍ୟରେ ଆରମ୍ଭ ହୋଇଛି ସଚେତନତା ମୂଳକ କାର୍ଯ୍ୟକ୍ରମ । ଏଥିପାଇଁ ଆଲୋଚନାଚକ୍ର, ପଥପ୍ରାନ୍ତ ସଭା. ଶୋଭା ଯାତ୍ରା, ପ୍ରଚାରପତ୍ର ବଣ୍ଟନ ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏହା ଡ଼ିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ୧୬ ଦିନ ବ୍ୟାପି ଜିଲ୍ଲାର ବିଭିନ୍ନ ସ୍ଥାନରେ ପର୍ଯ୍ୟାୟ କ୍ରମେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି 'ଜନଜାଗୃତି ମଞ୍ଚ'ର ସଦସ୍ୟ ମାନେ ଗଣ ମାଧ୍ୟମକୁ ଜଣାଇଛନ୍ତି । ପ୍ରକାଶ ଥାଉକି ମୟୂରଭଞ୍ଜ ଜିଲ୍ଲାରେ ମହିଳା ମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର ଚାଲିଥିବାର ଦୃଶ୍ୟ ଆଜିବି ଦେଖିବାକୁ ମିଳୁଛି । ପୁରୁଷ ଲୋକ ମଦ୍ୟପାନ କରି ଘରେ ମହିଳା ମାନଙ୍କୁ ମାଡ଼ ମାରୁଥିବାର ଘଟଣା ନିତିଦିଆ ଘଟଣାରେ ପରିଣତ ହୋଇ ଯାଇଛି । କେତେକ ସ୍ଥାନରେ ମହିଳା ମାନଙ୍କୁ ଡ଼ାହାଣୀ କହି ମାଡ଼ ମରାଯାଏତ, କେତେବେଳେ ଉଲଗ୍ନ କରି ଗାଁ ଦାଣ୍ଡରେ ବୁଲାଯାଏ। ଖାଲି ସେତିକି ନୁହେଁ କେତେବେଳେ ପୁଣି ଯୋର ଜବରଦସ୍ତ ବିଷ୍ଠା ଖାଇବାକୁ ଦିଆଯାଏ ତ, ପୁଣି କେତେବେଳେ ମହିଳାଙ୍କୁ ହତ୍ୟା କରି କଟାମୁଣ୍ଡ ଧରି ପୁରୁଷ ଲୋକ ଥାନାରେ ହାଜର ହେଉଥିବାର ବିଭସ୍ ଦୃଶ୍ୟ ଦେଖିବାକୁ ମିଳେ ଏହି ସବୁ ଅତ୍ୟାଚାର ଚାଲିଥିବା ସମୟରେ ମହିଳା ମାନେ ନିଜ ପରିବାର ଲୋକ ମାନଙ୍କର ସହଯୋଗ ମଧ ପାଆନ୍ତି ନାହିଁ । ଏହାହିଁ ସବୁଠାରୁ ଅଧିକ ଦୁଃଖ ଦାୟକ ଘଟଣା ବୋଲି ବହୁ ଜ୍ଞାନି ଲୋକମାନେ ମତ ଦେଉଥିବାର ଶୁଣିବାକୁ ମିଳେ । ସ୍ୱାଧୀନତାର ଦିର୍ଘ ୭୩ ବର୍ଷ ପରେ ମଧ ଯେତେବେଳେକି ଆମେ ଚନ୍ଦ୍ର ଓ ମଙ୍ଗଳ ଗ୍ରହକୁ ଯାନ ପଠାଇବା ପାଇଁ ପ୍ରସ୍ତୁତ ହେଉଛୁ ସେତେବେଳେ ପୁଣି ଏପରି ଘଟଣା ନିହାତି ଦୁଃଖ ଦାୟକ ବୋଲି ମଞ୍ଚର କର୍ମୀ ମାନେ କହିବା ସହିତ ଗାଁକୁ ଗାଁ ବୁଲି ସଚେତନତାର ବାର୍ତ୍ତା ବାଣ୍ଟିବାରେ ଲାଗିଛନ୍ତି । ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚର ଉଦଳା ବ୍ଲକ ସଭାପତି ରାଇମଣୀ ବାସ୍କେନେତୃତ୍ୱ ନେଉଥିବା ବେଳେ ସଦସ୍ୟ ଗାୟତ୍ରୀ ସିଂ, ଆରତୀ ଖଣ୍ଡାପାତ୍ର, ଭାରତୀ ଖଣ୍ଡାପାତ୍ର, ସୁମତୀ ମୁର୍ମୁ, ନିରୁପମା ଦାସ, ହରିପ୍ରୀୟା ଦାସ ପ୍ରମୁଖ ସହଯୋଗ କରୁଛନ୍ତି ।

# ନାଚିନ୍ଦା ଚଣ୍ଡି ମନ୍ଦିରରୁ ଚୋରୀ : ବହୁଳ ଅଳଙ୍କାର ଲୁଟ

ଜଳେଶ୍ୱର, ୨୫।୧୧ (ନି.ପ୍ର): କମର୍ଦ୍ଦାଥାନେ। ଅନ୍ତର୍ଗତ ନାଚିନ୍ଦା ଗାଁରେ ଥିବଣ୍ଟଗଳଚଣ୍ଡି ମନ୍ଦିରରୁ ବହୁମୂଲ୍ୟବାନ ଅଳଙ୍କାର ଓ ହୋଣ୍ଡି ବାକ୍ସରୁ ବହୁ ଅଥ ଚୋରି ହୋଇଥିବାର ଥାନାରେ ଅଭିଯୋଗ ହୋଇଛି । ମନ୍ଦିରର ପୂଜକ ପଂଚାନନ ମହାପାତ୍ର ଗତ ୨୩ତାରିଖ ସଂଧ୍ୟାରେ ଧୂପ, ଦ୍ୱିପ ଦେବାପରେ ମଂଦିର ଓ ପାଟଠକ ତାଲା ପକାଇ ଆସିଥିଲେ । କିନ୍ତୁ ୨୪ ତାରିଖ ପୂର୍ବାହ୍ନ ୯ଟାରେ ଫାଟକ ଓ ଦରଜା କବାଟର ତାଲା ଭଂଗା ଯୋଇଥିବା ଦେଖିବାକୁ ପାଇଥିଲେ । ଏହା ପରେ ସେ ଗ୍ରାମବାସୀଙ୍କୁ ଜଣାଇବାରୁ ସେମାନେ ଠାକୁରାଣୀଙ୍କର ରୂପାର ୨ଟି ମୁକୁଟ, ୫ଟି ସୁନା ତାବ୍‌ଜି ଓ ବହୁ ମୂଲ୍ୟର ରୂପା ଅଳଙ୍କାର ଚୋରୀ ହୋଇଥିବାର ଦେଖିବାକୁ ପାଇଥିଲେ । କମର୍ଦ୍ଦପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି ।

# କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୧୫୪ ଜଣଙ୍କଠାରୁ ଜୋରିମାନା

ଭୁବନେଶ୍ୱର, ୨୫।୧୧ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୧୫୪ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୪୮୬ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୬୪୭ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

# ମାକିଡିଆ ପଂଚାୟତର ଉନ୍ନୟନ କାର୍ଯ୍ୟରେ ଅନିୟମିତତା : ମିଳୁନି ସୂଚନା, ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ

ଜଳେଶ୍ୱର, ୨୫।୧୧ (ନି.ପ୍ର): ସୁବର୍ଣ୍ଣରେଖା ନଦୀର ପଶ୍ଚିମପଟେ ରାଇବଣିଅରାର ଥାନା ଅନ୍ତର୍ଗତ ମାକିଡିଆ ପଂଚାୟତ ଥିବା ବେଳେ ନଦୀର ପୂର୍ବ ପଟେ ଦାନ୍ତୁନ, ଥାନା ଓ ବ୍ଲକ ଅଂଚଳ ଅବସ୍ଥିତ । ନଦୀରର ପାଣି ମାକିତଡିଆ ଗାଁ ନିକଟରେ ପ୍ରବାହିତ ହେଉଥିବାରୁ ଏବଂ ପ୍ରତିବର୍ଷ ବେଆଇନ୍ ଚୋରା ବାଲି ଚାଲାଣ ଯୋର୍ଗୁ ନଦୀରେ ଅତଡା ଖୁସୁଛି । ତେଣୁ ଗ୍ରାମର ପ୍ରାୟ ୩୦୦ ମିଟର ନଦୀଗର୍ଭରେ ହୋଇଥିବା ବେଳେ ଗ୍ରାମର ଗୋଚର ଜମି ଗୁଡିକରେ ସରକାରୀ କାର୍ଯ୍ୟାଳୟ ଗୁଡିକ ନିର୍ମାଣ ହେଉଥିବାରୁ ଗୋଚାରଣ ସ୍ଥାନ ସଂକୀର୍ଣ୍ଣ ହେଉଛି । ଫଳରେ ପଂଚାୟତରେ ଥିବା ୪ହଜାରରୁ ଅଧିକ ଗୃହପାଳିତ ପଶୁର ଚାରଣ ସ୍ଥାନ କମିକମି ଆସୁଛି । ଏହି ମାକିଡିଆ ଗାଁରେ ଥିବା ଗୋଚର ଜମିରେ ବହୁ ସାରକାରୀ କାଯ୍ୟାଳୟ ବାରମ୍ବାର ନିର୍ମାଣ ହେଉଛି । ଅନ୍ୟପକ୍ଷରେ ୨୦୧୬ ମସିହାରେ ଜଳେଶ୍ୱର ତହସିଲଦାର କେତେକ ଗୋଚରରେ ଗଢିଉଠିଥିବା ବେଆଇନ୍ ଦୋକାନ ଗୁଡିକୁ ଭଂଗି ଦେଇଥିଲେ । ଗୋଚର ଜମି ସଂପର୍କରେ ସେହି ଗ୍ରାମର ବିବେକ ପ୍ରିୟଦର୍ଶନୀ ପ୍ରଧାନ ସୂଚନା ଅଧିକାର ଆଇନ୍ ବଳରେ ଓ ସେହି ସ୍ଥାନରେ ଗଢି ଉଠିଥିବା କାର୍ଯ୍ୟାଳୟ ଗୁଡିକ କେତେ ସ୍ଥାନ ନେଇଛନ୍ତି ସେ ସଂପକରେ ତଥ୍ୟ ମିଗିଛନ୍ତି । ସୂଚନା ଅଧିକାର ଆଇନ୍ ବଳରେ ଏହା ପ୍ରାପ୍ତ ନ ହେବା ପର୍ଯ୍ୟନ୍ତ ସେଠାରେ ନିର୍ମାଣାଧିନ ବିଲ ଗୁଡିକୁ ନ ଦେବାକୁ ଜିଲାପାଳଙ୍କୁ ନିବେଦନ କରିଛନ୍ତି । ଗତ ୧୧-୯-୨୦ରିଖରେ ତାଙ୍କୁ ସୂଚନା ଅଧକାର ଆଇନ୍ ବଳରେ ତାଙ୍କୁ ତଥ୍ୟ ଦିଆଯାଉନଥିବାର ସେ ଜିଲାପାଳ ଓ ସୂଚନ ଅଧିକାର କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହା ନ ହେଲେ ସେ ଆଇନ୍‌ର ଆଶ୍ରୟ ନେବେବୋଲି କହିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo